



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



**ଜିଲ୍ଲା ପ୍ରତିନିଧି ଆବଶ୍ୟକ**

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**

Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 258 | ଭାଗ ୩୩ | ସଂଖ୍ୟା ୨୫୮ | Thursday 11 December 2025 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୧୧ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଭାରତ ପାଇଁ ଐତିହାସିକ ଦିନ

## ଦୀପାବଳିକୁ ୟୁନେସ୍କୋ ମାନ୍ୟତା




ନୂଆଦିଲ୍ଲୀ, ୧୦।୧୨: ଭାରତ ପାଇଁ ଏକ ଐତିହାସିକ ଦିନ। ଦୀପାବଳିକୁ ଆନୁଷ୍ଠାନିକ ଭାବରେ ୟୁନେସ୍କୋର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ମିଳିଛି। ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ଅନୁଷ୍ଠିତ ୟୁନେସ୍କୋର ଆନ୍ତଃ ସରକାରୀ କମିଟିର ୨୦ତମ ଅଧିବେଶନରେ ଏହି ଘୋଷଣା କରାଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ଖୁସି ପ୍ରକାଶ କରି ଏକ ପୋଷ୍ଟରେ କହିଛନ୍ତି ଯେ, ଭାରତ ଏବଂ ବିଶ୍ୱର ଲୋକମାନେ ଏହି ଖବର ପାଇଁ ଉତ୍ସାହିତ ଏବଂ ଗର୍ବିତ। ଆମ ପାଇଁ, ଦୀପାବଳି କେବଳ ଏକ ପର୍ବ ନୁହେଁ, ବରଂ ଆମର ସଂସ୍କୃତି ଏବଂ ମୂଲ୍ୟବୋଧ ସହିତ ଗଭୀର ଭାବେ ଜଡିତ। ଏହା ଆମର ସଭ୍ୟତାର ଆତ୍ମା। ଏହା ଆଲୋକ ଓ ଧାର୍ମିକତାର ପ୍ରତୀକ। ୟୁନେସ୍କୋର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ଦୀପାବଳିର ଅନ୍ତର୍ଭୁକ୍ତି ଏହି ପର୍ବକୁ ବିଶ୍ୱ ସ୍ତରରେ ଆହୁରି ଲୋକପ୍ରିୟ କରିବ। ପ୍ରଭୁ ଶ୍ରୀ ରାମଙ୍କ ଆଦର୍ଶ ଆମକୁ ସର୍ବଦା ମାର୍ଗଦର୍ଶନ କରିଚାଲିବ। ଭାରତର ମୋଟ ୧୬ଟି ସାଂସ୍କୃତିକ ପରମ୍ପରା ୟୁନେସ୍କୋରେ ସାମିଲ ହୋଇଛି। ପୂର୍ବରୁ କୁମ୍ଭମେଳା, ଯୋଗ, ବୈଦିକ ସଂକୀର୍ତ୍ତନ, ରାମଲୀଳା, କୋଲକାତାର ଦୁର୍ଗା ପୂଜା, ଗୁଜରାଟର ଗରବା, କେରଳର ମୁଦିୟେଟ୍ଟୁ, ଓଡ଼ିଶାର ଛଉ ନୃତ୍ୟ, ବୌଦ୍ଧ ସଂକୀର୍ତ୍ତନର ହିମାଳୟ ପରମ୍ପରା, ନବରୋଜ୍ ଏବଂ ସଂକ୍ରାନ୍ତି, ପୋଙ୍ଗଲ ଏବଂ ବୈଶାଖୀ ଭଳି ପର୍ବ ଅନ୍ତର୍ଭୁକ୍ତ।

### ମହାନଦୀ ଜଳ ବିବାଦ: ସମାଧାନ ପାଇଁ ଅଣ୍ଟା ଭିଡ଼ିଲେ ମୁଖ୍ୟମନ୍ତ୍ରୀ

**ମୋହନଙ୍କ ମାଷ୍ଟର ଷ୍ଟ୍ରୋକ୍**

# କେଭିଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ କମିଟି

- କମିଟିରେ ଅଛନ୍ତି ଆଉ ୩ ମନ୍ତ୍ରୀ ଓ ୪ ସଚିବ
- ନୀତିଗତ ଦିଗଦର୍ଶନ ଦେବ ଉଚ୍ଚସ୍ତରୀୟ କମିଟି
- ପୂର୍ବରୁ ଯୁଗ୍ମ ବୈଷୟିକ କମିଟିରେ ହୋଇଛି ଆଲୋଚନା





ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦୀର୍ଘ ସମୟ ଧରି ମହାନଦୀ ଜଳ ବିବାଦ ଲାଗି ରହିଛି। ତେବେ ମହାନଦୀ ଜଳ ବିବାଦ ପାଇଁ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗଠନ ହେଲା ଉଚ୍ଚସ୍ତରୀୟ କମିଟି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ୭ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ଦୁଇ ରାଜ୍ୟ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ତ୍ୱରିତ ସମାଧାନ ପାଇଁ ଏହି କମିଟି ଗଠନ କରାଯାଇଛି। ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ଙ୍କଠାରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ଏବଂ ମହାନଦୀ ଜଳ ବିଷୟର ଜଟିଳତା ଓ ଭାବପ୍ରବଣତାର ଗୁରୁତ୍ୱ ଦେଇ ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟି ମହାନଦୀ ଜଳ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ ଏବଂ ରାଜ୍ୟର ବୈଷୟିକ ଏବଂ ପ୍ରଶାସନିକ ସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକ ନୀତିଗତ ଦିଗଦର୍ଶନ ପ୍ରଦାନ କରିବ।

ଏଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ, ବିଜେପି ବିଧାୟକ ଜୟନାରାୟଣ ମିଶ୍ର, କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ସଦସ୍ୟ ରହିଛନ୍ତି। ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ମାମଲା ଏବେ ଟ୍ରିବ୍ୟୁନାଲର ବିଚାରଧିନ। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏବଂ ଛତିଶଗଡ଼ରେ ସରକାର ପରିବର୍ତ୍ତନ ହେଲା ପରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଭିତରେ ଅନୌପଚାରିକ ଭାବେ ଆଲୋଚନା ହୋଇଥିଲା। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ହୋଇଥିବା ପୂର୍ବାଞ୍ଚଳ ଜୋନାଲ ସ୍ତରୀୟ ବୈଠକରେ ମଧ୍ୟ ଆଲୋଚନା ହୋଇଥିଲା। ଯେଉଁଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ➪ପୃଷ୍ଠା-୬

**ତିରୁପତି ମନ୍ଦିର: ନକଲି ଘିଅ ପରେ ଶାଲ୍ କେଲେଙ୍କାରୀ**

# ଠକିନେଲେ ୫୪ କୋଟି

**୧୦ ବର୍ଷ ଧରି ଠକିଆସିଛନ୍ତି କଣ୍ଟ୍ରାକ୍ଟର**

**ପୃଥକ୍ ଲ୍ୟାବ୍‌ରେ ଟେଷ୍ଟ୍ ପରେ ଦୁର୍ନୀତି ସ୍ପଷ୍ଟ**



ନୂଆଦିଲ୍ଲୀ, ୧୦।୧୨: ଆନ୍ଧ୍ର ପ୍ରଦେଶର ପ୍ରସିଦ୍ଧ ତିରୁପତି ବାଲାଜୀ ମନ୍ଦିରରେ ପୁଣି ଏକ ବଡ଼ ଧରଣର ଦୁର୍ନୀତି ପଦାକୁ ଆସିଛି। ପୂର୍ବରୁ ନକଲି ଘିଅ ପ୍ରସଙ୍ଗରେ ତିରୁପତି ମନ୍ଦିର ଚର୍ଚ୍ଚାକୁ ଆସିଥିବା ବେଳେ ଏବେ ଶାଲ୍ କିଣା ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ତିରୁମାଳା ମନ୍ଦିରର ପରିଚାଳନା ଦାୟିତ୍ୱ ନେଇଥିବା ତିରୁମାଳା ତିରୁପତି ଦେବସ୍ଥାନମ (ଟିଟିଡି)ର ଆଭ୍ୟନ୍ତରୀଣ ଯାଞ୍ଚରୁ ଏହି ଦୁର୍ନୀତି ନେଇ ସୂଚନା ମିଳିଛି। ଜନୈକ କଣ୍ଟ୍ରାକ୍ଟର ଲଗାତାର ୧୦ ବର୍ଷ ହେବ ୧୦୦ ପ୍ରତିଶତ ପଲିଷ୍ଟର ଶାଲ୍‌କୁ ଶୁଦ୍ଧ ସିଲ୍କ ଶାଲ୍ କହି ବିକ୍ରି କରିଆସୁଥିଲେ। ଗତ ୨୦୧୫ରୁ ୨୦୨୫ ପର୍ଯ୍ୟନ୍ତ ପୂରା ଏକ ଦଶନ୍ଧି ଧରି ଉକ୍ତ କଣ୍ଟ୍ରାକ୍ଟର ଏହି ଶାଲ୍ ଯୋଗାଇ ଅଦ୍ୟାବଧି ପାଖାପାଖି ୫୪ କୋଟି ଟଙ୍କା ଠକିନେଇଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ଟିଟିଡିର ଅନ୍ତରୀଣ ଯାଞ୍ଚ ରିପୋର୍ଟରେ କୁହାଯାଇଛି ଏହି ସମ୍ପୃକ୍ତ କଣ୍ଟ୍ରାକ୍ଟର ଜଣଙ୍କ ୧୦୦ ପ୍ରତିଶତ ପଲିଷ୍ଟର ଶାଲ୍‌କୁ ୧୦୦ ପ୍ରତିଶତ ଶୁଦ୍ଧ ମଲବରୀ ସିଲ୍କ ଶାଲ୍ କହି ଗତ ୧୦ ବର୍ଷ ହେବ ଯୋଗାଇ ଆସୁଥିଲେ। ଅର୍ଥାତ୍ ପଲିଷ୍ଟର ଶାଲ୍ ଦେଇ ସେ ସିଲ୍କ ଶାଲ୍‌ର ଦାମ୍ ନେଉଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ବି.ଆର ନାଇଡୁଙ୍କ ନେତୃତ୍ୱରେ ଟିଟିଡି ବୋର୍ଡ ଉକ୍ତ ଶାଲ୍‌ର କ୍ୱାଲିଟି ଉପରେ ଚିନ୍ତା ପ୍ରକାଶ କରିବା ପରେ ଏ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ➪ପୃଷ୍ଠା-୬

### ହଟିବ ବେଆଇନ ଖଣି ଖନନ ଜରିମାନା ରହିତାଦେଶ

# ଶୁଣାଣି ପାଇଁ ହେବ ସ୍ୱତନ୍ତ୍ର ଖଣ୍ଡପୀଠ

- ହାଇକୋର୍ଟଙ୍କୁ ସୁପ୍ରିମ୍‌କୋର୍ଟଙ୍କ ପରାମର୍ଶ
- ୨୦୨୬ ମାର୍ଚ୍ଚ ୩୧ ଡେଡ୍‌ଲାଇନ୍




ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ରାଜ୍ୟରେ ବେଆଇନ ଭାବେ ଖଣି ଖନନ କରିଥିବା ଲିଜ୍‌ଧାରୀମାନଙ୍କ ସମସ୍ୟା ବଢ଼ିବା ଭଳି ଲାଗୁଛି। କାରଣ ଆଜି ସୁପ୍ରିମ୍‌କୋର୍ଟ ଏପରି ବେଆଇନ୍ ଖଣି ଖନନ କରି ଧରାପଡ଼ିଥିବା ମାଫିଆମାନଙ୍କଠାରୁ ଆଦାୟ ହେବାକୁ ଥିବା ଜରିମାନା ଉପରେ ଲାଗିଥିବା ରହିତାଦେଶ ହଟାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏନେଇ ସୁପ୍ରିମ୍‌କୋର୍ଟ ଆଜି ଓଡ଼ିଶା ହାଇକୋର୍ଟଙ୍କୁ ଏ ସଂକ୍ରାନ୍ତରେ ପରାମର୍ଶ ଦେଇଛନ୍ତି। ଉକ୍ତ ପରାମର୍ଶରେ କୁହାଯାଇଛି ଯେ ତୁରନ୍ତ ଏପରି ଜରିମାନା ଆଦାୟ ଉପରେ ଲାଗିଥିବା ରହିତାଦେଶ ହଟାଇବା ସକାଶେ ଓଡ଼ିଶା ହାଇକୋର୍ଟ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ ପୂର୍ବକ ଶୁଣାଣି କରନ୍ତୁ। ଏହିପରି ମାମଲାର ଶୁଣାଣି ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସାରିବାକୁ ମଧ୍ୟ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଯଦି କୌଣସି ମାମଲାର ଶୁଣାଣିରେ କିଛି ବି ସମସ୍ୟା ଥାଏ, ତା'ହେଲେ ଏଥିରେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିବା ସକାଶେ ମଧ୍ୟ ସୁପ୍ରିମ୍‌କୋର୍ଟ କହିଛନ୍ତି।

ମିଳିଥିବା ସୂଚନାନୁସାରେ, ଓଡ଼ିଶାରେ ବେଆଇନ୍ ଖଣି ଖନନ ଜନିତ ଜରିମାନା ବାବଦରେ ପାଖାପାଖି ୨୭୦୦ କୋଟି ଟଙ୍କା ଅନାଦେୟ ରହିଛି। ଏହିସବୁ ମାମଲା ଉପରେ ରହିତାଦେଶ ଜାରି ରହିଛି। ସୁପ୍ରିମ୍‌କୋର୍ଟଙ୍କ ଜଷ୍ଟିସ୍ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ଏଜି ମସିଙ୍କୁ ନେଇ ଗଠିତ ଖଣ୍ଡପୀଠ ବେଆଇନ ଲିଜ୍‌ଧାରୀଙ୍କ ଉପରେ ବକେୟା ପଡ଼ିଥିବା ଜରିମାନା ଅର୍ଥ ଆଦାୟ ସକାଶେ ଦାଏର୍ ଏକ ➪ପୃଷ୍ଠା-୬

**● ଆନ୍ଦୋଳନକାରୀ ଶିକ୍ଷକଙ୍କୁ କଡ଼ା ଚେତାବନୀ**

# ଅମାନିଆ ହେଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ଆନ୍ଦୋଳନକାରୀ ଶିକ୍ଷକଙ୍କୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଦେଇଛନ୍ତି କଡ଼ା ଚେତାବନୀ। ଯେଉଁମାନେ ଅମାନିଆ ହେବେ ସେମାନଙ୍କ ବିରୋଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ମିଳିଥିବା ସୂଚନା ଅନୁସାରେ, ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ସରକାର ଶିକ୍ଷକଙ୍କ ଦାବି ଉପରେ ବିଚାର କରୁଛନ୍ତି। ଯେଉଁ ଦାବିଗୁଡ଼ିକ ପୂରଣ କରାଯାଇପାରିବ, ସେସବୁ ଆଗାମୀ ଦିନରେ ନିଶ୍ଚିତ ଭାବେ ପୂରଣ ହେବ। ବିଜେପି ସରକାର ସବୁବେଳେ ଶିକ୍ଷକଙ୍କ ସହ ଅଛନ୍ତି। କିନ୍ତୁ ପିଲାଙ୍କ ପଠାପଢ଼ାରେ ଅବହେଳା ହେଲେ ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ। ଯେଉଁମାନେ ପିଲାଙ୍କ ପାଠପଢ଼ାରେ ଅବହେଳା କରି ଆନ୍ଦୋଳନ କରୁଛନ୍ତି, ସେମାନେ କଦାପି ଠିକ୍ କରୁନାହାନ୍ତି ବୋଲି ଧରିନେବାକୁ ହେବ। ତା'ଛଡ଼ା ଜୋର୍‌ଜବରଦସ୍ତି ଦାବି ପୂରଣ ପାଇଁ ସରକାରଙ୍କ ଉପରେ ଅଯଥା ଚାପ ସୃଷ୍ଟି କଲେ ବି କିଛି ଫାଇଦା ମିଳିବ ନାହିଁ। ଯାହା ଉଚିତ, ତାହା ସରକାର ନିଶ୍ଚିତ କରିବେ। ତେଣୁ ଶିକ୍ଷକମାନେ ଅମାନିଆ ନ ହୋଇ ନିଜର କର୍ତ୍ତବ୍ୟ ଉପରେ ଫୋକସ୍ କରିବାକୁ ମନ୍ତ୍ରୀ ଶ୍ରୀ ଗଣ୍ଡ ପରାମର୍ଶ ଦେଇଛନ୍ତି। ଏଥିସହ କର୍ତ୍ତବ୍ୟରେ ଅବହେଳା କଲେ, ଏହାକୁ ସରକାର ଆଦୌ ବରଦାସ୍ତ କରିବେ ନାହିଁ ବୋଲି ସେ ରୋକ୍‌ଠୋକ୍ ଶୁଣାଇଛନ୍ତି। ସୂଚନାଯୋଗ୍ୟ ଯେ ଗୋଟିଏ ଶିକ୍ଷକ ସଂଘର ଆନ୍ଦୋଳନ ପରେ ଆଉ ଗୋଟିଏ ସଂଘ ଅର୍ଥାତ୍ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ଏବେ ଆନ୍ଦୋଳନକୁ ଓହ୍ଲାଇଛି। ପ୍ରତିଶ୍ରୁତିକୁ ୪ ମାସ ବିତିଯାଇଥିଲେ ବି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇ ନଥିବାରୁ ଏନେଇ ଅସନ୍ତୋଷ ପ୍ରକାଶ କରିବା ସହ ଆଜିଠାରୁ ସଂଘ ପକ୍ଷରୁ ଲୋୟର୍ ପିଏମଜିରେ ଧାରଣା ଆରମ୍ଭ ହୋଇଛି। ତେବେ ବିଭାଗୀୟ ମନ୍ତ୍ରୀଙ୍କ କଡ଼ା ଚେତାବନୀ କେତେଦୂର ଆନ୍ଦୋଳନକାରୀ ଶିକ୍ଷକମାନଙ୍କ ଉପରେ ପଡୁଛି, ତାହା ଆଗାମୀ ଦିନରେ ଜଣାପଡ଼ିବ।



**■ ୧୮ ଦଫା ଦାବି ନେଇ ଓମ୍‌ସାର ଚେତାବନୀ**

## ଜାନୁଆରୀରୁ ଓମ୍‌ସାର କାର୍ଯ୍ୟବନ୍ଦ ଆନ୍ଦୋଳନ

ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ଆସନ୍ତା ମାସରେ ରାଜ୍ୟର ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛି ଓଡ଼ିଶା ମେଡିକାଲ୍ ସେବା ସଂଘ (ଓମ୍‌ସା)। ୧୮ ଦଫା ଦାବି ପୂରଣ ପାଇଁ ଦୀର୍ଘ ଦିନ ଧରି ସଂଘର୍ଷ କରିଆସୁଥିବା ଓମ୍‌ସା ଏପରି କଠୋର ନିଷ୍ପତ୍ତି ନେଇଛି। ଏପରିକି ଜାନୁଆରୀରେ ହେବାକୁ ଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ସମୟରେ ଡାକ୍ତରମାନେ ଓପିଡି ସେବାରେ ବି ଯୋଗଦେବେ ନାହିଁ ବୋଲି ଓମ୍‌ସା ପକ୍ଷରୁ ରାଜ୍ୟ ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ ଯେପର୍ଯ୍ୟନ୍ତ ରାଜ୍ୟ ସରକାର ଡାକ୍ତରମାନଙ୍କ ଦାବି ପୂରଣ ନ କରିଛନ୍ତି, ସେ ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ। ୧୮ ଦଫା ଦାବି ପୂରଣ ପାଇଁ ଓମ୍‌ସା ଦୀର୍ଘ ଦିନ ଧରି ଦାବି କରିଆସୁଛି। ବିଗତ ଦିନରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ସହ ଏ ସଂକ୍ରାନ୍ତରେ ଓମସା ପକ୍ଷରୁ ଆଲୋଚନା ମଧ୍ୟ ହୋଇଛି। ସେତେବେଳେ ଉକ୍ତ ଦାବିଗୁଡ଼ିକ ପୂରଣ କରିବା ➪ପୃଷ୍ଠା-୬

**■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

## ସରପଞ୍ଚ ପ୍ରାର୍ଥୀ ଓଡ଼ିଆ ପଢ଼ିବା, ଲେଖିବା ଜରୁରୀ

କଟକ, ୧୦।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କୁ ଓଡ଼ିଆ ଭାଷା ପଢ଼ିବା ଏବଂ ଲେଖିବା ଜରୁରୀ ବୋଲି ମତ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ଓଡ଼ିଆରେ ସାକ୍ଷରତା ଅଭାବରୁ ବିଷ୍ଣୁପୁର ପଞ୍ଚାୟତର ମହେଶ୍ୱର ଜେନାଙ୍କ ଅଯୋଗ୍ୟତାକୁ ହାଇକୋର୍ଟ କାଏମ ରଖିବା ସହ ହାଇକୋର୍ଟ ଉପରୋକ୍ତ ରାୟ ଦେଇ ସାନି ନିର୍ବାଚନ ପାଇଁ ବାଟ ଫିଟାଇଛନ୍ତି। ଏହି ➪ପୃଷ୍ଠା-୬

# ପ୍ରେମ ପାଇଁ ବ୍ଲାକମାର୍କ



**ଚର୍ଚ୍ଚାରେ ନିଶୁଆ ବାବୁଙ୍କ ଆକ୍ସନ**

**ନିଜେ କଲେ ଭଲ, ଆଉ କିଏ କଲେ ମଲ**

ଆପଣ ତ୍ରିକୋଣୀୟ ପ୍ରେମ ସମ୍ପର୍କରେ ଶୁଣିଥିବେ। କିନ୍ତୁ ୪ ଜଣଙ୍କ ପ୍ରେମ ପାଇଁ ଏବେ ପୁଲିସ କମ୍ୟୁନିକେସନରେ ତୁମ୍ବିତୋଫାନ। ପୂରା ଘଟଣା ସମ୍ପର୍କରେ ଆସନ୍ତୁ ଜାଣିବା। କମ୍ୟୁନିକେସନ ଓ୍ୱାରଲେସ ବିଭାଗରେ କାର୍ଯ୍ୟରତ ଜଣେ ମହିଳା ଡିଏସପି ଓ ଏଏସଆଇଙ୍କ ଭିତରେ ବିଗତ କିଛି ବର୍ଷ ହେଲା ବେଶ ନିବିଡ ସମ୍ପର୍କ। ଟିକେ ଫାଙ୍କା ପାଇଲେ ଦୁହେଁ ଏକ ହୋଇଯାଆନ୍ତି। ଛୁଟିରେ ହେଡକ୍ୱାର୍ଟର ଛାଡ଼ି ବାହାରେ ସମୟ ବିତାନ୍ତି। ଡିପାର୍ଟମେଣ୍ଟରେ କାମ କରୁଥିବା ସମସ୍ତଙ୍କୁ ଏକଥା ଜଣା। କିଛି ଦିନ ତଳେ ବିଭାଗର ଜଣେ ନିଶୁଆ ବାବୁ ଅଧସ୍ତନ କର୍ମଚାରୀଙ୍କ ପ୍ରେମ ସମ୍ପର୍କ ବିଷୟରେ ଜାଣିବାକୁ ପାଇଲେ। ତୁରନ୍ତ ମହିଳା ଡିଏସପି ଜଣଙ୍କୁ ନିଜ ଚାମ୍ବରକୁ ଡାକି ତାଗିଦା କଲେ। ଏସବୁରୁ ନିବୃତ ରହିବାକୁ ବି କହିଲେ। କିନ୍ତୁ ମ୍ୟାଡାମ ବୁଝିବା ବଦଳରେ ସିଧା ସିଧା ଶୁଣାଇଦେଲେ। ନିଶୁଆ ସାହେବଙ୍କର ଜଣେ ମହିଳା ଆଇଆଇସିଙ୍କ ସହ କୁଆଡ଼େ କ୍ଷୀର-ନୀର ସମ୍ପର୍କରେ ମୁହେଁ ମୁହେଁ କହିଲେ। ନିଜର ପ୍ରେମ କଥା ସର୍ବସାଧାରଣରେ ଶୁଣି ନିଶୁଆ ସାହେବ ରାଗିପାଚି ଲାଲ୍। ସିଧାସଳଖ ଡିଏସପିଙ୍କ ପ୍ରେମିକଙ୍କୁ ପାନେ ଦେବାକୁ ପ୍ଲାନ୍ କଲେ। ଆଉ ଶେଷରେ ଦେଲେ ମଧ୍ୟ। ଏଏସଆଇ କୁଆଡ଼େ ଭଲ କାମ କରନ୍ତିନାହିଁ। ଅଫିସ ନିତିଦିନ ଆସନ୍ତିନି। ଏଭଳି ଅଭିଯୋଗ ଆଣି ନିଶୁଆ ସାହେବ ଜଣଙ୍କ ଏଏସଆଇଙ୍କୁ ଗୋଟିଏ ବ୍ଲାକମାର୍କ ଦେଇଛନ୍ତି। ଯାହା ଫଳରେ ୫ ବର୍ଷ ଯାଏଁ ତାଙ୍କର ପ୍ରମୋସନ ହେବନାହିଁ। ସେପଟେ ଏଭଳି ପନିଶ୍‌ମେଣ୍ଟ ପାଇବା ପରେ ଏଏସଆଇ ଜଣଙ୍କ କହୁଛନ୍ତି, 'ଗଙ୍ଗା ଗଲି ଯେତିକି, ଫଳ ପାଇଲି ସେତିକି।'

**ସତ ହେବାକୁ ଯାଉଛି 'ସଂଚାର'ର ପୂର୍ବାନୁମାନ**

# ଭକ୍ତଙ୍କ ନେତୃତ୍ୱକୁ ମୋକିମଙ୍କ ଖୋଲା ଚ୍ୟାଲେଞ୍ଜ

- ଦକ୍ଷତା ଭିତ୍ତିରେ ନେତା ବଛା ହେଉନାହାଁନ୍ତି
- ରାହୁଲ ଗାନ୍ଧିଙ୍କୁ ଭେଟିପାରୁନାହାଁନ୍ତି ନେତା
- ନେତା ଓ କର୍ମୀଙ୍କ ଭିତରେ ବଢୁଛି ଦୂରତା
- ଯୁବକଙ୍କୁ ଯୋଡ଼ିବାରେ ଫେଲ ମାରିଛି କଂଗ୍ରେସ

ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ସତ ହେବାକୁ ଯାଉଛି 'ସଂଚାର'ର ପୂର୍ବାନୁମାନ, କଂଗ୍ରେସ ଦଳ ଛାଡ଼ିବା ପୂର୍ବରୁ ଦଳର ସର୍ବୋଚ୍ଚ ନେତାଙ୍କୁ ଚ୍ୟାଲେଞ୍ଜ କରିଛନ୍ତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ। ଏଆଇସିସିର ପୂର୍ବତନ ସଭାନେତ୍ରୀ ସୋନିଆ ଗାନ୍ଧିଙ୍କୁ ଲେଖିଥିବା ଏକ ଚାରି ପୃଷ୍ଠବିଶିଷ୍ଟ ଚିଠିରେ ସେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ କେସି ଭେନୁଗୋପାଳ ଓ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ଦଳର ବିପର୍ଯ୍ୟୟ ପାଇଁ ସିଧାସଳଖ ଦାୟୀ କରିଛନ୍ତି। ଏବେ କଂଗ୍ରେସକୁ କେବଳ ପ୍ରିୟଙ୍କା ଗାନ୍ଧି ହିଁ ଭରସା ବୋଲି ସେ ଖୋଲାଖୋଲି କହିବାକୁ ବି ପଛାଇନାହାନ୍ତି। ସୋନିଆଙ୍କୁ ଲେଖିଥିବା ଆବେଗଭରା ଚିଠିରେ ମୋକିମ୍ ପରୋକ୍ଷ ସଙ୍କେତ ଦେଇଛନ୍ତି। ସେ ଲେଖିଛନ୍ତି ଯେ ଏବେ କଂଗ୍ରେସ ଦଳ ପାଇଁ ସତର୍କର ଘଣ୍ଟି ବାଜୁଛି। ଓଡ଼ିଶାରେ ଦଳ କ୍ରମାଗତ ଭାବେ ୬ ଥର ପରାଜୟ ବରଣ କରିସାରିଛି। ଦଳର ସ୍ଥିତି ଭୌଗୋଳିକ, ସାଙ୍ଗଠନିକ ଓ ଭାବପ୍ରବଣତାରେ କମୁଛି। ଦଳରେ ଘନିଷ୍ଠ କର୍ମୀଙ୍କୁ ଅଣଦେଖା କରାଯାଉଛି। ବୁଥରୁ ନେଇ ବ୍ଲକ, ଜିଲ୍ଲା ଏବଂ ରାଜ୍ୟ ସବୁଠୁ କଂଗ୍ରେସ କର୍ମୀଙ୍କୁ ଅଣଦେଖା କରାଯାଉଛି। ବିଶ୍ୱସ୍ତ କଂଗ୍ରେସ କର୍ମୀ ଦଣ୍ଡ ପାଉଛନ୍ତି। କ୍ରମାଗତ ଭାବେ ଭୁଲ ନିଷ୍ପତ୍ତି, ଭୁଲ ଲୋକ ହାତରେ ଦଳର କ୍ଷମତା ଯୋଗୁଁ ସାଙ୍ଗଠନିକ ଦୂରତା ବଢ଼ିବାରେ ଲାଗିଛି। ଏହି ସମସ୍ୟା ➪ପୃଷ୍ଠା-୬


ସଂଚାର THE SANCHAR

Sanchar 05-12-2025_1 05 Dec 2025

**ଓୱେସୀଙ୍କ ଷ୍ଟାଇଲ୍‌ରେ ମୋକିମ୍‌ଙ୍କ ନୂଆ ଦଳ!**

- ମୁସଲିମ ଭୋଟ୍ ଏକାଠି କରିବେ
- ଭବିଷ୍ୟତ ଚେହେରା ହେବେ ସୋଫିଆ

**କାନ ଡେରିଥା**



ନକଲି ପ୍ରେମରେ ଡିଜିଟାଲ ଯୁଗ
ମଣିଷ ହୁଏ ନକଲି
AI ସବୁଠି ଏମିତି କରୁଛି
ଦେଖିଲେ ଲାଗେ ଅସଲି
ସମ୍ପର୍କ ଏଠି ଦଲାଲି...
ସବୁଠି ସବୁଠି ନକଲି ଚାଲିଛି
ମା କେବଳ ଅସଲି ।

■ *ଦେବାଶିଷ*

# ନୂଆ ବର୍ଷରେ ତିନି ଦଳର ନବକଳେବର

ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ନୂଆବର୍ଷରେ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସରେ ନବକଳେବର ହେବା ନେଇ ସୂଚନା ମିଳିଲାଣି। ବିଜେଡିରେ କ୍ଷମତା ହସ୍ତାନ୍ତର ପାଇଁ

**ଦଳ ବଦଳ ପାଇଁ ଚାଲିଛି ପ୍ରସ୍ତୁତି**

**ନେତା ରହିବେ, କର୍ମୀ ଡେଇଁବେ**

ପ୍ରକ୍ରିୟା ଚାଲିଥିବା ବେଳେ ବିଜେପିରେ ନିଗମ ନିଯୁକ୍ତି ଓ ନୂଆ ମନ୍ତ୍ରୀ ଏବଂ କଂଗ୍ରେସରେ ଖାଲି ପଡ଼ିଥିବା ଶାଖାରେ ନିଯୁକ୍ତି ପାଇଁ କସରତ ଜାରି ରହିଛି। ତେଣୁ ନୂଆବର୍ଷରେ ପ୍ରତ୍ୟେକ ଦଳର ନେତା ଓ କର୍ମୀମାନେ ନୂଆ ଖବର ପାଇବେ ବୋଲି ଆଶା ବାନ୍ଧି ବସିଛନ୍ତି।







ନୂଆପଡ଼ା ପରାଜୟ ପରେ ବିଜେଡିରେ ଉଠିଛି ପରାଜୟର ସମୀକ୍ଷା ଓ ବିଜେଡିର କ୍ଷମତା ହସ୍ତାନ୍ତର ନେଇ। ଏହାକୁ ନେଇ ଦଳ ଏବେ ଏକପ୍ରକାର ଦୁଇ ଫାଳ। ଗୋଟିଏ ଗୋଷ୍ଠୀ କହୁଛନ୍ତି ନବୀନ ମୁଖିଆ ରୁହନ୍ତୁ, ହେଲେ ଦଳର ଦୈନନ୍ଦିନ କାର୍ଯ୍ୟ ପାଇଁ କାହାକୁ କ୍ଷମତା ହସ୍ତାନ୍ତର କରନ୍ତୁ। ଏଥିସହ ନୂଆପଡ଼ାରେ କାହିଁକି ଦଳ ତୃତୀୟ ସ୍ଥାନରେ ରହି ଲଜ୍ଜାଜନକ ପରାଜୟ ବରଣ କଲା, ତା'ର ସମୀକ୍ଷା ହେବା ଦରକାର। କିନ୍ତୁ ଅନ୍ୟ ଗୋଷ୍ଠୀ କ୍ଷମତା ହସ୍ତାନ୍ତ ସପକ୍ଷରେ ନାହାନ୍ତି। ତେଣୁ ଏହାକୁ ନେଇ ଦଳ ଭିତରେ ଚାଲିଛି ମହାଭାରତ।

ଶାସକ ବିଜେପିରେ ଯଦିଓ ସେଭଳି ସମସ୍ୟା ନାହିଁ, କିନ୍ତୁ ସରକାର ଗଠନ ହେବାର ୧୬ ମାସ ବିତିଯାଇଥିଲେ ମଧ୍ୟ ଖାଲି ପଡ଼ିଥିବା ନିଗମ ଓ ଅନ୍ୟ ସରକାରୀ ସଂସ୍ଥାରେ ନିଯୁକ୍ତି ପାଇଁ ନେତା ଓ କର୍ମୀମାନେ ଏବେ ବି ଚାହିଁବସିଛନ୍ତି। ବାରମ୍ବାର କଣ୍ଟ ଦିଆଯିବା ସତ୍ତ୍ୱେ ଏମାନଙ୍କୁ ନିଯୁକ୍ତି ମିଳୁନାହିଁ। ଅନେକଙ୍କର ଧୈର୍ଯ୍ୟବନ୍ଧ ଭାଙ୍ଗିବାରେ ଲାଗିଛି। ଆଶାୟୀଙ୍କ ନଜର ମନ୍ତ୍ରୀ ପାହ୍ୟା ଥିବା ଯୋଜନା ବୋର୍ଡ ଅଧ୍ୟକ୍ଷ ଓ ସଦସ୍ୟ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଭଳି ଓଜନିଆ ସଂସ୍ଥା ଉପରେ ରହିଛି। ସେହିଭଳି ମନ୍ତ୍ରିମଣ୍ଡଳରେ ଖାଲି ପଡ଼ିଥିବା ୬ଟି ପଦବୀକୁ ନେଇ ମଧ୍ୟ କିଛି ବିଧାୟକ ଆଶାବାଦୀ ଅଛନ୍ତି। ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ରାଜ୍ୟବାସୀ ବି ଚାତକ ଭଳି ଚାହିଁ ବସିଛନ୍ତି।

କଂଗ୍ରେସ କଥା କିନ୍ତୁ ଟିକେ ନିଆରା। ନୂଆପଡ଼ା ଉପନିର୍ବାଚନରେ ରନର୍ସଅପ୍ ହୋଇ ବାହାସ୍ଫୋଟ ମାରିବା ପରେ ଏବେ ଦଳ ଭିତରେ ଆରମ୍ଭ ହୋଇଯାଇଛି ତୁତୁ ମେଁମେଁ। ବରିଷ୍ଠ ନେତା ନରସିଂହ ମିଶ୍ର ତାଙ୍କୁ ଦଳରେ ଅଣଦେଖା କରାଯାଉଥିବା କହିବା ପରେ ତାଙ୍କ ସପକ୍ଷରେ ନିରଞ୍ଜନ ପଟ୍ଟନାୟକଙ୍କ ଭଳି ନେତା ବାହାରିଛନ୍ତି। ପୂର୍ବତନ ବିଧାୟକ ତଥା ଦଳର ବରିଷ୍ଠ ନେତା ମହମ୍ମଦ ମୋକିମ୍ ଏବେ ଖୋଲାଖୋଲି ଭାବେ ➪ପୃଷ୍ଠା-୬

# ପଢ଼ାରେ ପଡ଼ିଲା ଅଧ୍ୟକ୍ଷଙ୍କ ରସିକିଆପଣ

## ଅଧ୍ୟାପିକାଙ୍କୁ ପ୍ରେମ ନିବେଦନ, ଥାନାରେ ମାମଲା



**ବୋଲଗଡ଼,୧୦।୧୨(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଦାସ ଜଣେ ନବନିଯୁକ୍ତ ଅଧ୍ୟାପିକାଙ୍କ ମୋବାଇଲ ନମ୍ବରକୁ ମେସେଜରେ ପ୍ରେମ ନିବେଦନ କରିବା ଓ ଏନେଇ ଅନ୍ୟ କାହାକୁ ଜଣାଇଲେ ଚାକିରିରୁ ବହିଷ୍କାର ସହ ଜୀବନ ବରବାଦ କରିଦେବା ନେଇ ଧମକ ଦେଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଅଧ୍ୟାପିକାଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିବା ପରେ ବୋଲଗଡ଼ ପୁଲିସ ୩୧୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଉକ୍ତ ମହାବିଦ୍ୟାଳୟରେ ଅଧ୍ୟାପିକା ଜଣଙ୍କ ନୂତନ ଭାବେ ନିଯୁକ୍ତି ପାଇଥିବା ବେଳେ ଅଧ୍ୟକ୍ଷ ଦାସ ତାଙ୍କ ମୋବାଇଲ ନମ୍ବରରେ ମେସେଜ ମାଧ୍ୟମରେ ପ୍ରେମ ନିବେଦନ କରିଆସୁଥିଲେ। ଏଥିସହ ତାଙ୍କର ଏହି ରସିକିଆପଣ ସମ୍ପର୍କରେ ବାହାରେ ପ୍ରକାଶ ନ କରିବାକୁ ମଧ୍ୟ ସେ ଉକ୍ତ ଅଧ୍ୟାପିକା ଜଣଙ୍କୁ ଧମକ ଦେଉଥିଲେ। ତେବେ ଦିନକୁ ଦିନ ଅଧ୍ୟକ୍ଷ ଶ୍ରୀ ଦାସଙ୍କ ଏପରି ଆଚରଣ ବଢୁଥିବାରୁ ଶେଷରେ ଅଧ୍ୟାପିକା ଜଣଙ୍କ ଏ ସମ୍ପର୍କରେ ଘର ଲୋକଙ୍କୁ ଜଣାଇଥିଲେ। ପରେ ତାଙ୍କ ବାପା ଥାନାରେ ପହଞ୍ଚି ରସିକିଆ ଅଧ୍ୟକ୍ଷଙ୍କ ବିରୋଧରେ ଏତଲା ଦାଏର୍ କରିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ଅଧ୍ୟକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ବିଜେପି କାର୍ଯ୍ୟାଳୟରେ ପ୍ରଦେଶସ୍ତରୀୟ ସାଙ୍ଗଠନିକ କର୍ମଶାଳା

# ବିଜେଡି ମାଧ୍ୟମରେ ଭବିଷ୍ୟତ ଦେଖୁଛନ୍ତି ରାଜ୍ୟବାସୀ

**ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ

**ରାଜ୍ୟ ସହ ଦେଶର ବିକାଶ କରିବ ଦଳ: ବିରଞ୍ଚି**

ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ସହ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ସଂଗଠନ ସହ ସମନ୍ୱୟ କରି ଦେଶ ଓ ଓଡ଼ିଶାର ବିକାଶ କରିବା ପାଇଁ ବିଭିନ୍ନ ସମୟରେ ବିଜେପି ପକ୍ଷରୁ କର୍ମଶାଳା ଆୟୋଜିତ ହୋଇଆସୁଥିବା ବେଳେ ଆଜି ଆଜି ରାଜ୍ୟ କାର୍ଯ୍ୟାଳୟରେ




ପ୍ରଦେଶସ୍ତରୀୟ ସାଙ୍ଗଠନିକ କର୍ମଶାଳ ଅନୁଷ୍ଠିତ ହୋଇଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାବାସୀଙ୍କ ଆଶୀର୍ବାଦ ବିଜେପି ସହ ରହିଛି। ଓଡ଼ିଶାବାସୀ ଏହି ଦଳ ମାଧ୍ୟମରେ ଓଡ଼ିଶାର ଭବିଷ୍ୟତ ଦେଖୁଛନ୍ତି। ଏଥିପାଇଁ ବିଜେପି ନିଷ୍ଠାର ସହ ଲୋକଙ୍କ ସେବା କରୁଛି। ଆଜିର କର୍ମଶାଳା ମାଧ୍ୟମରେ ବିଜେପି ତା'ର ସଂଗଠନକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ କରାଇବା ପାଇଁ ପ୍ରୟାସ ଜାରି ରଖିଛି। ଦେଶ ଓ ରାଜ୍ୟର ବିକାଶରେ କାର୍ଯ୍ୟକର୍ତ୍ତାଙ୍କର କିପରି ସହଯୋଗ ରହିବ, ସେସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଛି। ଏଥିରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ) ବିଏଲ୍ ସନ୍ତୋଷ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉଷେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି ଯୋଗଦେଇ ବିଜେପିର ଆଗାମୀ ଦିନର ରୋଡ ମ୍ୟାପ୍ ପ୍ରସ୍ତୁତ କରିଥିଲେ। ଏଥିସହ ସଂଗଠନକୁ ଆହୁରି ମଜଭୁତ କରିବା ଉପରେ କର୍ମଶାଳାରେ ଆଲୋଚନା କରିଥିଲେ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କର୍ମଶାଳାରେ ସମସ୍ତ ରାଜ୍ୟ ପଦାଧିକାରୀ, ମୋର୍ଚ୍ଚା ସଭାପତି, ଜିଲ୍ଲା ପ୍ରଭାରୀ, ଜିଲ୍ଲା ସଭାପତିମାନେ ଯୋଗଦେଇଥିଲେ।

### ସମ୍ବଲପୁରରେ ରାଜ୍ୟସ୍ତରୀୟ ବିଶ୍ୱ ମାନବ ଅଧିକାର ଦିବସ ପାଳିତ

# ଅଧିକାର ସୁରକ୍ଷିତ ହେଲେ ସମାଜ ସମୃଦ୍ଧ ହୁଏ: ରାଜ୍ୟପାଳ

**ଭୁବନେଶ୍ୱର,୧୦।୧୨(ସଂଚାର ବ୍ୟୁରୋ):** ଅଧିକାର ସୁରକ୍ଷିତ ହେଲେ ସମାଜ ସୁଦୃଢ଼ ହୁଏ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍ପାଟି ମତ ଦେଇଛନ୍ତି। ଆଜି ଓଡ଼ିଶା ମାନବିକ ଅଧିକାର ଆୟୋଗ ପକ୍ଷରୁ ସମ୍ବଲପୁରଠାରେ ଆୟୋଜିତ ବିଶ୍ୱ ମାନବାଧିକାର ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. କମ୍ଭମ୍ପାଟି ଏହା କହିବା ସହ ମାନବାଧିକାରକୁ ବଜାୟ ରଖିବା ପାଇଁ ସାମୂହିକ ପ୍ରତିବଦ୍ଧତା ପାଇଁ ଆହ୍ୱାନ ଜଣାଇଛନ୍ତି। ସମାରୋହରେ ଉଦବୋଧନ ଦେଇ ଅଧିକାରଗୁଡ଼ିକ କେବଳ ଆଇନ ମାଧ୍ୟମରେ ନୁହେଁ, ବରଂ ନାଗରିକ, ଅନୁଷ୍ଠାନ ଓ ଗୋଷ୍ଠୀମାନଙ୍କର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ବିକଶିତ ହେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି।

ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଛନ୍ତି ଯେ ବିଶ୍ୱ ମାନବାଧିକାର ଦିବସ ଏକ ସ୍ମରଣକାରୀ ଦିବସ ଭାବେ କାର୍ଯ୍ୟ କରେ, ଯାହା ସମସ୍ତଙ୍କ ପାଇଁ ନ୍ୟାୟ ଉପଲବ୍ଧ କରାଇବା, ସମାଜରେ ଭେଦଭାବର କୌଣସି ସ୍ଥାନ ନ ରହିବା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନର ସହ ବଞ୍ଚିବାର ସୁଯୋଗ ମିଳିବା ଆବଶ୍ୟକ ବୋଲି ସ୍ମରଣ କରାଇଦିଏ। ଚଳିତ ବର୍ଷର ବିଷୟବସ୍ତୁ 'ମାନବାଧିକାର ଆମର ଦୈନନ୍ଦିନ ଆବଶ୍ୟକତା' ଉପରେ ଆଲୋକପାତ କରି ଶିକ୍ଷା, ଅଭିବ୍ୟକ୍ତିର ସ୍ୱାଧୀନତା, ନିରାପଦ କାର୍ଯ୍ୟ ପରିବେଶ, ଖାଦ୍ୟ, ପାଣି, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଭଳି ଅଧିକାର ମାନବିକ ମର୍ଯ୍ୟାଦାର ମୂଳଦୁଆ ଗଠନ କରେ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଯେତେବେଳେ ଏହି ଅଧିକାରଗୁଡ଼ିକୁ ବଜାୟ ରଖାଯାଏ ସେତେବେଳେ ସମାଜ ସମୃଦ୍ଧ ହୁଏ। ସେହିପରି ଯେତେବେଳେ ପ୍ରତ୍ୟାଖ୍ୟାନ କରାଯାଏ ସମାଜରେ ଅବକ୍ଷୟ ଦେଖାଯାଏ ବୋଲି ରାଜ୍ୟପାଳ କହିଛନ୍ତି।

୧୯୪୮ରେ ମାନବାଧିକାରର ଘୋଷଣାନାମା (ୟୁଡିଏଚ୍‌ଆର୍‌) ଗ୍ରହଣକୁ ମନେ ପକାଇ ରାଜ୍ୟପାଳ କହିଥିଲେ ଯେ ଏହା ମାନବ ସଭ୍ୟତାରେ ଏକ ମୋଡ଼ ପରିବର୍ତ୍ତନ କରିଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ମର୍ଯ୍ୟାଦା, ସ୍ୱାଧୀନତା, ସମାନତା ଏବଂ ନ୍ୟାୟକୁ ନିଶ୍ଚିତ କରୁଛି। ମାନବାଧିକାର ପରିଷଦ ଓ ୟୁନିଭର୍ସାଲ ପିରିଅଡିକ୍ ରିଭ୍ୟୁ, ସ୍ୱତନ୍ତ୍ର ସମ୍ମିଳନୀ ଓ ଉତ୍ତରଦାୟିତ୍ୱ ବ୍ୟବସ୍ଥା ମାଧ୍ୟମରେ ଏକ ଦୃଢ଼ ବିଶ୍ୱ ମାନବାଧିକାର ଢାଞ୍ଚା ନିର୍ମାଣ ପାଇଁ ଜାତିସଂଘକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଓଡ଼ିଶା ମାନବାଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀଙ୍କ ନେତୃତ୍ୱରେ ଆୟୋଗର କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଜଷ୍ଟିସ ପୂଜାହାରୀ, ମାନବାଧିକାର କର୍ମୀ ତଥା ରମନ ମାଗାସେସେ ପୁରସ୍କାର ବିଜେତା ବେଜୱାଡ଼ା ୱିଲସନ ଓ ପୂର୍ବତନ ଡିଜିପି ତଥା ଓପିଏସସିର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ସତ୍ୟଜିତ ମହାନ୍ତି ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶା ମାନବାଧିକାର ଆୟୋଗ ସଦସ୍ୟ ଅସୀମ ଅମିତାଭ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆୟୋଗ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ବି ମଞ୍ଚାସୀନ ଥିଲେ।

### କମ୍ ଜିଆଇଯୁକ୍ତ ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନର ସମୀକ୍ଷା

# ମଧୁମେହ ଓ ଅନ୍ନପ୍ରେମୀଙ୍କୁ ମିଳିବ ଫାଇଦା

**ଭୁବନେଶ୍ୱର,୧୦।୧୨(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ବସୁନ୍ଧରାରେ ହେବାକୁ ଥିବା ସ୍ୱତନ୍ତ୍ର କମ୍ ଜିଆଇ ଯୁକ୍ତ ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ବିକାଶ ସମ୍ପର୍କରେ ଏକ ବୈଠକ ଆଜି ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା।



ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଓ ମିଶନ ଶକ୍ତି ନିର୍ଦ୍ଦେଶକ ମୋନିକା ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ। ଏହି ପ୍ରକଳ୍ପଟି ଅତି ନିମ୍ନ ଗ୍ଲାଇସେମିକ୍ ଇଣ୍ଡେକ୍ସ (ଜିଆଇ) କିସମ ସହ ଆଇସିଏଆର୍ ଦ୍ୱାରା ବିକଶିତ ଚାଉଳ ଉପରେ ଧ୍ୟାନ ଦେଉଛି, ଯାହା ସାଧାରଣ ଧାନ ଅପେକ୍ଷା କମ୍ ଜିଆଇଯୁକ୍ତ ଧାନ ପ୍ରକ୍ରିୟାକରଣ କରିବା ଲକ୍ଷ୍ୟ ରଖିଛି। ଭାରତରେ ପ୍ରଥମ ଥର ଏପରି ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ସ୍ଥାପନ ହେବାକୁ ଯାଉଛି। ଏହାର ମୋଟ ପ୍ରକଳ୍ପ ମୂଲ୍ୟ ୯୧ କୋଟି ୨୨ ଲକ୍ଷ ୯୧ ହଜାର ୨୮୭ ଆକଳନ କରାଯାଇଛି। ନିମ୍ନ ଜିଆଇଯୁକ୍ତ ଚାଉଳ ଯେଉଁଥିରେ ୧୦-୧୨ ପ୍ରତିଶତ ପ୍ରୋଟିନ୍ ସାମଗ୍ରୀ ଥିବ, ସେହିଭଳି ଚାଉଳର ପ୍ରକ୍ରିୟାକରଣ କରିବା ଏନେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିମ୍ନ ଜିଆଇ ଯୁକ୍ତ ଚାଉଳକୁ ବୃହତ ଆକାରରେ ଉତ୍ପାଦନ ଓ ପ୍ରକ୍ରିୟାକରଣ ମଧୁମେହ ରୋଗୀ ଓ ଅନ୍ନପ୍ରେମୀଙ୍କ ପାଇଁ ଅଧିକ ଲାଭଦାୟକ ହେବ। ସେହିପରି ଅଧିକ ପରିମାଣରେ ମାଣ୍ଡିଆ ବା ଶ୍ରୀଅନ୍ନ ଉତ୍ପାଦନ ଉଭୟ ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ପାଇଁ ଲାଭଦାୟକ ହେବ, କାରଣ ଏହାର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ଏହାଛଡ଼ା କୃଷି ପ୍ରମୁଖ ସଚିବ ଡକ୍ଟର ପାଢ଼ୀ କହିଛନ୍ତି ଯେ ଏହି ପଦକ୍ଷେପର ଲକ୍ଷ୍ୟ ଅଧିକ ଲକ୍ଷପତି ଦିଦି (ଲାଭକାରୀ) ସୃଷ୍ଟି କରିବା କାରଣ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଏଥିସହ ସିଧାସଳଖ ଜଡ଼ିତ ହେବେ ଓ ଦେଶବ୍ୟାପୀ ପୁଷ୍ଟିକର ତଥା କମ୍ ଜିଆଇ ପରିମାଣର ଚାଉଳ କିସମକୁ ପ୍ରୋତ୍ସାହିତ କରିବେ। ସ୍ୱତନ୍ତ୍ର ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନାର ପ୍ରମୁଖ ଦିଗଗୁଡ଼ିକ ମଧ୍ୟରେ କମ୍ ଜିଆଇଯୁକ୍ତ କିସମ ବିଭାଜନ, ଏକତ୍ରୀକରଣ ସହ ଜଡ଼ିତ ମାର୍କେଟିଂ ରଣନୀତି, କ୍ଲଷ୍ଟର ଉତ୍ପାଦନ ଓ ପ୍ରୋଫାଇଲିଂ ଅନ୍ତର୍ଭୁକ୍ତ। ଆଇଆରଆରଆଇ (ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ) ପକ୍ଷରୁ ଏକ ବଜାର ଅଧ୍ୟୟନ ଏବଂ ସିଏଫ୍‌ଏମ୍‌ସ୍ ମାଧ୍ୟମରେ ଆର୍ଥିକ ତଦାରଖ କରାଯିବ। ଏହି ସମୀକ୍ଷା ବୈଠକରେ ଆଇସିଏଆରରୁ ଡ ୱାରିୟର, ଆଇଆରଆରଆଇ, ଓଏଆଇସି, ଓୟୁଏଟି, ଇମେଜର ପ୍ରତିନିଧି, କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ

**ଭୁବନେଶ୍ୱର,୧୦।୧୨(ସଂଚାର ବ୍ୟୁରୋ):** ଆଜି ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ୨୦୨୫ ଉଦଘାଟିତ ହୋଇଛି। ସମାରୋହରେ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଏହି କଳିଙ୍ଗ ହର୍ବାଲ ମେଳା କେବଳ ଏକ ମେଳା ନୁହେଁ, ଏହା ଆମର ପରମ୍ପରା, ଆୟୁର୍ବେଦ ଐତିହ୍ୟ, ଜଙ୍ଗଲ ଓ ପ୍ରକୃତିର ଦାନକୁ ସମ୍ମାନ କରିବାର ଏକ ଅତ୍ୟନ୍ତ ଗର୍ବର ମଞ୍ଚ ବୋଲି କହିଛନ୍ତି। ଏଥିସହ ସେ କହିଛନ୍ତି ଯେ ପ୍ରକୃତି ହେଉଛି ସବୁଠାରୁ ଶ୍ରେଷ୍ଠ ଚିକିତ୍ସାଳୟ। ଓଡ଼ିଶାର ଉଦ୍ଭିଦ ସମ୍ପଦ ଆମ ଦେଶରେ ଏକ ପ୍ରମୁଖ ସ୍ଥାନ ଧାରଣ କରିଛି। ଆମ ଜଙ୍ଗଲରେ ଥିବା ଶତାଧିକ ଔଷଧୀୟ ବୃକ୍ଷ ଆଜି ଦେଶବ୍ୟାପୀ ପ୍ରସିଦ୍ଧ। ଏହି ସମ୍ପଦକୁ ସଂଗଠିତ କରିବା, ପ୍ରମାଣିତ ଆୟୁର୍ବେଦ ପ୍ରଣାଳୀକୁ ଗଢ଼ିତୋଳିବା ଏହି ମେଳାର ଏକ ବିଶେଷ ଲକ୍ଷ୍ୟ। ଆଜିର ଯୁଗରେ ଆମେ ମାନସିକ ଚାପ, ଦୂଷିତ ଆହାର, ପରିବେଶ ପ୍ରଦୂଷଣ ଆଦି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛୁ। ଏପରି ସମୟରେ ଆୟୁର୍ବେଦ ଆମର ଶାରୀରିକ ଓ ମାନସିକ ସମତାକୁ ପୁନସ୍ଥାପନ କରିବାରେ ସହାୟକ ହୋଇପାରିବ ବୋଲି ଶ୍ରୀ ସାହୁ କହିଛନ୍ତି।

ବିଶିଷ୍ଟ ଅତିଥି ଭାବେ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ, ମୁଖ୍ୟ ବନ ସଂରକ୍ଷକ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା ଓ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରକଳ୍ପ ନିର୍ଦ୍ଦେଶକ ଡ. କେ. ମୁରୁଗେଶନ ସେମାନଙ୍କ ଅଭିଭାଷଣରେ ଔଷଧୀୟ ଉଦ୍ଭିଦର ସୁରକ୍ଷା ଏବଂ ପାରମ୍ପରିକ ଔଷଧ ବ୍ୟବସ୍ଥାକୁ ସାମଗ୍ରୀକ ଭାବରେ ଆଗକୁ ବଢ଼ାଇବାରେ ଏହି ଏହି ମେଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି କହିଛନ୍ତି। ପ୍ରାରମ୍ଭରେ ଔଷଧୀୟ ଉଦ୍ଭିଦ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ କାର୍ତ୍ତିକ ଭି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏବଂ ଉପ ବନ ସଂରକ୍ଷକ ଶ୍ରୀ ଦେବାପ୍ରିୟ କମ୍ପ ଧନ୍ୟବାଦ ଅର୍ପଣ କରିଥଲେ। ସାତ ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ୧୩୦ରୁ ଅଧିକ ଷ୍ଟଲ ପଡ଼ିଥିବା ବେଳେ ନିଶୁଳ୍କ ଆୟୁର୍ବେଦ,ହୋମିଓପାଥି ଚିକିତ୍ସା, ଛାତ୍ରଛାତ୍ରୀଙ୍କ ପାଇଁ ଅନଲାଇନ କ୍ୱିଜ୍ ସଚେତନତା ଅଭିଯାନ, ଔଷଧୀୟ ଉଦ୍ଭିଦ ସମ୍ବନ୍ଧୀୟ ବିଭିନ୍ନ କର୍ମଶାଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।



## ବାପ ଜୀବନ ନେଲା ପୁଅ

**ରାୟଗଡା,୧୦।୧୨(ସଂଚାର ବ୍ୟୁରୋ):** ମୋବାଇଲ ଫୋନ ପାଇଁ ଟଙ୍କା ନ ଦେବାରୁ ଭୀମା କାଡ୍ରାକାଙ୍କୁ ପୁଅ ଉଦୟ କାଡ୍ରାକା ହତ୍ୟା କରିଛି। ରାୟଗଡା ଜିଲ୍ଲା ଚାନ୍ଦିଲି ଥାନା ଅଧିନ ମୁକୁନ୍ଦପୁର ଫାଣ୍ଡି ଅନ୍ତର୍ଗତ କୈଳାଶପୁରର ଲାଲିବି ଗ୍ରାମରେ ଘଟିଛି। ମୋବାଇଲ କିଣିବା ପାଇଁ ଟଙ୍କା ନ ଦେବାରୁ ପୁଅ ଏପରି କାଣ୍ଡ ଭିଆଇଛି। ପୁଲିସ୍ ଉଦୟକୁ ଗିରଫ କରିଛି।

# ଅନିର୍ଦ୍ଦିଷ୍ଟ କାଳ ପାଇଁ କନିଷ୍ଠ ଶିକ୍ଷକ ସଂଘର ଧାରଣା




**ଭୁବନେଶ୍ୱର,୧୦।୧୨(ସଂଚାର ବ୍ୟୁରୋ):** ରାଜଧାନୀରେ କନିଷ୍ଠ ଶିକ୍ଷକ ସଂଘର ଗର୍ଜନ। ଆନ୍ଦୋଳନକୁ ଓହ୍ଲାଇଲା ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ। ଭୁବନେଶ୍ୱର ଲୋୟର୍ ପିଏମଜିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛି ସଂଘ। ନିୟମିତ ପ୍ରତିଶ୍ରୁତି ଦେଇ ପାଳନ କରୁନଥିବା ଅଭିଯୋଗ। ଏହି ଅଭିଯୋଗ ଆଧାରରେ ଆନ୍ଦୋଳନକୁ ଓହ୍ଲାଇଲା ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ। ଭୁବନେଶ୍ୱର ଲୋୟର୍ ପିଏମଜିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଲା ସଂଘ। ସାରା ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଶିଶୁ ବଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ କନିଷ୍ଠ ଶିକ୍ଷକମାନେ ସମସ୍ତ ବିଷୟ ପଢ଼ାଉଛନ୍ତି। ଠିକା କର୍ମଚାରୀ ଭାବେ ସାରା ରାଜ୍ୟରେ ୧୩ ହଜାରରୁ ଅଧିକ କନିଷ୍ଠ ଶିକ୍ଷକ ସଂଘ କାର୍ଯ୍ୟରତ। ଅଗଷ୍ଟ ୨୨ ତାରିଖରେ ରାଜ୍ୟ ସରକାର କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ଘୋଷଣା କରିଥିଲେ ମଧ୍ୟ ଏଯାଏ ତାହା କାର୍ଯ୍ୟକାରୀ ହୋଇନାହିଁ। ୪ ମାସ ବିତିଯାଇଥିଲେ ବି ସୁଦ୍ଧା କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ବାହାରୁନାହିଁ ସରକାରୀ ନିର୍ଦ୍ଦେଶନାମା, ଯାହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି ସଂଘ। ସେଥିପାଇଁ ଆଜି ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲୋୟର୍ ପିଏମଜିରେ ଧାରଣା ଜାରି ରହିବ ବୋଲି ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଜମି ବାବଦ କ୍ଷତିପୂରଣ ଟଙ୍କା ଅନାଦେୟ

### ତହସିଲଦାର ଅଫିସ ଆସବାବପତ୍ର ଜବତ ନିର୍ଦ୍ଦେଶ





**ଢେଙ୍କାନାଳ,୧୦।୧୨(ସଂଚାର ବ୍ୟୁରୋ):** ଜମି ଟଙ୍କା ନ ଦେବାରୁ ଢେଙ୍କାନାଳ ସଦର ତହସିଲଦାର ଅଫିସ ଆସବାବପତ୍ର ଜବତ କରିବା ସାକେଶ ଢେଙ୍କାନାଳ ସହରର ବାଜିଚୌକସ୍ଥିତ ସତ୍ୟବାଦୀ ବେହେରାଙ୍କ ଆବେଦନର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି ସିଭିଲ୍ କୋର୍ଟ ଜଜ୍। ନିର୍ଦ୍ଦେଶ ପରେ ତହସିଲଦାର ସ୍ୱାଧୀନ କୁମାର ବେହେରାଙ୍କ ଗାଡ଼ି, ଆଲମିରା, କମ୍ପ୍ୟୁଟର, ଟେବୁଲ, ଚେୟାର ଓ ଅନ୍ୟାନ୍ୟ ଆସବାବପତ୍ର ଆଦି ସିଜ୍ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଫ୍ଲାଇଓଭର୍ ବ୍ରିଜ ପାଇଁ ହୋଇଥିବା ଜମି ଅଧିଗ୍ରହଣ ସମୟରେ ଜମି ମାଲିକଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା କଥା। ଏନେଇ ଗତ ୨୦୧୩ରେ ଢେଙ୍କାନାଳ ସିଭିଲ୍ କୋର୍ଟରେ ଜମି ମାଲିକ ଶ୍ରୀ ବେହେରା ଏକ ମାମଲା ରୁଜୁ କରିଥିଲେ। ସେତେବେଳେ ୧୨ ଡିସିମିଲି ଜମି ଅଧିଗ୍ରହୀତ ହୋଇଥିଲା। ୨୦୨୩ରେ ଘଟଣାର ଶୁଣାଣି କରି ସିଭିଲ୍ କୋର୍ଟ ଜଜ୍ କ୍ଷତିଗ୍ରସ୍ତଙ୍କୁ ସୁଧ ବାବଦକୁ ୧୩ ଲକ୍ଷ ଟଙ୍କା ପ୍ରଦାନ କରିବା ସକାଶେ ନିର୍ଦ୍ଦେଶ ଦେଇଥିଲେ। ଅଦ୍ୟାବଧି ଟଙ୍କା ନ ମିଳିବାରୁ ଲ୍ୟାଣ୍ଡ ଆକ୍ୟୁଜିସନ୍ ଅଫିସର୍ ତଥା ତହସିଲଦାରଙ୍କ ଦ୍ୱାରା ବ୍ୟବହୃତ ଆସବାବପତ୍ର ସିଜ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ବଦଳିଲା ବିଡିଏ ପାର୍କ ସମୟ

# ସପ୍ତାହାନ୍ତରେ ଦିନସାରା ଖୋଲା ରହିବ

**ଭୁବନେଶ୍ୱର,୧୦।୧୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଏହା ଅଧୀନେର ରାଜଧାନୀରେ ଥିବା ସମସ୍ତ ପାର୍କର କାର୍ଯ୍ୟ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ନେଇ ଘୋଷଣା କରାଯାଇଛି। ପ୍ରାତଃ ଭ୍ରମଣକାରୀ, ଫିଟନେସ୍ ଉତ୍ସାହୀ ଓ ପରିଦର୍ଶକଙ୍କ ପକ୍ଷରୁ ଏନେଇ ବାରମ୍ବାର ନିବେଦନ କରାଯାଇଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ବିଡିଏ ସପ୍ତାହାନ୍ତରେ ସମସ୍ତ ପାର୍କକୁ ଅପରାହ୍ନରେ ବନ୍ଦ ନ କରି ଦିନସାରା ଖୋଲା ରଖିବା ସକାଶେ ନିଷ୍ପତ୍ତି ନେଇଛି। ନୂତନ ସମୟସୂଚୀ ଆସନ୍ତା ୧୩ରୁ ଲାଗୁ ହେବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ସଂଶୋଧିତ ସମୟ ଅନୁଯାୟୀ, ବିଡିଏ ଦ୍ୱାରା ପରିଚାଳିତ ସମସ୍ତ ପାର୍କ ଶନିବାର ଓ ରବିବାର ସକାଳ ୫ରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ଯେଉଁମାନେ ସେମାନଙ୍କର ସପ୍ତାହାନ୍ତ ବାହାରେ ବିତାଇବାକୁ ପସନ୍ଦ କରନ୍ତି, ସେମାନଙ୍କ ପାଇଁ ନିରବଚ୍ଛିନ୍ନ ପ୍ରବେଶକୁ ନୂଆ ସମୟ ସାରଣୀ ସୁନିଶ୍ଚିତ କରିବ। ଏହି ପରିବର୍ତ୍ତନ

**୧୩ରୁ ଲାଗୁ ପାଇଁ ବିଡିଏର ଘୋଷଣା**



ମନୋରଞ୍ଜନ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା, ଜନସାଧାରଣଙ୍କ ସୁବିଧାରେ ଉନ୍ନତି ଆଣିବା ଓ ନାଗରିକମାନଙ୍କୁ ସହରର ସବୁଜ ସ୍ଥାନଗୁଡ଼ିକୁ ବିଶ୍ରାମ, ଫିଟନେସ୍ ଓ ସମାବେଶ ପାଇଁ ବ୍ୟବହାର ପାଇଁ ଉତ୍ସାହିତ କରିବା ପାଇଁ କରାଯାଇଥିବା କୁହାଯାଇଛି। ପ୍ରାଧିକରଣ ପକ୍ଷରୁ ଆହୁରି ବି ସ୍ପଷ୍ଟ କରାଯାଇଛି ଯେ ଇନ୍ଦିରା ଗାନ୍ଧୀ (ଆଇଜି) ପାର୍କ ସପ୍ତାହରେ ସବୁ ଦିନ ପ୍ରାତଃ ୫ଟାରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ସମୟ ପାଳନ କରିବ। ଫଳରେ ସପ୍ତାହର ସମସ୍ତ ଦିନ ଏହା ଜନସାଧାରଣଙ୍କ ପାଇଁ ଉପଲବ୍ଧ ହୋଇପାରିବ। ଅବଶିଷ୍ଟ ପାର୍କଗୁଡ଼ିକ ପାଇଁ ସପ୍ତାହର ସମସ୍ତ ସମୟ ପୂର୍ବ ପରି ଜାରି ରହିବ। ଅର୍ଥାତ୍ ସେହି ପାର୍କଗୁଡ଼ିକ ପ୍ରାତ ୫ ୫ଟାରୁ ପୂର୍ବାହ୍ନ ।ସଢ଼େ ୧୧ଟା ଏବଂ ପୁଣି ଅପରାହ୍ନ ସାଢ଼େ ୩ଟାରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ପ୍ରତ୍ୟେକ ପାର୍କର ପ୍ରବେଶ ଦ୍ୱାରରେ ଖୁବ୍‌ଶୀଘ୍ର ଅପଡେଟ୍ ସମୟ ବୋର୍ଡ ପ୍ରଦର୍ଶିତ ହେବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

ଏନେଇ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି ଯେ ସହରବାସୀଙ୍କ ମନୋରଞ୍ଜନ ଅନୁଭବକୁ ବୃଦ୍ଧି କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସପ୍ତାହନ୍ତରେ ଅପରାହ୍ନ ବିରତି ବିନା ପାର୍କଗୁଡ଼ିକୁ ଖୋଲା ରଖିବା ଦ୍ୱାରା ଲୋକମାନେ ସେମାନଙ୍କ ସମୟ ଉପଭୋଗ କରିବାକୁ ଅଧିକ ସୁବିଧା ପାଇବେ। ତେବେ ସମସ୍ତ ପରିଦର୍ଶକଙ୍କୁ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ସହ ପାର୍କ ନିୟମ ପାଳନ କରିବାକୁ ଶ୍ରୀ ରାଣା ନିବେଦନ କରିଛନ୍ତି।

## ବାଘ ପାଦଚିହ୍ନ ଦେଖି ଲୋକେ ଛାନିଆ

### ଗାଈକୁ ମାରି ଖାଇଗଲା



**କନ୍ଧମାଳ,୧୦।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ସମାକୂପା ଗାଁରେ ଏବେ ଦେଖାଦେଇଛି ବାଘ ଆତଙ୍କ। ଗାଈକୁ ମାରି ଉକ୍ତ ବାଘଟି ଖାଇଥିବା ବେଳେ ବିଭିନ୍ନ ସ୍ଥାନରେ ପାଦଚିହ୍ନ ରହିଥିବାରୁ ଏହା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କର ବାତାବରଣ ଖେଳିଯାଇଛି। ବୌଦ୍ଧ ବନଖଣ୍ଡ କନ୍ଧମାଳ ରେଞ୍ଜ ନାରଣପ୍ରସାଦ ସମାକୂପା ଗାଁରେ ଗତ ୨/୩ ଦିନ ହେଲା ସ୍ଥାନୀୟ ଲୋକେ ଉକ୍ତ ବାଘର ପାଦଚିହ୍ନ ଦେଖିବାକୁ ପାଇଛନ୍ତି। ଗାଁଲୋକେ ପ୍ରତିଦିନ ଜଙ୍ଗଲକୁ ଗାଈଗୋରୁ ଚରାଇବାକୁ ଯାଉଥିବା ବେଳେ ନିକଟରେ ସେମାନେ ଗାଈ ଛେଳି ହଜିଥିବା ଜାଣିବାକୁ ପାଇଥିଲେ। ଜଙ୍ଗଲ ଭିତରେ ଯଥେଷ୍ଟ ଖୋଜାଖୋଜି କରିବା ପରେ ସେମାନେ ଗାଈଗୋରୁଙ୍କ ମୃତଦେହର ଅବଶେଷ ପଡ଼ିଥିବା ଦେଖିବା ସହ ବାଘର ପାଦଚିହ୍ନ ଓ ମଳ ମଧ୍ୟ ଦେଖିବାକୁ ପାଇଛନ୍ତି। ତେବେ ଉକ୍ତ ବାଘଟି କଲରାପତରିଆ ନା ମହାବଳ, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ଏନେଇ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

# ରାଜଧାନୀର ରାତି, ନିଶାଡ଼ିଙ୍କ ଉତ୍ପାତ

**ଭୁବନେଶ୍ୱର,୧୦।୧୨:** ରାଜଧାନୀରେ ରାତିରେ ଥଣ୍ଡା ବଢ଼ିବା ସହିତ ନିଶାଡ଼ିଙ୍କ ଉତ୍ପାତ ମଧ୍ୟ ବଢ଼ିବାରେ ଲାଗିଛି। ରାତି ୧୧ଟା ପରେ ବିଭିନ୍ନ ସ୍ଥାନରେ ନିଶାଡ଼ିମାନେ ରାସ୍ତାରେ ଖୁଲମଖୁଲ୍ଲା ବୁଲିବା ସହିତ ଲୋକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରୁଥିବା ଦେଖିବାକୁ ମିଳୁଛି। ସହରସାରା ସିସିଟିଭି ଲାଗିଥିବାରୁ ଏଭଳି ଉତ୍ପାତିଆଙ୍କୁ ତୁରନ୍ତ ଧରି ସାବାଡ଼ ଲାଗି ମତ ପ୍ରକାଶ ପାଉଛି।

ରାଜଧାନୀର ପ୍ରମୁଖ ଛକଗୁଡ଼ିକରେ ରାତି ୧୦ଟା ପରେ ସାଧାରଣତଃ ଟ୍ରାଫିକ କର୍ମଚାରୀ ରହୁନାହାନ୍ତି କିମ୍ବା ଟ୍ରାଫିକ ଲାଇଟ୍ ବି ଜଳୁନାହିଁ। ଏହାର ସୁଯୋଗ ନେଇ ନିଶାଡ଼ିମାନେ ରାସ୍ତାକୁ ବାହାରୁଛନ୍ତି। ସହରର ଅନ୍ୟ କେଉଁସ୍ଥାନ ତ ଦୂରରକଥା ପୁଲିସ୍ କମିଶନରଙ୍କ ଦପ୍ତର ନିକଟରେ ଥିବା ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି



ରାସ୍ତା ଶୂନଶାନ ହେଲା ପରେ ଏମାନଙ୍କ ଉତ୍ପାତ ଆରମ୍ଭ ହୋଇଯାଉଛି। ଏହି ନିଶାଡ଼ିମାନେ ମୁଖ୍ୟତଃ ଦୁଇଚକିଆ ଯାନ ଧରି ରାସ୍ତାକୁ ଓହ୍ଲାଉଛନ୍ତି ଓ ଅତ୍ୟନ୍ତ ବେପରୁଆ ଭାବେ ଗାଡ଼ି ଚାଳନା କରୁଛନ୍ତି।

ରାସ୍ତାରେ ଏବେ ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବେ ଗାଡ଼ିଚାଳନା କରୁଛନ୍ତି। ଏମାନଙ୍କ ସାମ୍ନାରେ ଯିଏ ପଡୁଛି ତାହାକୁ ଅତି ଅଶ୍ରାବ୍ୟ ଭାଷାରେ ଗାଳି କରୁଛନ୍ତି।

ସହରରେ ସନ୍ଧ୍ୟା ସମୟରେ ବିଭିନ୍ନ ସ୍ଥାନରେ ପିସିଆର ପଇଁତରା ମାରୁଥିବାରୁ ନିଶାଡ଼ିମାନେ ରାସ୍ତାରେ ଏଭଳି ଆଚରଣ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ହେଲେ ପିସିଆର ରାସ୍ତା ପଳାଇବା ଓ

ଆଇନ୍‌ଶୃଙ୍ଖଳା ରକ୍ଷା ଲାଗି କମିଶନରେଟ ପୁଲିସ୍ ନିକଟରେ ଚାରିଚକିଆ ଓ ଦୁଇଚକିଆ ପିସିଆର ଥିବାବେଳେ ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଲାଗିଛି। ସିଟିଟିଭି ଦେଖି କମିଶନରେଟ ପୁଲିସ୍ ଚାଳକମାନଙ୍କଠାରୁ ଫାଇନ୍ ବି ଆଦାୟ କରୁଛି। ହେଲେ ରାତି ସମୟରେ କାହିଁକି ଏହି ନିଶାଡ଼ିମାନଙ୍କୁ ପୁଲିସ୍ ଜବତ କରୁନାହିଁ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଆଗକୁ ବଡ଼ଦିନ ଓ ତା'ପରେ ନୂଆବର୍ଷ ଆସୁଥିବାରୁ ଏବେଠାରୁ ପୁଲିସ୍ ସତର୍କ ନ ହେଲେ ନିଶାଡ଼ିମାନେ ଆଗକୁ ବଡ଼ ଧରଣର ଅଘଟଣ ଘଟାଇବାର ସମ୍ଭାବନା ରହିଛି। ବିଶେଷକରି ବିଳମ୍ବିତ ରାତିରେ ଜରୁରୀ କାମ ବିଶେଷକରି ଡାକ୍ତରଖାନା, ବିମାନବନ୍ଦର, ରେଳଷ୍ଟେସନ ଯାଉଥିବା ଲୋକଙ୍କୁ ଏମାନେ ଏବେ ଗାଳିଗୁଲଜ କରୁଥିବା ବେଳେ ଆଗକୁ ସାହସ ପାଇ ଲୁଟ୍‌ପାଟ କରିବାକୁ ବି ପଛାଇବେ ନାହିଁ।

ସେହିଭଳି ବର୍ଷ ସରିବାକୁ ବସିଥିବା ବେଳେ ରାଜଧାନୀର ବିଭିନ୍ନ ମଦ ଦୋକାନ ନିକଟରେ ସଂଧ୍ୟା ସମୟରେ ବ୍ୟାପକ ଭିଡ଼ ପରିଲକ୍ଷିତ ହେଉଛି। ନିଶାଡ଼ିଙ୍କ ସମେତ ଅପରାଧୀମାନେ ଏଠାରେ ଭିଡ଼ ଜମାଉଛନ୍ତି। ହାଟ, ବଜାର ନିକଟରେ ଥିବା ମଦଦୋକାନ ବାଟ ଦେଇ ସନ୍ଧ୍ୟା ସମୟରେ ଯିବାକୁ ଲୋକେ ଭୟ କରୁଛନ୍ତି। ତେଣୁ ଲୋକଙ୍କ ଯାତାୟାତ ସମୟରେ ମଦ ଦୋକାନ ଆଖପାଖରେ ପୁଲିସ୍ ପଇଁତରା ମାରିବା ସହ ଏହିଠାରେ ନଜର ରଖିଲେ ବହୁ ଅପରାଧି ଧରାପଡ଼ିବେ ବୋଲି କୁହାଯାଉଛି। ତେବେ ରାଜଧାନୀରେ ଏବେ ପୁଲିସ୍ ପିସିଆରଗୁଡିକ ଅଧିକାଂଶ ସମୟରେ ଗଳି କନ୍ଦି ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଛିଡ଼ାହୋଇ ରହୁଥିବା ବେଳେ ଏଗୁଡିକ କାହିଁକି ନିୟମିତ ପଇଁତରା ମାରୁନାହାନ୍ତି ଓ ଯେଉଁସବୁ ପିସିଆର ପଇଁତରା ମାରୁଛନ୍ତି ସେମାନଙ୍କ ନଜରରେ କିଭଳି ଏହି ନିଶାଡ଼ି ଉତ୍ପାତିଆମାନେ ପଡୁନାହାନ୍ତି, ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି। ତେଣୁ ବଡ଼ଦିନ ଓ ନୂଆବର୍ଷ ପୂର୍ବରୁ ସିସିଟିଭି ଜରିଆରେ ସହର ଉପରେ ୨୪ ଘଣ୍ଟା ନଜର ରଖିବା ସହି ପୁଲିସ୍ ପଇଁତରା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ସାଧାରଣରେ ମତ ପ୍ରକାଶ ପାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଗୁରୁବାର ୧୧ ଡିସେମ୍ବର ୨୦୨୫, ଭୁବନେଶ୍ୱର

Thursday 11 December 2025, Bhubaneswar

# ଯୁବକଙ୍କ ପାଇଁ ଏଆଇ ଚ୍ୟାଲେଞ୍ଜ



ଆଧୁନିକ ବିଜ୍ଞାନ ଏବଂ ପ୍ରଯୁକ୍ତିର ଦ୍ରୁତ ବିକାଶ ସହିତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରବେଶ କରିଛି। ଏହା କେବଳ ସୁବିଧା ଯୋଗାଉଛି ନାହିଁ, ବରଂ ଏକ ବଡ଼ ଭୟର ରୂପ ଧାରଣ କରିଛି - ବିଶେଷକରି ନିଯୁକ୍ତି ଖୋଜୁଥିବା ଯୁବକଙ୍କ ପାଇଁ ଭାରତ ଭଳି ଦେଶରେ, ଯେଉଁଠାରେ ଯୁବକମାନେ ଦେଶର ଅର୍ଥନୀତିର ମେରୁଦଣ୍ଡ, ଏଆଇର ପ୍ରଭାବ ସେମାନଙ୍କର ଭବିଷ୍ୟତକୁ ଅନିଶ୍ଚିତ କରିଦେଇଛି। ଏବେ ସମୟ ଆସିଛି ଆମେ ଏହି ଭୟର ବିଭିନ୍ନ ଦିଗକୁ ଆଲୋଚନା କରିବା ଏବଂ ସମାଧାନର ଉପାୟ ଖୋଜିବା।

ପ୍ରଥମେ, ଏଆଇ କିପରି ନିଯୁକ୍ତିକୁ ପ୍ରଭାବିତ କରୁଛି ତାହା ବୁଝିବା ଆବଶ୍ୟକ। ଏଆଇ ଆଧାରିତ ଯନ୍ତ୍ରପାତି ଏବଂ ସଫ୍ଟୱେୟାର୍ ମାନବୀୟ କାର୍ଯ୍ୟକୁ ଅଧିକ ଦକ୍ଷତା ସହିତ ସମ୍ପାଦନ କରୁଛନ୍ତି। ଉଦାହରଣ ସ୍ୱରୂପ, ଉତ୍ପାଦନ କ୍ଷେତ୍ରରେ ରୋବୋଟ ହଜାରେ କର୍ମଚାରୀଙ୍କ କାର୍ଯ୍ୟ କରୁଛନ୍ତି, ଯାହା ଫଳରେ ବହୁତ ଲୋକ ବେରୋଜଗାର ହେଉଛନ୍ତି। ସେହିପରି ଆଇଟି ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଚାଟବଟ ଏବଂ ଆଟୋମେଟେଡ୍ ସିଷ୍ଟମ ଗ୍ରାହକ ସେବାର କାର୍ଯ୍ୟ ସମ୍ଭାଳୁଛନ୍ତି। ବିଶ୍ୱ ଅର୍ଥନୈତିକ ଫୋରମର ରିପୋର୍ଟ ଅନୁଯାୟୀ, ୨୦୨୫ ସୁଦ୍ଧା ଏଆଇ ଯୋଗୁଁ ବିଶ୍ୱବ୍ୟାପୀ ୮୫ ମିଲିୟନ୍ ନିଯୁକ୍ତି ହ୍ରାସ ପାଇବ, ଯଦିଓ ୯୭ ମିଲିୟନ୍ ନୂଆ ନିଯୁକ୍ତି ସୃଷ୍ଟି ହେବ। କିନ୍ତୁ ଏହି ନୂଆ ନିଯୁକ୍ତିଗୁଡ଼ିକ ପାଇଁ ଉଚ୍ଚ ଦକ୍ଷତା ଆବଶ୍ୟକ, ଯାହା ଅନେକ ଯୁବକଙ୍କ ପାଖରେ ନାହିଁ।

ଓଡ଼ିଶାର ପରିପ୍ରେକ୍ଷ୍ୟରେ ଏହି ଭୟ ଅଧିକ ଗୁରୁତର। ଆମ ରାଜ୍ୟରେ ଯୁବକମାନେ ପ୍ରଧାନତଃ କୃଷି, ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ଖୋଜୁଛନ୍ତି। ଏଆଇର ପ୍ରବେଶ ସହିତ କୃଷିରେ ଡ୍ରୋନ୍ ଏବଂ ସ୍ମାର୍ଟ୍ ଫାର୍ମିଙ୍ଗ୍, ଉତ୍ପାଦନରେ ଆଟୋମେସନ୍ ଏବଂ ସେବାରେ ଡିଜିଟାଲ୍ ପ୍ଲାଟଫର୍ମ୍ ଯୋଗୁଁ ପାରମ୍ପରିକ ନିଯୁକ୍ତି ହ୍ରାସ ପାଉଛି। ଫଳରେ, ଶିକ୍ଷିତ ଯୁବକମାନେ ବେରୋଜଗାରୀର ଶିକାର ହେଉଛନ୍ତି, ଯାହା ସାମାଜିକ ଅସ୍ଥିରତା ଏବଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଅନେକ ଯୁବକ ସ୍ୱପ୍ନ ଦେଖୁଛନ୍ତି ଏକ ଉତ୍ତମ ଭବିଷ୍ୟତର, କିନ୍ତୁ ଏଆଇର ଛାୟା ସେମାନଙ୍କୁ ନିରାଶ କରୁଛି। ଉଦାହରଣ ସ୍ୱରୂପ, କଲ୍ ସେଣ୍ଟର୍ ଏବଂ ଡାଟା ଏଣ୍ଟ୍ରି ଭଳି କାର୍ଯ୍ୟଗୁଡ଼ିକ ଏବେ ଏଆଇ ଦ୍ୱାରା ସମ୍ପାଦିତ ହେଉଛି, ଯାହାଦ୍ୱାରା ହଜାର ହଜାର ଯୁବକଙ୍କ ରୋଜଗାର ହରାଉଛନ୍ତି।

ତେବେ, ଏହା କେବଳ ଭୟ ନୁହେଁ, ଏକ ସୁଯୋଗ ମଧ୍ୟ। ଯୁବକମାନେ ଏଆଇକୁ ଶତ୍ରୁ ନୁହେଁ, ବରଂ ଉପକରଣ ଭାବରେ ଗ୍ରହଣ କରିବା ଆବଶ୍ୟକ। ଏଥିପାଇଁ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଜରୁରୀ। ସ୍କୁଲ୍ ଏବଂ କଲେଜରେ ଏଆଇ, କୋଡିଙ୍ଗ୍, ଡାଟା ସାଇନ୍ସ ଏବଂ କ୍ରିଏଟିଭ୍ ଥିଙ୍କିଙ୍ଗ୍ ଭଳି ବିଷୟଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ୍। ସରକାର ଏବଂ ବେସରକାରୀ ସଂସ୍ଥାଗୁଡ଼ିକ ଯୁବକଙ୍କ ପାଇଁ ସ୍କିଲ୍ ଡେଭଲପ୍ମେଣ୍ଟ୍ ପ୍ରୋଗ୍ରାମ୍ ଆରମ୍ଭ କରିବା ଦରକାର। ଓଡ଼ିଶା ସରକାରର ସ୍କିଲ୍ ଇଣ୍ଡିଆ ଭଳି ଯୋଜନାଗୁଡ଼ିକୁ ଏଆଇ-କେନ୍ଦ୍ରିକ କରାଯାଉ। ଏହା ବ୍ୟତୀତ, ଏଆଇର ନୈତିକ ବ୍ୟବହାର ଉପରେ ନିୟମାବଳୀ ପ୍ରଣୟନ କରାଯିବା ଆବଶ୍ୟକ, ଯାହା ନିଯୁକ୍ତି ହ୍ରାସକୁ ନିୟନ୍ତ୍ରଣ କରିବ।

ଏଆଇର ଭୟକୁ ଅଣଦେଖା କରିବା ଠିକ୍ ନୁହେଁ। ଯୁବକମାନେ ନିଜକୁ ପରିବର୍ତ୍ତନ ପାଇଁ ପ୍ରସ୍ତୁତ କରିବା ଆବଶ୍ୟକ। ଏହା ସହିତ ସମାଜ ଏବଂ ସରକାର ସେମାନଙ୍କୁ ସହାୟତା ପ୍ରଦାନ କରିବା ଉଚିତ୍। କେବଳ ଏହିପରି ଏକ ସନ୍ତୁଳିତ ଉପାୟରେ ଆମେ ଏଆଇର ଲାଭ ଉଠାଇ ପାରିବୁ ଏବଂ ଯୁବକଙ୍କ ଭବିଷ୍ୟତକୁ ସୁରକ୍ଷିତ କରିପାରିବୁ। ଏହା ଏକ ସମୟୋଚିତ ବିଷୟ, ଯାହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।

# ପୁରୁଣା ସଂସ୍କାରକୁ ଭୁଲିଯିବା ଆତ୍ମଘାତୀ ନିଷ୍ପତ୍ତି



ଗୋପାଳ ମହାପାତ୍ର

ଆମେ ଯଦି ଜୀବନକୁ ଠିକ୍ ଭାବରେ ଜିଇଁବାକୁ ଚାହୁଁଛେ ତେବେ ଆମେ ଜୀବନର ସବୁ ପାର୍ଶ୍ୱକୁ ଠିକ୍ ଭାବରେ ବୁଝିବାକୁ ପଡ଼ିବ। ଏକଥା ମଧ୍ୟ ବୁଝିବାକୁ ହେବ ଯେ ଯେଉଁ ସବୁ କଥା ଆମ ଜୀବନକୁ ପ୍ରଭାବିତ କରିଥାଏ ଯଥା ଆମ ଖୁସୀ, ଆମର ମାନ- ସମ୍ମାନ, ଆମର ସ୍ୱାଭିମାନ, ଆମର ଦୁଃଖ- କଷ୍ଟ, ଆମ ସୁରକ୍ଷା ଇତ୍ୟାଦିର ମହତ୍ୱ ଆମ ଜୀବନରେ କେତେ ରହିଛି। ଜୀବନରେ ଗୋଟିଏ ପଟେ ଆମେ ଖୁସୀ ଚାହୁଁଛେ ଓ ଅନ୍ୟ ପଟରେ ଜୀବନରେ ଆସୁଥିବା ଦୁଃଖ-କଷ୍ଟରୁ କେମିତି ଦୁରେଇ ପାରିବା ତାର ମଧ୍ୟ ବ୍ୟବସ୍ଥା ଚାହୁଁଛେ। ଜୀବନରେ ଦୁଃଖ- ଦୁର୍ଦଶାରୁ ମୁକ୍ତି ପାଇପାରିବା ସେତିକିବେଳେ ଯେତେବେଳେ ଆମେ ଜୀବନ ଜିଇଁବାର ପ୍ରକ୍ରିୟାକୁ ଉଚିତ୍ ବ୍ୟବସ୍ଥାର ଅନୁରପ କରିପାରିବା। ଏହି ଉପଲବ୍ଧି ପ୍ରାପ୍ତି ପାଇଁ ଯେଉଁ ବ୍ୟବସ୍ଥା କରାଯିବା ଆବଶ୍ୟକ ସେକଥାକୁ ବୁଝିବା ସହ ଆମେ ଅନ୍ୟ ବ୍ୟକ୍ତି ବା ପରିବାରର ସଦସ୍ୟଙ୍କ ପାଇଁ ଚିନ୍ତା କରିବା ଏବଂ ସେମାନଙ୍କୁ ସହଯୋଗ କରିବା ଅନିର୍ବାର୍ଯ୍ୟ ଅଟେ। ଯଦି ଆମେ ଅନ୍ୟର ଆବଶ୍ୟକତା ପାଇଁ କିଛି ଯୋଗଦାନ କରିପାରିବା ତେବେ ସ୍ୱତଃ ଆମର ଆବଶ୍ୟକତା ପୁରଣ ହୋଇ ପାରିବ। ପୁରୁଣା କାଳରୁ ପରିବାର ମାନଙ୍କରେ ଯେଉଁସବୁ ବ୍ୟବସ୍ଥା ରହିଆସିଛି ଆମେ ତାକୁ ଦେଖିବା ଓ ସେ ବାବଦରେ ଶୁଣିବା ତେବେ ଜୀବନଶୈଳୀ କେତେ ସୁନ୍ଦର ଥିଲା ସେ କଥା ବୁଝିହେବ। ସଂଯୁକ୍ତ ପରିବାରର ପରିଚାଳନ ପୁରୁଣା କାଳରେ ରହିଥିଲା ଓ ସଂଯୁକ୍ତ ପରିବାର ମଧ୍ୟରେ ସମସ୍ତେ ଖୁସିରେ ରହୁଥିଲେ। ଯେତେବେଳେ କାହାର କିଛି ଅସୁବିଧା ହେଉଥିଲା ସେତେବେଳେ ପରିବାରର ଅନ୍ୟ ଲୋକେ ସେ କଥାକୁ ସମ୍ଭାଳି ନେଉଥିଲେ। ସଂଯୁକ୍ତ ପରିବାରରେ ରହୁଥିବା ଲୋକଙ୍କ ମଧ୍ୟରେ ସ୍ନେହ ସଦ୍‌ଭାବ ମଧ୍ୟ ରହୁଥିଲା।

କିନ୍ତୁ ଏବେ ସମୟର ପରିବର୍ତ୍ତନ ସହିତ ଏକ ନୂଆ ଯୁଗର ପ୍ରାରମ୍ଭ ହୋଇଛି। ଏହି ସମୟରେ ଶିକ୍ଷାର ପ୍ରଚାର- ପ୍ରସାର ତ ହୋଇଛି କିନ୍ତୁ ସଂସ୍କାରପୁର୍ଣ୍ଣ ଜୀବନଶୈଳୀର ଜ୍ଞାନ ଲୋକଙ୍କ ପାଖରେ ନାହିଁ। ଏଣୁ ଜୀବନ ଜିଇଁବାର ବାସ୍ତବିକ୍ କଳା କୁଆଡ଼େ ଉଭେଇଯାଇଛି। ଏସବୁ କଥା ମଧ୍ୟ ବୁଝିବାକୁ ହେବ। କେବଳ ଅର୍ଥ (ଟଙ୍କା ପଇସା)କୁ ଯଦି କେହି ଜୀବନ ବୋଲି ଭାବେ, କେବଳ ସ୍ୱାଧିନତାକୁ ଯଦି ଜୀବନର ଆଧାର ବୋଲି ଭାବେ, କେବଳ ନିଜର ସ୍ୱାର୍ଥ ପର୍ଯ୍ୟନ୍ତ କେନ୍ଦ୍ରୀତ ହେବା ଜୀବନର ମହତ୍ୱ ବୋଲି ଭାବେ, ଏପରିକି ନିଜର ମାତା- ପିତା ଯିଏ ଜୀବନର ସବୁ ସୁଖକୁ ତୁଚ୍ଛ କରି ସବୁପ୍ରକାର ଦୁଃଖକୁ ଆପଣେଇ ନିଜର ସନ୍ତାନକୁ ଦୁନିଆର ସବୁ ସୁଖ ଦେବାକୁ ପ୍ରୟାସ କରିଥାନ୍ତି ସେହି ପିତା ମାତାଙ୍କୁ ସନ୍ତାନ ସନ୍ତତି ଉଦାସୀନ ବ୍ୟବହାର କରନ୍ତି ତାହା ସଫଳ ଜୀବନ ନୁହେଁ। ଏସବୁ ବର୍ତ୍ତମାନ ଯୁଗକୁ କେଉଁଆଡ଼କୁ ନେଇଯାଉଛି ତାହା କହିବା କଠିନ। ସନ୍ତାନ ସନ୍ତତି ପିତା ମାତାଙ୍କୁ ଅଣଦେଖା କରିବା ଭଳି ଘଟଣା ଏବେ ସମାଜରେ ଅଧିକ ଦେଖାଯାଉଛି। ଏଭଳି ଘଟଣା ଯୋଗୁଁ କଣଠେସା ହେଉଥିବା ପିତାମାତାଙ୍କ ପାଖରେ ଅବସ୍ଥାକୁ ସଂଶୋଧନ ଅର୍ଥାତ୍ ସୁଧାରିବା ପାଇଁ ଅବସର ତ ନଥାଏ କେବଳ ସେମାନେ ପଶ୍ଚାତାପ କରିଥାନ୍ତି ଓ ନିଜ କର୍ମର ଫଳ ଭୋଗୁଛନ୍ତି ବୋଲି ନିଜ ମନକୁ ଆଶ୍ୱାସନା ଦେଇଥାନ୍ତି। କାରଣ ସେମାନଙ୍କ ପାଖରେ ଅନ୍ୟ କିଛି ବିକଳ୍ପ ନଥାଏ।

ଯଦି କେହି ନିଜ ଜୀବନରେ ଆସିବାକୁ ଥିବା ଏଭଳି ଅବ୍ୟବସ୍ଥା ବାବଦରେ ଭାବି ପାରନ୍ତି ବା ଆଶଙ୍କା କରି ପାରିଥାନ୍ତି ଓ ବ୍ୟବସ୍ଥାକୁ ସେହି ଅନୁରପ କରିପାରନ୍ତି ତେବେ ଏଭଳି ଅସୁବିଧା ସେମାନଙ୍କୁ ଭୋଗିବାକୁ ପଡୁନଥାନ୍ତା। ଜୀବନରେ ପରିବାରର ମହତ୍ୱ ରହିଛି, ସମାଜର ମଧ୍ୟ ଗୁରୁତ୍ୱପୁର୍ଣ୍ଣ ଭୂମିକା ରହିଥାଏ। ସେହିପରି ଆମର ସଭ୍ୟତା ଏବଂ ସଂସ୍କୃତି, ଉତ୍ସବର ମଧ୍ୟ ସେତିକି ଗୁରୁତ୍ୱ ରହିଛି। ଆମର ବେଶ-ଭୁଷା, ରିତି- ନୀତିର ଗୁରୁତ୍ୱ ମଧ୍ୟ ଆମ ଜୀବନରେ ରହିଛି। ଜୀବନକୁ କେବଳ ଅର୍ଥରେ ବଞ୍ଚିତ ହେବନାହିଁ ବରଂ ମନର ଖୁସୀ ଯେଉଁ ସ୍ରୋତରେ ଆସିପାରିବ ସେସବୁକୁ ବଜାୟ ରଖିବା ଅତ୍ୟଧିକ ଜରୁରୀ ଅଟେ। ପରିବାରର ଉତ୍ସବରେ ଗୁରୁଜନଙ୍କୁ ପ୍ରଣାମ କରିବା ଲଘୁଜନ ମାନଙ୍କର କର୍ତ୍ତବ୍ୟ। ଅନ୍ୟ ପକ୍ଷରେ ଗୁରୁଜନ ମାନେ ଲଘୁଜନଙ୍କୁ ଆଶୀର୍ବାଦ ଦେବା ମଧ୍ୟ ଉଚିତ୍। ଏସବୁ ପରାମ୍ପରା ସୁଖଦ ଅନୁଭୁତି ଦେଇଥାଏ। ଯଦି ଆମେ କେବଳ ଟଙ୍କା ପଇସାକୁ ଗୁରୁତ୍ୱ ଦେବାକୁ ଲାଗିବା ତେବେ ଆମଠାରୁ ଆମେ ଆମ ନିଜର ଲୋକେ ଧିରେ ଧିରେ ଦୁରେଇ ଯିବା ଆରମ୍ଭ କରିବେ। ଏପରି ହେଲେ ପରିବାର ବିଭାଜିତ ହୋଇଯାଇଥାଏ। ଏହାର ପରିଣାମ ସମୟ ବିତିବା ପରେ ଅନୁଭବ କରିବାକୁ ପଡ଼ିଥାଏ। ଆମେ ଆମ ଉତ୍ସବକୁ ଭୁଲିଯିବା, ଆମ ବେଶ-ଭୁଷାକୁ ଭୁଲିଯିବା, ଆମ ସଂସ୍କୃତିକୁ ଭୁଲିଯିବା ଠିକ୍ ନୁହେଁ, ଏହା ଆମକୁ ଏଭଳି ଅବସ୍ଥାରେ ପହଞ୍ଚାଇ ଦେଇଥାଏ ଯେଉଁଠାରୁ ଫେରିବା ମଧ୍ୟ ମୁସ୍କିଲ ହୋଇଥାଏ; ଆମେ କେତେ ପରିମାଣରେ ଅର୍ଥ ବା ଟଙ୍କା ପଇସା ପାଇଁ ପାଗଳ ହୋଇଯାଇଛେ। କେତେ ଆଧୁନିକ ହୋଇଯାଇଛେ, ଆମର ସଂସ୍କୃତିକୁ କେତେ ଭୁଲିଛେ ଏବଂ ସମାଜଠାରୁ କେତେଦୁରେଇ ଯାଇଛେ ସେକଥା ଭାବିବାର ଆବଶ୍ୟକତା ରହିଛି। ଆମ ମୂଳ ପରିଚୟ ଆମେ ହଜେଇ ଦେଇନେ ତ? ଆମ ପୁରୁଣା ସଂସ୍କାରକୁ ଭୁଲିଯିବା ଆମପାଇଁ ଆତ୍ମଘାତି ପଦକ୍ଷେପ ହେବ ନାହିଁ ତ?

**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪**

# ପୋଷ୍ୟ ପ୍ରାଣୀ ବଦଳାନ୍ତି ମାନସିକ ପୀଡ଼ା



ପ୍ରଫେସର ଡାକ୍ତର ସମ୍ରାଟ କର

କୁହୁଡ଼ିଭରା ସକାଳୁ ସେ ଦିନ ବନ୍ଧୁ ବିରଞ୍ଚି ସୁଦୂର ଜାପାନରୁ ଫୋନ କରିଥିଲେ। ସେ ତାଙ୍କର ଜଣେ ପରିଚିତଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ନେଇ ମୋ ସହ ପରାମର୍ଶ ଚାହିଁଥିଲେ। ତାଙ୍କ କହିବା ମୁତାବକ ସେ ରହୁଥିବା ଆପାର୍ଟମେଣ୍ଟରେ ତାଙ୍କର ଜଣେ ପରିଚିତ ବନ୍ଧୁ ଯାହାଙ୍କର ଦୀର୍ଘ ଦିନ ଧରି ମାନସିକ ସମସ୍ୟା ଥିଲା ସେ କିଛି ଦିନ ହେବ କିଛି ଘରୋଇ ପୋଷା କୁକୁରଙ୍କ ସହ ଆଶ୍ଚର୍ଯ୍ୟଜନକ ଭାବେ ସମୟ କାଟୁଛନ୍ତି ଏବଂ ଏହାର ପରବର୍ତ୍ତୀ ସମୟରେ ତାଙ୍କୁ ମାନସିକ ଭାବେ ସୁସ୍ଥକର ଲାଗୁଛି ବୋଲି ତାଙ୍କ ପରିବାରବର୍ଗ ଅନୁଭବ ମଧ୍ୟ କରୁଛନ୍ତି। ମୁଁ ବନ୍ଧୁ ବିରଞ୍ଚିଙ୍କୁ ବ୍ୟସ୍ତ ନ ହୋଇ ମୁଁ କହିଲି ଆମ ମାନସିକ ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ କୁହାଯାଏ 'ଆନିମଲ ଆସିଷ୍ଟେଡ୍ ଥେରାପି'। ଏହାକୁ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଇଂଲଣ୍ଡର ଇୟର୍କ ରିଟ୍ରିଟ୍ ମନୋରୋଗ ପୁନର୍ବାସନ କେନ୍ଦ୍ରରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇ ବେଶ ସଫଳତା ପାଇବା ପରେ ଉନ୍ନବିଂଶ ଶତକରେ ଇଂଲଣ୍ଡ ଓ ଆମେରିକାର କେବଳ ସରକାରୀ ନୁହେଁ ଘରୋଇ ମାନସିକ ଚିକିତ୍ସା ପ୍ରତିଷ୍ଠାନ ଓ ନିରାମୟ କେନ୍ଦ୍ରରେ ଏହା କାର୍ଯ୍ୟକାରୀ ହେଲା। ପରେ ଅର୍ଥାତ୍ ୧୯୪୪ ବେଳକୁ ଯାହାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟ କୁହାଯାଏ ସେ ସମୟରେ ରେଡ଼କ୍ରସ ସଂସ୍ଥାର ଆମେରିକାନ ପ୍ରଶିକ୍ଷଣପ୍ରାପ୍ତ ପୋଷ୍ୟ ପ୍ରାଣୀମାନେ ଡାକ୍ତରଖାନାରେ ମାନସିକ ଭାବେ ଗୁରୁତର ହୋଇଥିବା ଓ ଅସୁସ୍ଥ ହୋଇଥିବା ବର୍ଗଙ୍କ ପାଇଁ ଉପଶମର ବଡ଼ ସହାୟକ ପାଲଟିଥିଲେ।

୧୯୭୭ ମସିହାରେ ବିଶିଷ୍ଟ ମନୋବିଜ୍ଞାନୀ ଲିଓ କେ ବୁଷ୍ଟାର୍ଡ଼ ଏବଂ ମାଇକେଲ ଚିଜ ମ୍ୟାକୁଲକ ଆମେରିକାର ଓରିଗନ ରାଜ୍ୟର ପୋର୍ଟଲ୍ୟାଣ୍ଡ ସହରରେ ପ୍ରତିଷ୍ଠା କରିଥିଲେ, ଡେଲା ସୋସାଇଟି ଯାହାର ଉଦ୍ଦେଶ୍ୟ ହେଲା ପୋଷ୍ୟ ପ୍ରାଣୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କ ସାହାଯ୍ୟରେ ମାନସିକ ଭାରସାମ୍ୟହୀନ ରୋଗୀ ମାନଙ୍କୁ ଆରୋଗ୍ୟ କରାଇବା। ବିଂଶ ଶତାବ୍ଦୀରେ ଏହାଥିଲା ଡିମେନସିଆ ବା ସ୍ମୃତିହୀନ, ଆଲଜିମରସଜାତୀୟ ମାନସିକ ରୋଗ ଆକ୍ରାନ୍ତ ବୟସ୍କ ବ୍ୟକ୍ତି, ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ ଡିସଅର୍ଡ଼ର, ଗୁରୁତର ଆଘାତ ପ୍ରାପ୍ତିର ପରବର୍ତ୍ତୀ ଅବସ୍ଥାରେ ମାନସିକ ଚାପବୃଦ୍ଧି ଜଡ଼ିତ ବ୍ୟାଧିରେ ଆକ୍ରାନ୍ତ ଏବଂ ଅବସରପ୍ରାପ୍ତ ସୈନିକ ଓ ଅଟିଜିମ୍ ଆକ୍ରାନ୍ତ ଶିଶୁମାନଙ୍କ ଠାରେ ମନୋରୋଗ ଉପଶମର ଅନ୍ୟତମ ବୃହତ ପ୍ରତିଷ୍ଠାନ। ଯାହାକି ୨୦୧୨ ମସିହାରେ ପୋଷ୍ୟ ସାଥି ବା ପେଟ ପାର୍ଟନର୍ସ ଭାବେ ନୂଆ ନାମରେ ନାମିତ ହୋଇଥିଲା। ତେବେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଗବେଷକ କୋଲେଙ୍କ ମତ ଅନୁଯାୟୀ ମାନସିକ, ଶାରୀରିକ ଏପରିକି ମନୋ ସାମାଜିକ ଅବସ୍ଥାର ଉପଶମ ଓ ଉନ୍ନତି ବିଧାନ ପାଇଁ ପୋଷ୍ୟଭିତ୍ତିକ ଥେରାପି ଚିକିତ୍ସା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଓ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପରିଚିତ ହେଉଛନ୍ତି। ଆମେ ସାଧାରଣରେ ଦେଖିଛେ ବିରାଡି ହୁଅନ୍ତୁ ବା କୁକୁର, ଗୋରୁ ଗାଈଙ୍କ ଠାରୁ ପକ୍ଷୀ, ଘୋଡ଼ା ହୁଅନ୍ତୁ ବା ଠେକୁଆ ଏପରିକି ଡଲଫିନ ମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କରି ସେମାନଙ୍କୁ ମାନସିକ ପୀଡିତଙ୍କ ଶାରୀରିକ ସୁସ୍ଥତା ଓ ସମୟ ଅତିବାହିତ କରି ସେମାନଙ୍କୁ ମାନସିକ ଭାବେ ଆନନ୍ଦ ପ୍ରଦାନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଏହି ମର୍ମରେ ଓୟେଷ୍ଟ ଜର୍ଣ୍ଣାଲ ଅଫ ନର୍ସିଂ ରିସର୍ଚ୍ଚ ପ୍ରତିକାଟିକୁ ଏଠାରେ ଉପସ୍ଥାପନ କରୁଛୁ। ସେଠାରେ ଉଲ୍ଲେଖ ରହିଛି ଯେ ମାନସିକ ରୋଗାକ୍ରାନ୍ତ ହୁଅନ୍ତୁ ବା ପୀଡ଼ିତ ସେମାନଙ୍କର ପୁନର୍ବାସ କେନ୍ଦ୍ରରେ ରହିଥିବା ଆକ୍ୟାରିମର ରଙ୍ଗୀନ ମାଛ ହେଉ ବା ଡଲଫିନର ଆନନ୍ଦମୟ ସନ୍ତରଣ ଦୃଶ୍ୟ ସେମାନଙ୍କୁ ଉଲ୍ଲସିତ ଓ ଆନନ୍ଦିତ କରିଥାଏ। ସମ୍ପ୍ରତି ଆମେରିକା ବ୍ୟତୀତ ନେଦରଲ୍ୟାଣ୍ଡ, ସୁଇଜରଲ୍ୟାଣ୍ଡ ଓ ବେଲଜିୟମରେ ପଶୁ ମାନଙ୍କ ସହିତ ଆଲିଙ୍ଗନ ଜନିତ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି ଓ ଏହାକୁ ମାନସିକ ଉପଶମ ପାଇଁ ବିଶେଷକରି ପ୍ରିଜିନ ପେଟ ପାର୍ଟନସିପ ପୋଗ୍ରାମ ମାଧ୍ୟମରେ କାରାଗାରର ବନ୍ଦୀମାନେ ପୋଷ୍ୟପ୍ରାଣୀଙ୍କ ପ୍ରଶିକ୍ଷଣ ଦେଇ ମାନସିକ ରୋଗୀ ମାନଙ୍କ ରୋଗ ନିରାମୟରେ ସାହାଯ୍ୟ କରୁଛନ୍ତି।

ଭାରତ ମଧ୍ୟ ଏ କ୍ଷେତ୍ରରେ ପଛୁଆ ନାହିଁ। ଏହି ପ୍ରଚେଷ୍ଟା ମଧ୍ୟ ଆରମ୍ଭ ହୋଇଗଲାଣି। ପ୍ରଶିକ୍ଷିତ ପୋଷ୍ୟଜନ୍ତୁ ମାନଙ୍କ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ପୁନରୁଦ୍ଧାର ପରି ସେବା ପ୍ରଚଳନ ପାଇଁ କାର୍ଯ୍ୟରତ ରହିଛି ଆନିମଲ ଆଞ୍ଜେଲସ ଫାଉଣ୍ଡେସନ ଓ ମାନିବ ଫାଉଣ୍ଡେସନ, ମୁମ୍ବାଇ, ଓୟେରାଭିଲେ, ବେଙ୍ଗାଲୁର ଏବଂ ଫାର ବଲ ଷ୍ଟୋରୀ, ଦିଲ୍ଲୀ। ପ୍ରଥମ ଓ ଚତୁର୍ଥ କେନ୍ଦ୍ରରେ ପୋଷ୍ୟ ପ୍ରାଣୀ କୁକୁର, ଦ୍ୱିତୀୟ କେନ୍ଦ୍ରରେ ବିରାଡ଼ି ଏବଂ ତୃତୀୟ କେନ୍ଦ୍ରରେ ପୋଷ୍ୟ ହେଉଛି ଘୋଡ଼ା। ଜର୍ଣ୍ଣାଲ ଅଫ ସାଇକୋସୋମାଟିକ ରିସର୍ଚ୍ଚ ପତ୍ରିକାରେ ୨୦୦୦ ମସିହାରେ ପ୍ରକାଶିତ ଗବେଷଣା ନିବନ୍ଧରେ ମନୋବିଜ୍ଞାନୀ ଜେ.ଏସ୍. ଓଡେଣ୍ଡାଲ ଉଲ୍ଲେଖ କରିଛନ୍ତି ମାନସିକ ରୋଗୀ ଏବଂ ପୋଷ୍ୟ ମାନଙ୍କ ଶାରୀରିକ ସାକ୍ଷାତରେ ସେମାନଙ୍କ ଉଭୟଙ୍କର ଦେହରେ ନିଉରୋକେଶିକାଲ କ୍ଷରଣରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯାହା ସେମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନରେ ସହାୟକ ଏବଂ ରୋଗୀର ରୋଗମୁକ୍ତରେ ଅତ୍ୟନ୍ତ ଫଳପ୍ରଦ। ମାସାନୁସେଟସ ଜେନେରାଲ ହସ୍ପିଟାଲର ଗବେଷକ ଡାକ୍ତର ଲରିସ ଏସ ପଲଙ୍କ ମତରେ ସିଜୋଫ୍ରେନିଆ, ଅଲଜିମରସ, ଡିମେନସିଆ, ମ୍ୟାନିକ ଡିପ୍ରେସନ ପ୍ରଭୃତି ମାନସିକ ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କ ସହିତ ପ୍ରଶିକ୍ଷଣ ପ୍ରାପ୍ତ ପ୍ରାଣୀମାନଙ୍କର ନିବିଡ଼ ସଂଯୋଗ ଫଳରେ ସେମାନଙ୍କ ଶରୀରରେ ନିଉରୋଟ୍ରାନ୍ସମିଟର ସିରୋଟାନିନ୍ ଏବଂ ଏଣ୍ଡୋରଫିନର କ୍ଷରଣମାତ୍ରା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଷ୍ଟ୍ରେସହରମୋନ କର୍ଟିସଲ ଓ ଆଡ୍ରେନାଲିନର କ୍ଷରଣମାତ୍ରା ହ୍ରାସ ପାଏ, ଫଳରେ ସେମାନଙ୍କ ଠାରେ ଅନେକାଂଶରେ ଦୂରୀଭୂତ ହୋଇଯାଏ ମାନସିକ ଅବସାଦ ଓ ଶାରୀରିକ ଅବସନ୍ନତା।

ସାଧାରଣତଃ ପୋଷ୍ୟ ପ୍ରାଣୀମାନଙ୍କ ସହ ମାନସିକ ପୀଡ଼ିତମାନେ ସମୟ ଅତିବାହିତ କରିବା ଦ୍ୱାରା ସେମାନଙ୍କ ଠାରେ ଇମ୍ୟୁନୋଗ୍ଲୋବ୍ଲୁନିର ମାତ୍ରା ବଢ଼ିଥାଏ। ଆମେରିକାନ ହାର୍ଟ ଆସୋସିଏସନର ତଥ୍ୟ ଅନୁଯାୟୀ ପୋଷ୍ୟ ପ୍ରାଣୀ ଭିତ୍ତିକ ଚିକିତ୍ସା ମଧ୍ୟ ଫଳପ୍ରଦ ହୋଇଥାଏ। ରିପୋର୍ଟ ଅନୁଯାୟୀ ପୋଷ୍ୟପ୍ରାଣୀଙ୍କ ସହ ସୁମଧୁର ଆଳାପ ବା ସମୟ ଅତିବାହିତ କରିବା ଦ୍ୱାରା ରକ୍ତରେ ଆଡ୍ରେଲିନ ହରମୋନର ମାତ୍ରା ୧୭ ଶତାଂଶ କମିଯାଉଛି, ହୃତପିଣ୍ଡ ସ୍ଥିତ ବାମ ଅଳିନ୍ଦର ରକ୍ତଚାପ ଦଶ ଶତାଂଶ ପ୍ରଶମିତ ହୋଇଯାଉଛି ଯାହାଦ୍ୱାରା ହୃଦରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଠାରେ ରୋଗ ଜନିତ ଉଦବେଗ ୨୪ ଶତାଂଶ ହ୍ରାସ ଘଟୁଛି। ଏହି ମର୍ମରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ତଥ୍ୟ ଅନୁଯାୟୀ ଦେଢ଼ଶହ ମିନିଟର ହାଲକା ଶାରୀରିକ ପରିଶ୍ରମ ଦ୍ୱାରା ଜଣେ ଯେଉଁ ସ୍ୱାସ୍ଥ୍ୟଗତ ଫାଇଦା ବା ଉପଶମ ପାଇଥାଏ ତାହା ଦିନକୁ ଦୁଇଥର ନିଜ ପୋଷା କୁକୁର ସହ ପ୍ରସସ୍ତ ଯାଗାରେ ଚଲାବୁଲା କଲେ ସମାନ ଫଳପ୍ରଦ କରିଥାଏ। ତେବେ ଏହି ଗବେଷଣାର ଅନ୍ୟ ଏକ ତଥ୍ୟ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାହା ହେଉଛି ଆପଣ ପୋଷା ଆଦରର କୁକୁରଟି ଆପଣଙ୍କ ସହ ଯେଉଁ ସଯତ୍ନ ସ୍ନେହ ଆଦର ଓ ଯତ୍ନବତ ଭାବ ପ୍ରବଣତା ଆପଣଙ୍କୁ ପ୍ରଦାନ କରିଥାଏ ତାହା ଜଣେ ମାନସିକ ପୀଡ଼ିତର ଶରୀରରେ ଅକ୍ସିଟୋସିନ ଓ ପ୍ରୋଲାକ୍ଟିନ ହରମୋନର କ୍ଷରଣକୁ ଶରୀରରେ ବଢ଼ାଇ ଦେଇଥାଏ ଯାହା ଜଣଙ୍କୁ ବିଶେଷକରି ସମ୍ପୃକ୍ତ ମାନସିକ ପୀଡ଼ିତଜଣଙ୍କୁ କ୍ରୋଧ ସମ୍ବରଣ ଓ ଆବେଗ ପରିବର୍ତ୍ତନରେ ତାଙ୍କ ମାନସିକ କ୍ଷତକୁ ଉପଶମ କରି ଜୀବନ ଛନ୍ଦକୁ ଆନନ୍ଦମୟ କରିବାର ପ୍ରେରଣା ଦେଖାଇଥାଏ। ଆପଣ ଅନୁଭବ କରୁଥିବେ ପୋଷ୍ୟ ପ୍ରାଣୀମାନେ ବାସ୍ତବିକ କେବଳ ମାନସିକ ପୀଡ଼ିତ ମାନଙ୍କ ପାଇଁ ନୁହେଁ, ବରଂ ସାମଗ୍ରିକ ଭାବେ ଜଣଙ୍କ ଜୀବନ ଆନନ୍ଦମୟ ଗଢ଼ି ତୋଳିବାରେ ଯେଉଁ ଅତୁଟ ଅମାପ ଓ ନିଃସ୍ୱାର୍ଥପର ସେବା ସହଯୋଗ, ଭଲପାଇବା ଦେଇଥାଏ ତାହା ସ୍ମରଣୀୟ। ଏହି ଲେଖାଟି ପ୍ରସ୍ତୁତ କଲାବେଳକୁ ଆପଣଙ୍କୁ କିଛି ଦିନ ତଳର ଭୁବନେଶ୍ୱରର ଏକ ଘଟଣା ମନେପକାଇ ଦେଉଛି। ଏକ ପୋଷ୍ୟ କୁକୁର ଘରକୁ ଆସୁଥିବା ବିଷାକ୍ତ ସାପକୁ ମାଲିକର ଜୀବନ ବଞ୍ଚାଇବା ପାଇଁ ନିଜେ ଲଢ଼ି ଜୀବନକୁ ଉତ୍ସର୍ଗ କରିଥିଲା। ଏପରି ଅନେକ ଘଟଣା ଆମ ମାନଙ୍କର ହାତ ପାହାନ୍ତାରେ ରହିଛି। ଗ୍ରାମ୍ୟ ଜୀବନରେ ଆପଣଙ୍କ ଗାଈ ଗୋରୁ ବାଛୁରୀ ଏପରିକି ପୋଷା ପକ୍ଷୀମାନେ କିପରି ସଯତ୍ନ ଭଲପାଇବା ଓ ବିଶେଷକରି ଗୋରୁ ଗାଈ ମାନେ ମଣିଷ ମୁହଁରେ ଶ୍ରଦ୍ଧେୟ ଅନାବିଳର ଯେଉଁ ମହାର୍ଘ ମୁହଁ ଘଷା ସ୍ନେହ ପ୍ରଦାନ କରିଥାନ୍ତି ତାହା ଅନେକଙ୍କର ସ୍ମରଣୀୟ ଥିବ। ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ ପୋଷ୍ୟ ପ୍ରାଣୀମାନଙ୍କୁ ଆଦର ଯତ୍ନ କଲାବେଳେ ସର୍ବପ୍ରଥମେ ସେମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ପୀଡ଼ିତର ପରିବାର ବର୍ଗଙ୍କ ଏପରି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଓ ପ୍ରେରଣା ରହିଛି।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ମୋବାଇଲ୍: ୯୧୩୨୪୩୩୩୩୩**



# ଭାଇ ଭଗାରୀ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବ୍ୟକ୍ତ ନୁହଁନ୍ତି, ସମୟ କରାଏ, ଏହା ଅନେକ ବାର ପ୍ରମାଣ ହୋଇଥିଲେ ବି ବୁଦ୍ଧିମାନ ମନୁଷ୍ୟମାନେ ଏହାକୁ ମାନି ପାରୁନାହାନ୍ତି। ସୁଖରେ ଦୁଃଖରେ ସମ ଭାବ, ଏହା ଗୁରୁଜ୍ଞାନ ଚେତାଇଲେ ବି, ଏହା ବି ସମୟକୁ ସ୍ରୋତସ୍ୱିନୀ ହେଉଛି। ସମୟ ବଡ଼ ବଳବାନ ଏହା ସର୍ବଦା ବୁଝାପଡୁଛି, ମାଟି ପଡ଼ିଛି, କେତେ ରାଜା ଜମିଦାର ଗଲେଣି, ହେଲେ ଭୂମିମାପ ସରୁନାହିଁ ବଣ୍ଟରା କଳି ଚାଲିଛି, ମାପରେ କେବେ ବି କେହି ସନ୍ତୋଷ ନୁହଁନ୍ତି, ବୁଝାଇବ ଯିଏ, ସେ ବି ସ୍ୱାର୍ଥ ଛାଡୁନାହାନ୍ତି। ଏକ ବିଛଣାରେ ଶୟନ କରିଥିବା ଏକ ରାଜ ପରିବାର ପିଲା ବଡ଼ ହୋଇ ରାମ-ଭରତ ଭଗାରୀ, ନଳରାଜ - ପୁଷ୍କର ଭଗାରୀ, ଦୁର୍ଯ୍ୟୋଧନ-ଯୁଧିଷ୍ଠିର ଭଗାରୀ। ଏମିତି କେତେ, ଏକ ମା-ବାପାଙ୍କ ସନ୍ତାନ ସନ୍ତତି, ଏକ ମା, ବାପା ଭିନ୍ନ, ଏକବାପ ମା ଭିନ୍ନ, ଏମାନଙ୍କ ସନ୍ତାନ ବାପା ମାଙ୍କ ସମ୍ପତ୍ତି ଧନ ପାଇଁ ଭାଇ ଭଉଣୀ ହୋଇ ପିଲାମାନେ ଏକ ମନ ଏକ ପ୍ରାଣରେ, ଖେଳ ସାଥି ରହି, ସାଥିରେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯିବା ଏତେ ମିଳାମିଶା ଆତ୍ମୀୟତା ଥାଇକି ପରିସ୍ଥିତି



ଭଗାରୀ ସମୟକୁ କରୁଛି। ମୃଗ କାକ ବନ୍ଧୁତ୍ୱରେ ଶୃଗାଳ ଉପସ୍ଥିତି ହେଲା, ମୃଗ ଏ ନବ ବନ୍ଧୁ ମିମାଂସା ନକରି ପ୍ରାଣ ସଂଶୟକୁ ଚାଲିଯାଇଥିଲା ବେଳେ କାକ ଦ୍ୱାରା ରକ୍ଷା ପାଇବା ନଜିର ଶାସ୍ତ୍ରରେ ଅଛି। ଆଜିକାଲି ବହୁ ଶୃଗାଳ, 'ଶ୍ୱ-ଗାଳ' ଆଗ ଆଗ ଆତ୍ମୀୟତା ଲଗାଇ ସ୍ୱ ସ୍ୱାର୍ଥର ଦିଗକୁ ଉଣ୍ଡିନେଇ, ଶୁଣି ନେଇ, ଆରମ୍ଭ କରନ୍ତି ବିଷ ସ୍ଲୋ ପଏଜନ, ମିଠା ବିଷ, ଲୋକ ବୁଝିନପାରି, ସର୍ବହରା, ସର୍ବହରା ଶେଷରେ ହୋଇ କୁଳ ଦରାଣ୍ଡିଥାନ୍ତି।

ଭଗାରୀ ସାଧନ ପାଇଁ କେବେ ଗୁଣ୍ଡା ପୋଷଣ, କେବେ ନିଜର ଗୁଣ୍ଡାମୀ, ଅସ୍ତ୍ର, ଅଗ୍ନି ବିଷର ସହାୟତା, ପୋଲିସ, ଅଦାଲତ ନିଶାପ ମିଥ୍ୟା ହଲାପ ଛିଦ୍ର ଅନ୍ୱେଷଣ ପଥ ଖୋଜ କରାଯାଏ। ପରମ ସତ୍ୟ ମୃତ୍ୟୁ ଏକଥା ସମସ୍ତେ ଜାଣନ୍ତି, ହେଲେ ଅଢ଼େଇ ଦିନକୁ ବଢ଼େଇ ସମସ୍ତେ କରୁଛନ୍ତି। ଲୋକେ ପାଠ ପଢ଼ି ଶିକ୍ଷିତ, ଉଚ୍ଚଶିକ୍ଷିତ, ଉଚ୍ଚତର ଜ୍ଞାନୀ ହେଉଛନ୍ତି, ଏ ଜ୍ଞାନ ଦେଇଛନ୍ତି, ମା' ସରସ୍ୱତୀ, ସାରଦା, ବରପୁତ୍ର ରୂପେ ସେ ପ୍ରତିଷ୍ଠା କରାଇଛନ୍ତି, ଧନ ଦେଇଛନ୍ତି, ବହୁ ବିଷୟ ସମ୍ପତ୍ତି ଜମିଜମା ପଦବୀରେ ରଖାଇଛନ୍ତି ମା'ଲକ୍ଷ୍ମୀ, ରାଜଲକ୍ଷ୍ମୀ, ବିଜ୍ଞଲକ୍ଷ୍ମୀ। ଏଇ ଦୁଇ ଜ୍ୟେଷ୍ଠ, ଶ୍ରେଷ୍ଠ କରାଇଛନ୍ତି କ'ଣ ତାଙ୍କର ଅନ୍ୟ ସନ୍ତାନମାନଙ୍କୁ କଷ୍ଟ ଦେବାକୁ? ପଥ ଏକ ହେଲେ ବି ଯାନ ଗୁଡ଼ିକର ଲମ୍ବାଚୌଡ଼ା କେବେ ଏକାନୁହଁ ବେଗ ଏକାନୁହଁ, ଏହା ସମସ୍ତେ ଦେଖୁଛନ୍ତି। ଏଇଥିରୁ କ'ଣ ବୁଝି ପାରୁନାହାଁନ୍ତି, କେ ଅନପଢ଼ କେ ଦରିଦ୍ର, କେ ଅପାରଗ, ସେ ପ୍ରଗତିରେ ଦଉଡିପାରୁ ନାହିଁ ତାକୁ ମାତୃ ସନ୍ତାନ ନିଜ ଅପାରଗ ଭାଇ ଭାବି ଯଦି ଆଗେଇ ନେବାକୁ ଚେଷ୍ଟା କରନ୍ତି ତେବେ ସେ ଦେବୀ ମା'ମାନେ କଣ ରୁଠା ହୋଇଯିବେ କି? କେବେ ଯିବା ଶୁଣିଛନ୍ତି କି? ଅନପଢ଼ ଜ୍ଞାନୀ, ଦରିଦ୍ର ଧନୀ ଏକ ପୃଥିବୀ ମାତାଙ୍କ ସନ୍ତାନ, ଏକ ସରସ୍ୱତୀ ମାଙ୍କ ସନ୍ତାନ, ଏକ ଲକ୍ଷ୍ମୀ ମାଙ୍କ ସନ୍ତାନ। ସନ୍ତାନ କେତେ ପ୍ରକାରର ହୋଇଥାନ୍ତି, ପଢ଼ିବା ବିଦ୍ୟାର ଦିଗ ହୁଏତ ଜଣା ନାହିଁ, ଭଲ କରି ଧର୍ମ ଶାସ୍ତ୍ର ପାଠ କଲେ ବା ପାଠ କରିଥିବାଲୋକ ସଙ୍ଗତି କଲେ ବୁଝି ପାରିବେ। ମନ୍ଦିର ମସଜିଦ, ଗୀର୍ଜା, ଗୁରୁଦ୍ୱାର, ଚଞ୍ଚଳମନ, ଭ୍ରାନ୍ତିମନ, ବିଦ୍ରୋହୀ ମନକୁ ବାଟକୁ ଆଣିବା ପାଇଁ ଏକ ଏକ ମାନସିକ ଡାକ୍ତରଖାନା, ଚିକିତ୍ସାଳୟ, ସେଠାରେ ପାର୍ଶ୍ୱ ଉପାସନାକାରୀ ଏପରିକି ବାହାରେ କିଛି ପ୍ରାପ୍ତି ଆଶାୟୀ ସବୁ ସେହି ଈଶ୍ୱରଙ୍କ ସନ୍ତାନ ସମସ୍ତେ ଭାଇଭାଇ, ଭାଇ ଭଉଣୀ, ଭଉଣୀ ଭଉଣୀ, ଏ ଚେତନା କିଏ ଦେବ ଏ ସମସ୍ତଙ୍କ ହୃଦୟର ଭାବ ହେଲେ ଦେବତା ସଂସାରରେ ନିଶ୍ଚିତ ଅମୃତ ବର୍ଷଣ କରନ୍ତେ, ପ୍ରକୃତରେ ଅବିଦ୍ୟା ଭଗାରୀ ସୃଷ୍ଟି କରୁଛି, ସମୟର ଦୋଷ ନୁହେଁ ସମୟ ହିଁ ନିୟତି।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ମା ଲକ୍ଷ୍ମୀଙ୍କ ସନ୍ତୁଷ୍ଟି ପାଇଁ କ୍ଷେତ ବଢ଼ା ପୂଜା



ସନ୍ତୋଷ କୁମାର ଦାଶ।

ମାର୍ଗଶିର ମାସ ଶେଷ ସମୟ ଓ ପୌଷ ମାସ ର ଆରମ୍ଭ ସମୟ ବେଳକୁ ସାଧାରଣତଃ ଧାନକଟା ଆରମ୍ଭ ହେଇଥାଏ। ଧାନକଟା ପରେ କ୍ଷେତ ରେ ମା ଲକ୍ଷ୍ମୀ ଠାକୁରାଣୀ ଙ୍କୁ ସନ୍ତୁଷ୍ଟ କରିବାକୁ ବିଭିନ୍ନ ଅଞ୍ଚଳ ରେ ଏକ ପର୍ବ ପାଳନ କରାଯାଏ ଯାହାକୁ କ୍ଷେତବଢ଼ା ପର୍ବ କୁହା ଯାଇଥାଏ। ଧାନ ଫସଲ କଟା ସମୟ ରେ କ୍ଷେତ ରେ ୨ ରୁ ୪ ବୁଦା ଧାନଗଛ ଛାଡି ଦିଆଯାଏ କ୍ଷେତବଢ଼ା ପୂଜା ପାଇଁ। ଧାନ କଟା ଯିବା ପରେ ଖଳାରେ ଆସି ଗଦା ମରାଯାଏ। ଆମେ ସମସ୍ତେ ଜାଣୁ ଧନୁ ସଂକ୍ରାନ୍ତି ରେ ଧନୁମୁଆଁ ବିଭିନ୍ନ ଦେବ ଦେବୀ ମାନଙ୍କୁ ଭୋଗ ଲାଗି ହୁଏ କିନ୍ତୁ କ୍ଷେତବଢ଼ା ପୂଜା ପାଇଁ ମଧ୍ୟ ମୁଆଁ ଭୋଗ ଲାଗି କରାଯାଏ। ପ୍ରଥମେ କ୍ଷେତ ରୁ ଖଳାକୁ ଆସିଥିବା ନୁଆ ଧାନ କୁ ଆଣି ଗୃହ ନାରୀ ମାନେ ମାଟି ହାଣ୍ଡି ରେ ଲିଆ ଭାଜନ୍ତି, ତାପରେ ଗୁଡ ପକାଇ ପାଗକରି ଉଖୁଡା ତିଆରି ହୁଏ।ଏହାପରେ ଛୋଟ , ବଡ଼ ଆକାର ରେ ମୁଆଁ କରାଯାଏ। ଚାଷୀମାନେ ଚାଙ୍ଗୁଡି ରେ ମୁଆଁ ,ଫୁଲ,ଚନ୍ଦନ,ଧୂପ,ଦୀପ, ନେଇ ବିଲକୁ ଯାଆନ୍ତି। ବିଲରେ କଟା ବେଳେ ଛଡ଼ା ଯାଇଥିବା ଧାନ ଗଛ ମୂଳରେ ପଞ୍ଚୋପଚାରରେ ପୂଜା କରାଯାଏ। ଗନ୍ଧ ,ପୁଷ୍ପ , ଧୂପ, ଦୀପ , ନୈବେଦ୍ୟ ରେ ଫଳନ୍ତି ଧାନ ଗଛକୁ ମୁଆଁ ଭୋଗ କରାଯାଏ। ଧାନ କୁ ଆମ ଓଡ଼ିଆ ମାନେ ମହାଲକ୍ଷ୍ମୀ ବୋଲି ବିବେଚନା କରୁଥିବାରୁ ଭଲ ଧାନ ଫସଲ ଅମଳ ହେବାକୁ ଓ ପରିବାର କୁ ଆର୍ଥିକ ଅନାଟନ ରୁ ରକ୍ଷା କରିବାକୁ ଚାଷୀ ମାନେ ଏହି ପୂଜା କରିଥାନ୍ତି ବୋଲି ବିଶ୍ୱାସ ରହିଛି। ପୂଜା ପରେ ସେହିଠାରେ ବିଲରେ କାମ କରୁଥିବା ଚାଷି ଓ ବାଟରେ ଯାଉଥିବା ବାଟୋଇ ମାନଙ୍କୁ ପୂଜା ହୋଇଥିବା ମୁଆଁ ବଣ୍ଟାଯାଏ। ଓଡ଼ିଆ ଚାଷୀଙ୍କ ଘରେ ଏହା ଏକ ସୁନ୍ଦର ପରମ୍ପରା ଯାହା ଧିରେ ଧିରେ ହଜିଯିବାକୁ ବସିଲାଣି ଆଉ ଆଗଭଳି କ୍ଷେତ ବଢା ଦେଖିବାକୁ ମିଳୁନାହିଁ। ଆଧୁନିକ ଚାଷ ହେବା କାରଣରୁ ଆମ ପରମ୍ପରା ଲୋପ ହେବାକୁ ବସିଲାଣି ତଥାପି କିଛି ଲୋକଙ୍କ ପାଇଁ ଏ ପ୍ରଥାଟି ବଞ୍ଚିଛି। ସତରେ କୃଷି ତଥା କୃଷକର ଏ ପର୍ବଟି ଅତି ସୁନ୍ଦର।

**ତୁଳସୀପୁରା ପୁରୀ, ମୋବାଇଲ୍: ୯୪୩୯୩୭୬୧୮୮**



# ମାଷ୍ଟରମାଇଣ୍ଡ ବିଲାଲ ଗିରଫ

## ରିମାଣ୍ଡରେ ନେଲା ଏନ୍‌ଆଇଏ

**ଦିଲ୍ଲୀ ବିସ୍ଫୋରଣ ମାମଲାରେ ଏନଆଇଏକୁ ବଡ଼ ସଫଳତା**

**ନୂଆଦିଲ୍ଲୀ ୧୦।୧୨:** ଭାରତର ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ବଡ଼ ସଫଳତା ମିଳିଛି। ଗତ ମାସରେ ଦିଲ୍ଲୀ ବୋମା ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ବାରାମୁଲ୍ଲାର ଡାକ୍ତର ବିଲାଲ ନାସିର ମଲ୍ଲା ହେଉଛନ୍ତି ଅଷ୍ଟମ ଅଭିଯୁକ୍ତ। ତାଙ୍କୁ ଦିଲ୍ଲୀ ଏନଆଇଏ ଦଳ ଗିରଫ କରିଛି। ମଲ୍ଲାଙ୍କୁ ଦିଲ୍ଲୀର ପଟିଆଲା ହାଉସରେ ହାଜର କରାଯାଇଥିଲା। ଶୁଣାଣି ପରେ କୋର୍ଟ ସାତ ଦିନର ରିମାଣ୍ଡରେ ପଠାଇଛି।

ରିମାଣ୍ଡ ମଞ୍ଜୁର ହେବା ପରେ ଏନଆଇଏ ତାଙ୍କୁ ଆଗାମୀ ସାତ ଦିନ ପାଇଁ ପଚରାଉଚରା କରିବ। ତାଙ୍କୁ ଅନ୍ୟ ଅଭିଯୁକ୍ତଙ୍କ ବିଷୟରେ ମଧ୍ୟ ପଚରାଉଚରା କରାଯାଇପାରେ। ତଦନ୍ତରୁ ଜଣାପଡ଼ିଛି ଯେ ବିଲାଲ ଜାଣିଶୁଣି ମୃତ ଅଭିଯୁକ୍ତ ଉମର ଉନ୍ ନବିଙ୍କୁ ଲଜିଷ୍ଟିକ୍ ସହାୟତା ଯୋଗାଇ ଆଶ୍ରୟ ଦେଇଥିଲେ। ତାଙ୍କ ଉପରେ ଆତଙ୍କବାଦୀ ପ୍ରମାଣ ନଷ୍ଟ କରିବାର ଅଭିଯୋଗ ଆସିଛି। ଏନଆଇଏ ଏହି ବିପଜ୍ଜନକ ଆତଙ୍କବାଦୀ ଘଟଣା ପଛରେ ଥିବା ଷଡ଼ଯନ୍ତ୍ରର ତଦନ୍ତ ଜାରି ରଖିଛି। ଆତଙ୍କବାଦ ବିରୋଧୀ ଏଜେନ୍ସି ଷଡ଼ଯନ୍ତ୍ରର ସମସ୍ତ ଲିଙ୍କ୍ ଖୋଲିବା ପାଇଁ ବିଭିନ୍ନ କେନ୍ଦ୍ରୀୟ ଏବଂ ରାଜ୍ୟ ଏଜେନ୍ସି ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି। ଏହି ସମୟରେ, ଅଭିଯୁକ୍ତ ଆମିର ରସିଦଙ୍କୁ ଆଜି ଆଉ ଏକ ସାତ ଦିନିଆ ରିମାଣ୍ଡରେ ପଠାଯାଇଛି। ତାଙ୍କୁ ପଟିଆଲା ହାଉସରେ ହାଜର କରାଯାଇଥିଲା। ତାଙ୍କୁ ନଭେମ୍ବର ୧୬ ତାରିଖରେ ଗିରଫ କରାଯାଇଥିଲା। ଗିରଫ ହେବା ପରଠାରୁ ତାଙ୍କୁ ଦୁଇଟି ପୃଥକ ତାରିଖରେ ରିମାଣ୍ଡରେ ନିଆଯାଇଥିଲା, ଯାହା ପରେ ଆଜି ପୁଣି ଥରେ ହାଜର କରାଯାଇଥିଲା।

**ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ରାହୁଲ ଗାନ୍ଧୀଙ୍କ ରୁଦ୍ଧଦ୍ୱାର ବୈଠକ**

# ସିଆଇସିକୁ ନେଇ ୮୮ ମିନିଟ ଆଲୋଚନା

**ନୂଆଦିଲ୍ଲୀ, ୧୦।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ମଧ୍ୟରେ ହୋଇଛି ରୁଦ୍ଧଦ୍ୱାର ବୈଠକ। ଗୋଟିଏ ରୁମରେ ଏହି ୩ ନେତା ବୈଠକ କରି ୮୮ ମିନିଟ ଧରି ଆଲୋଚନା କରିଥିଲେ। ଦେଶର ପରବର୍ତ୍ତୀ ସୂଚନା କମିଶନରଙ୍କ ଚୟନ ଉଦ୍ଦେଶ୍ୟରେ ପ୍ରୋଟକଲ ଅନୁସାରେ ୩ ନେତା ପରସ୍ପର ସହ ଆଲୋଚନା କରିଛନ୍ତି।



କେନ୍ଦ୍ର ସୂଚନା କମିଶନରେ(ସିଆଇସି)ରେ ଖାଲି ପଡ଼ିଥିବା ୮ଟି ପଦବୀ ପାଇଁ କମିଶନରମାନଙ୍କୁ ନିଯୁକ୍ତି କରିବାର ନିଷ୍ପତ୍ତି ଏହି ୩ ଜଣିଆ ପ୍ୟାନେଲ ନେବ। ସରକାର ପୂର୍ବରୁ ହିଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ପ୍ୟାନେଲ ଉପଯୁକ୍ତ ବ୍ୟକ୍ତିଙ୍କୁ ଚୟନ କରିବ ବୋଲି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଥିଲେ। ଏହିକ୍ରମରେ ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଚୟନ କମିଟିର ବୈଠକ ହୋଇଛି। ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଯୋଗ ଦେଇଥିଲେ। ସୂଚନା ଅଧିକାର ଆଇନର ଧାରା ୧୨(୩) ଅଧୀନରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ପ୍ୟାନେଲ ମୁଖ୍ୟ ସୂଚନା କମିଶନର ଓ ଅନ୍ୟ କମିଶନରମାନଙ୍କୁ ଚୟନ କରିବାର ପ୍ରାବଧାନ ରହିଛି। ଏହି ପ୍ୟାନେଲରେ ବିରୋଧୀ ଦଳର ନେତା ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ର ମନ୍ତ୍ରୀ ରହିବେ।

ମୁଖ୍ୟ ସୂଚନା କମିଶନର ଓ ଅନ୍ୟ ସୂଚନା କମିଶନରଙ୍କ କାମ ହେଲା ଆରଟିଆ ଦ୍ୱାରା କରାଯାଉଥିବା ଆବେଦନର ସମୀକ୍ଷା କରିବା ଓ ଏହାର ଉପଯୁକ୍ତ ଉତ୍ତର ଦେବା। ଆରଟିଆଇ ସମ୍ପର୍କିତ ଅଭିଯୋଗ ଓ ଆବେଦନ କଥା ବିଚାରକୁ ଆସିଲେ ଏହାର ସର୍ବୋଚ୍ଚ ପ୍ରାଧିକୃତ ଅଧିକାରୀ ହେଉନ୍ତି ସିଆଇସି। ଏବେ ସିଆଇସିରେ ୨ ଜଣ କମିଶନର ରହିଛନ୍ତି। ୮ଟି ପଦ ଖାଲି ପଡ଼ିଥିବା ବେଳେ ୩୦,୮୩୮ଟି ଆବେଦନ ବିଚାର ଅପେକ୍ଷାରେ ରହିଛି।

ହୀରାଲାଲ ସମାରିୟା ଶେଷଥର ମୁଖ୍ୟ ସୂଚନା କମିଶନର ଭାବେ କାର୍ଯ୍ୟ କରିଥିଲେ। ସେପ୍ଟେମ୍ବର ୧୩ରେ ତାଙ୍କୁ ୬୫ ବର୍ଷ ବୟସ ହୋଇଯିବାରୁ ତାଙ୍କୁ ଅବସର ନେବାକୁ ପଡ଼ିଥିଲା। ସେବେଠାରୁ ଏହି ପଦ ଖାଲି ପଡ଼ିଛି। ହୀରାଲାଲ ୨୦୨୩ ନଭେମ୍ବର ୬ ମୁଖ୍ୟ ସୂଚନା କମିଶନର ଭାବେ ନିଯୁକ୍ତି ପାଇଥିଲେ।

# ପୁଟିନ୍ ଗଲେ ଟ୍ରମ୍ପ ଆସିବେ

**ନୂଆଦିଲ୍ଲୀ ୧୦।୧୨:** ଋଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ନିକଟରେ ଶେଷ ହୋଇଥିବା ଭାରତ ଗସ୍ତ ଏବେ ବୈଶ୍ୱିକ କୁଟନୀତିରେ ଏବେ ଏପରି ପରିବର୍ତ୍ତନର ସଂକେତ ଦେଇଛି ଯାହାକୁ ବିଶ୍ୱାସ ବି କରି ହେଉନି। ପୁଟିନଙ୍କ ଗସ୍ତ ସରିବା ପରେ ଆମେରିକା ଓ ପାଶ୍ଚାତ୍ୟ ଦେଶରେ ଏବେ ଜୋରଦାର ଉଠାପକା ଆରମ୍ଭ ହୋଇଯାଇଛି, ଯେଉଁଥି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପରି ପଦକ୍ଷେପ ନେଇଛନ୍ତି ଯାହା କେହି ବିଶ୍ୱାସ ବି କରିପାରୁ ନାହାନ୍ତି। ସେ ଭାରତ ଗସ୍ତ ପାଇଁ ପ୍ରସ୍ତାବ ଦେଇଛନ୍ତି। ହ୍ୱାଇଟ୍ ହାଉସ୍ ଭାରତ ସରକାରଙ୍କୁ ରାଷ୍ଟ୍ରପତିଙ୍କ ଅଧିକାରୀକ ଯାତ୍ରା ପ୍ରସ୍ତାବ ପଠାଇଛି। ଏଥିରୁ ଏହା ସ୍ପଷ୍ଟ ହୋଇଛି ଯେ, ଭାରତ ସହିତ ଉତ୍ତେଜନା ସମାପ୍ତ କରିବା ଓ ନିଜ ସମ୍ପର୍କକୁ ନୂଆ ସ୍ତରକୁ ନେଇଯିବାକୁ ଆମେରିକା ଏବେ ଉତ୍ସାହୀ।

ଭାରତ ଏହି ପ୍ରସ୍ତାବକୁ ସ୍ୱାଗତ ତ କରିଛି ହେଲେ ସ୍ପଷ୍ଟ କରିଛି ସମ୍ପର୍କ ଏବେ ବରାବରି ଆଧାରରେ ଆଗକୁ ବଢ଼ିବ। ଏଥିପାଇଁ ଆମେରିକା ଆଗରେ ୪ଟି ସର୍ତ୍ତ ରଖିଛି ଭାରତ। ଯେଉଁଥିରେ ପ୍ରଥମ ସର୍ତ୍ତ ହେଉଛି ଭାରତ ଉପରେ ଜାରି ହୋଇଥିବା ସବୁ ଟାରିଫ ହଟାଇବା। ଦ୍ୱିତୀୟ ସର୍ତ୍ତରେ ଭାରତୀୟ କମ୍ପାନୀଙ୍କ ଉପରେ ଜାରି କଟକଣା ଯଥାଶୀଘ୍ର ହଟାଇବା,



ତୃତୀୟ ସର୍ତ୍ତରେ ଭାରତ ଉପରେ ଡଲାରରେ ବାଣିଜ୍ୟ କରିବାର ଚାପ ସମାପ୍ତ କରିବା ଓ ଚତୁର୍ଥ ତଥା ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ହେଉଛି ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ଓ ଭିଟୋ ପାୱାର ପାଇଁ ଆମରିକା ଲିଖିତ ସମର୍ଥନ ଦେଉ।

ଏହି ସବୁ ସର୍ତ୍ତକୁ ନେଇ ପ୍ରଥମେ ମନେ କରାଯାଉଥିଲା ଆମେରିକା ଏହାକୁ ମାନିବ ନାହିଁ। ହେଲେ ଟ୍ରମ୍ପ ପ୍ରଶାସନ ଭାରତର ସବୁ ସର୍ତ୍ତରେ ସହମତି ଦେଇ ବିଶ୍ୱକୁ ଚକିତ କରିଦେଇଛି। ଏଥି ମଧ୍ୟରେ ସବୁଠୁ ବଡ଼ କଥା ଯାହା ତାହା ହେଉଛି ଟ୍ରମ୍ପ ପ୍ରଶାସନ ଭାରତୀୟ ସିପିଂ କମ୍ପାନୀଙ୍କ ଉପରେ ଜାରି କରିଥିବା କଟକଣା ସମାପ୍ତ କରିବାକୁ ୭୨ ଘଣ୍ଟା ସମୟ ମାଗିଥିଲା, ହେଲେ ଏହି କାମକୁ ମାତ୍ର ୪୨ ଘଣ୍ଟାରେ ପୂରା କରିଦେଇଛି। ଟ୍ରମ୍ପଙ୍କ ଅପ୍ରତ୍ୟାସିତ ନିଷ୍ପତ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା ମୁତାବକ ଟ୍ରମ୍ପ ସମ୍ଭବତଃ ୨୧ ଡିସେମ୍ବର ୨୦୨୫ରେ ଭାରତ ଗସ୍ତରେ ଆସି ପାରନ୍ତି।

**ବିରୋଧୀଙ୍କୁ ଟାର୍ଗେଟ୍ କଲେ ଶାହ**

# କଂଗ୍ରେସ ଶାସନରେ ୧୪ ଥର ହୋଇଛି ଏସ୍‌ଆଇଆର୍

**ନୂଆଦିଲ୍ଲୀ,୧୦।୧୨ :** କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଲୋକସଭାରେ ନିର୍ବାଚନ ସଂସ୍କାର ଉପରେ ବିତର୍କରେ ଭାଗ ନେଇ ବିରୋଧୀଙ୍କୁ ଟାର୍ଗେଟ୍ କରିଛନ୍ତି। ଅମିତ୍ ଶାହ କହିଛନ୍ତି ଯେ, ନେହରୁ ଶାସନରେ ୩ ଓ କଂଗ୍ରେସ ସମୟରେ ୧୧ ଥର ଏସଆଇଆର୍ ହୋଇଛି। ସର୍ବପ୍ରଥମେ ଏସ୍‌ଆଇଆର୍ ୧୯୫୨ରେ ହୋଇଥିଲା। ସେତେବେଳେ ଜବାବହାରଲାଲ୍ ନେହରୁ ଦେଶର ପ୍ରଧାନମନ୍ତ୍ରୀ ଥିଲେ। ପୁଣି ୧୯୫୭ ଓ ୧୯୬୧ରେ ଏସ୍‌ଆଇଆର୍ ହୋଇଥିଲା। ଏପରି ଭାବେ କଂଗ୍ରେସ ଶାସନ ସମୟରେ ୧୧ ଥର ଏସ୍‌ଆଇଆର୍ ପ୍ରକ୍ରିୟା ଶେଷ ହୋଇଛି।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ଭାରତୀୟ ସମ୍ବିଧାନର ଧାରା ୨ ଅନୁଯାୟୀ ନିର୍ବାଚନ କମିଶନ ଗଠନ କରାଯାଇଛି। ଏକ ପ୍ରକାରେ ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା। ଯେତେବେଳେ ଏହାର ବ୍ୟବସ୍ଥା କରାଯାଇଥିଲା, ସେତେବେଳେ ଆମ ଦଳ ଗଠନ ହୋଇନଥିଲା। ନିର୍ବାଚନ କମିଶନକୁ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହାକୁ ଭୋଟର ତାଲିକା ସଂଶୋଧନ କରିବାର ଦାୟିତ୍ୱ ମଧ୍ୟ ଦିଆଯାଇଛି। ଧାରା ୩୨୫ ଯେକୌଣସି ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ ଦେବାକୁ ବିରୋଧ କରୁଛି। ସେହିପରି ଧାରା ୩୨୬ରେ ଏସଆଇଆର ପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଭୋଟର ହେବା ପାଇଁ ଆବଶ୍ୟକତା ସ୍ଥିର କରାଯାଇଛି। ପ୍ରଥମ ସର୍ତ୍ତ ହେଉଛି, ଜଣେ ଭୋଟର ଭାରତର ନାଗରିକ ହେବା ଆବଶ୍ୟକ। ଅମିତ ଶାହ କହିଛନ୍ତି, ସମ୍ବିଧାନର ଧାରା ୩୨୬ରେ ଭୋଟର ହେବା ପାଇଁ ଯୋଗ୍ୟତା ଏବଂ ସର୍ତ୍ତାବଳୀ ଉଲ୍ଲେଖ ରହିଛି। ପ୍ରଥମ ସର୍ତ୍ତ ହେଉଛି ଭୋଟର ଜଣେ ଭାରତୀୟ ନାଗରିକ ହେବା ଆବଶ୍ୟକ, ବିଦେଶୀ ନୁହେଁ। ବିରୋଧୀ ପଚାରୁଛନ୍ତି, 'ନିର୍ବାଚନ କମିଶନ ଏସଆଇଆର କାହିଁକି କରୁଛନ୍ତି ?' ଏହା ନିର୍ବାଚନ କମିଶନର ଦାୟିତ୍ୱ, ତେଣୁ ଏହା କରୁଛନ୍ତି ।' ବିରୋଧୀ ଦଳ ଏସଆଇଆର ଉପରେ ଲଗାତାର ମିଛ ପ୍ରଚାର କରୁଛନ୍ତି। ଯେତେବେଳେ ନିୟମ ତିଆରି ହୋଇଥିଲା, ସେତେବେଳେ କୌଣସି ବିଜେପି ସରକାର ନଥିଲା। ଯେଉଁମାନେ ବିଦେଶୀ ସେମାନଙ୍କୁ ବାଛି ବାଛି ହଟାଇବା ଉଚିତ; ଏହା ହିଁ ଏସଆଇଆର। ସମ୍ବିଧାନର ଧାରା ୩୨୪ ଅନୁଯାୟୀ, ନିର୍ବାଚନ ଆୟୋଗଙ୍କୁ ନିର୍ବାଚନ କମିଶନ ଗଠନ, ନିର୍ବାଚନ କମିଶନରଙ୍କ ନିଯୁକ୍ତି ଏବଂ ଲୋକସଭା, ରାଜ୍ୟସଭା, ବିଧାନସଭା, ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ନିର୍ବାଚନ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଦିଆଯାଇଛି । ଯଦି ଏକାଧିକ ନିର୍ବାଚନ କମିଶନର ଥାଆନ୍ତି, ତେବେ ଏହି ନିୟନ୍ତ୍ରଣ ନିର୍ବାଚନ କମିଶନରଙ୍କୁ ଦିଆଯାଏ।

## ରାହୁଲଙ୍କୁ ଶାହଙ୍କ କଟାକ୍ଷ

**ନୂଆଦିଲ୍ଲୀ,୧୦।୧୨:** ଲୋକସଭାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ବୁଧବାର ବିରୋଧୀଙ୍କ ଉପରେ ଶାଣିତ ସ୍ୱରରେ ନିଶାଣ କରିଛନ୍ତି। ଦେଶରେ ମତଦାତା ସୂଚୀର ଏସ୍‌ଆଇଆର୍‌କୁ ନେଇ ମିଛ ପ୍ରଚାର କରୁଥିବା ଅଭିଯୋଗ କରିଛନ୍ତି। ଏସ୍‌ଆଇଆର୍‌କୁ ନେଇ ଅମିତ୍ ଶାହ କହିଛନ୍ତି ଯେ, ୨୦୦୪ ଯାଏ ଏହାକୁ କେହି ବିରୋଧ କରିନଥିଲେ, କିନ୍ତୁ ଏବେ ବିରୋଧ ହେଉଛି। ଏହାରି ଭିତରେ ରାହୁଲ ଗାନ୍ଧୀ ଓ ଅମିତ୍ ଶାହଙ୍କ ମଧ୍ୟରେ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ଅମିତ ଶାହ ନିର୍ବାଚନ ସଂସ୍କାର ଉପରେ କହିବା ବେଳେ ରାହୁଲ ଗାନ୍ଧୀ ଏସଆଇଆର ଉପରେ ସାମ୍ବାଦିକ ସମ୍ମିଳନୀରେ ଗୃହମନ୍ତ୍ରୀଙ୍କୁ ବିତର୍କ ପାଇଁ ଚ୍ୟାଲେଞ୍ଜ କରିଥିଲେ। ଏହି ସମୟରେ, ଅମିତ ଶାହ କହିଥିଲେ, ଗତ ୩୦ ବର୍ଷ ହେଲା ମୁଁ ସଂସଦ କିମ୍ବା ବିଧାନସଭାକୁ ନିର୍ବାଚିତ ହେଉଛି, ଏହା କେବେ ଘଟିନାହିଁ । ସେ ଆହୁରି ମଧ୍ୟ କହିଥିଲେ, ମୁଁ ମୋର ଭାଷଣର କ୍ରମ ସ୍ଥିର କରିବି, ଆପଣ ନୁହେଁ। ଏହା ପରେ ରାହୁଲ ଗାନ୍ଧୀ ପୁଣି ଠିଆ ହୋଇ କହିଥିଲେ ଯେ, ଗୃହମନ୍ତ୍ରୀ ଭୟଭୀତ ଉତ୍ତର ଦେଇଛନ୍ତି, ଏହା ସତ ଉତ୍ତର ନୁହେଁ। ଏହା ପରେ ତୁରନ୍ତ ଅମିତ ଶାହ କହିଥିଲେ ଯେ, ମୁଁ ଆପଣଙ୍କ ମୁହଁରେ ଚିନ୍ତା ଦେଖିଛି, ମୁଁ ଆପଣଙ୍କ ଦ୍ୱାରା ଉତ୍ତେଜିତ ହେବିନାହିଁ ଏବଂ ମୋ ନିଜସ୍ୱ ଶୈଳୀରେ କହିବି। ଅମିତ୍ ଶାହ କହିଥିଲେ, ମୋର ଭାଷଣ ମୋ ଇଚ୍ଛା ଅନୁସାରେ ଚାଲିବ। ଆପଣ ବିରୋଧୀ ଦଳର ନେତା, ଆପଣଙ୍କର କହିବାର ଅଧିକାର ଅଛି କିନ୍ତୁ ମୁଁ ବୁଝିପାରୁଛି ଯେ ସେ ଏହା କାହିଁକି କହୁଛନ୍ତି। ଅମିତ ଶାହ କହିଲେ ଯେ, ଆପଣ ମଧ୍ୟ ଆମ କଥା ଶୁଣିବା ଉଚିତ, ଆମେ ଗତକାଲି ଆପଣ କହିବା ବେଳେ ଠିଆ ହୋଇ କହି ନଥିଲୁ ଯେ ଆପଣ ମିଛ କହୁଛନ୍ତି। ଅମିତ ଶାହ କହିଥିଲେ ଯେ ଏସଆଇଆର ହେଉଛି ନିର୍ବାଚନକୁ ସ୍ୱଚ୍ଛ କରିବା ପାଇଁ ଏକ ପ୍ରକ୍ରିୟା। ଯଦି ଗଣତନ୍ତ୍ରରେ ନିର୍ବାଚନ ପରିଚାଳନାର ଆଧାର ଥିବା ଭୋଟର ତାଲିକା ଦୂଷିତ ହୁଏ, ତେବେ ନିର୍ବାଚନ କିପରି ସ୍ୱଚ୍ଛ ହୋଇପାରିବ ? ସମୟ ସମୟରେ ଭୋଟର ତାଲିକାର ସମ୍ପୂର୍ଣ୍ଣ ସଂଶୋଧନ ଆବଶ୍ୟକ, ତେଣୁ ନିର୍ବାଚନ କମିଶନ ୨୦୨୫ରେ ଏସଆଇଆର କରିବାକୁ ନିଷ୍ପତ୍ତି ନେଇଛନ୍ତି ।



# ଗୋଆ ନାଇଟ୍ କ୍ଲବର ସହ-ମାଲିକ ଗିରଫ




**ପାଣାଜୀ,୧୦।୧୨:** ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ଘଟଣାରେ ପୁଲିସକୁ ବଡ ସଫଳତା ମିଳିଛି। ନାଇଟ୍ କ୍ଲବର ସହ-ମାଲିକ ଅଜୟ ଗୁପ୍ତାଙ୍କୁ ଗିରଫ କରିଛି ପୁଲିସ। ସେ ବିରଚ୍ ବାଏ ରୋମିଓ କ୍ଲବର ୪ଜଣ ମାଲିକଙ୍କ ମଧ୍ୟରୁ ଜଣେ।

ପ୍ରଥମେ ଗୋଆ ପୁଲିସ ପକ୍ଷରୁ ଲୁକ୍ ଆଉଟ୍ ନୋଟିସ୍ ଜାରି କରାଯାଇଥିଲା। ଅଜୟ ଗୁପ୍ତାଙ୍କ ସହ ଅନ୍ୟତମ ମାଲିକ ସୁରିନ୍ଦର କୁମାର ଖୋସଲାଙ୍କୁ ପୁଲିସ ଧରିବା ପାଇଁ ଅନେକ ସ୍ଥାନରେ ରେଡ୍ କରୁଥିଲା। ତେବେ ଅଜୟଙ୍କୁ ଗିରଫ କରାଯାଇଛି। ଏହା ସହ ମାମଲାରେ ଗିରଫଦାରୀ ସଂଖ୍ୟା ୬କୁ ବଢ଼ିଛି। ପୋଲିସର କହିବାନୁସାରେ, ନାଇଟ୍ କ୍ଲବର ଅଗ୍ନିକାଣ୍ଡ ପରେ ଅଜୟଙ୍କୁ ଧରିବା ପାଇଁ ଦିଲ୍ଲୀରେ ରେଡ୍ ହୋଇଥିଲା। କିନ୍ତୁ ସେ ତାଙ୍କ ବାସଭବନରେ ନଥିଲେ। କିନ୍ତୁ ଦିଲ୍ଲୀର ଅନ୍ୟ ଏକ ସ୍ଥାନରୁ ତାଙ୍କୁ ଗିରଫ କରାଯାଇଛି। ଅନ୍ୟ ଦିଗରେ ସୌରଭ ଲୁଥ୍ରା ଏବଂ ଗୌରବ ଲୁଥ୍ରା ଏବେ ଫେରାର ଅଛନ୍ତି। ସେମାନଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ ଜାରି କରାଯାଇଛି। ସୂଚନାଯୋଗ୍ୟ ଯେ ଗୋଆ ସ୍ଥିତ ବିରଚ୍ ବାଏ ରୋମିଓ କ୍ଲବରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୨୫ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଗୁରୁତର ହୋଇଛନ୍ତି। ତେବେ କ୍ଲବଟି ଅନେକ ସୁରକ୍ଷା ମାନଦଣ୍ଡକୁ ଉଲ୍ଲଙ୍ଘନ କରିଥିବା ଜଣାପଡିଥିଲା।

**ଭବିଷ୍ୟବାଣୀ କଲେ ହଙ୍ଗେରୀ ପ୍ରଧାନମନ୍ତ୍ରୀ**

# ୨୦୩୦ରେ ତୃତୀୟ ବିଶ୍ୱଯୁଦ୍ଧ

**ବୁଡାପେଷ୍ଟ, ୧୦।୧୨:** ୨୦୩୦ରେ ବିଶ୍ୱ ଦେଖିବ ମହାଯୁଦ୍ଧ। ୟୁରୋପରୁ ଆରମ୍ଭ ହେବ ମହାସମର। ତୃତୀୟ ବିଶ୍ୱଯୁଦ୍ଧର ମୂଳଦୁଆ ୟୁରୋପରୁ ପଡିବ ବୋଲି ଭବିଷ୍ୟବାଣୀ କରିଛନ୍ତି ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟର ଓରବାନ୍। ଓରବାନ୍ କହିଛନ୍ତି ଯେ ୟୁରୋପୀୟ ସଙ୍ଘର କୌଣସି ଦେଶ ଉପରେ ଆକ୍ରମଣ ହେଲେ ଅନ୍ୟ ସହଯୋଗୀ ଦେଶ ଚୁପ୍ ବସିବେ ନାହିଁ। ଦେଶମାନେ ପରସ୍ପରକୁ ସମର୍ଥନ କରିବେ। ତେଣୁ ୨୦୩୦ ସୁଦ୍ଧା ୟୁକ୍ରେନକୁ ୟୁରୋପୀୟ ସଙ୍ଘରେ ସାମିଲ କରିବା ପାଇଁ ପ୍ରଚେଷ୍ଟା ଚାଲିଛି। ଯାହା ଦ୍ୱାରା ଏକ ଶକ୍ତିଶାଳୀ ସାମରିକ ସଙ୍ଘ ପ୍ରସ୍ତୁତ ହେବ। ଯାହା ଋଷିଆକୁ ଚେକ୍ ଦେବା ପାଇଁ ପର୍ଯ୍ୟାପ୍ତ ହେବ ବୋଲି ଓରବାନ୍ କହିଛନ୍ତି।



**ଋଷ ଉପରେ ଆକ୍ରମଣ କରିବ ୟୁରୋପୀୟ ସଙ୍ଘ**

ସେ ଆହୁରି କହିଛନ୍ତି ଯେ, ବେଲଜିୟମ୍ ଋଷ୍ ସହ ଯୁଦ୍ଧ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।୨୦୩୦ସୁଦ୍ଧା ସେ ମସ୍କୋ ଉପରେ ଆକ୍ରମଣ କରିବା ପାଇଁ ଯୋଜନା କରୁଛି।ସମାନ ବର୍ଷ ଅର୍ଥାତ ୨୦୩୦ ହେଉଛିୟୁକ୍ରେନକୁ ୟୁରୋପୀୟ ସଙ୍ଘରେ ମିଶାଯିବାର ବର୍ଷ। ଯଦି ବ୍ରୁସେଲ ଆକ୍ରମଣ କରେ ତେବେ ଅନ୍ୟ ସହଯୋଗୀ ଦେଶ ସମର୍ଥନରେ ବାହାରିବେ। ଯାହା ପରିସ୍ଥିତିକୁ ଭୟଙ୍କର କରିବ। ତେବେ ହଙ୍ଗେରୀ ଯୁଦ୍ଧ ରୋକିବାକୁ ସମସ୍ତ ଚେଷ୍ଟା କରିବ। ଯଥା ସମ୍ଭବ ଯୁଦ୍ଧଠୁ ନିଜକୁ ଦୂରେଇ ରଖିବାକୁ ସମସ୍ତ ରାସ୍ତା ଆପଣାଇବ। ତେବେ ସମ୍ଭାବ୍ୟ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ଋଷ ମଧ୍ୟ ପ୍ରସ୍ତୁତ ହେଲାଣି। କିଛି ଦିନ ତଳେ ଋଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ ଏନେଇ ବୟାନ ଦେଇଥିଲେ। ସେ ଏକା ୟୁରୋପକୁ ଧ୍ୱଂସ କରିଦେବା ନେଇ କହିଥିଲେ। ଯଦି ୟୁରୋପ ଯୁଦ୍ଧ ଚାହୁଁଛି ତା' ହେଲେ ଋଷିଆ ମନା କରିବନାହିଁ ବୋଲି ପୁଟିନ୍ କହିଥିଲେ। ଯଦି ଅନୁମାନ ସତ ହୁଏ, ତାହାଲେ୨୦୩୦ ସୁଦ୍ଧା ପୃଥିବୀ ତୃତୀୟ ବିଶ୍ୱଯୁଦ୍ଧ ଦେଖିବ ବୋଲି ସେ କହିଥିଲେ।

**ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ବଢ଼ୁଛି ହିଂସା**

# ହିନ୍ଦୁ ଦମ୍ପତିଙ୍କୁ ଗଳାକାଟି ହତ୍ୟା

**ନୂଆଦିଲ୍ଲୀ,୧୦।୧୨:** ଶେଖ୍ ହସିନା ସରକାରଙ୍କ ପତନ ପରେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ନିର୍ଯାତନା ଚରମରେ ପହଞ୍ଚିଛି। ଲାଗାତାର ହିନ୍ଦୁଙ୍କ ଉପରେ ଆକ୍ରମଣ ମାମଲା ବୃଦ୍ଧି ପାଉଛି। ବାଂଲାଦେଶରେ ପୁଣି ଥରେ ଦୁଇଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇଛି। ୧୯୭୧ ମୁକ୍ତିଯୋଦ୍ଧାର ସଂଗ୍ରାମୀ ଓ ତାଙ୍କ ପତ୍ନୀଙ୍କୁ ରଙ୍ଗପୁର ସ୍ଥିତ ନିଜ ଘରେ ଗଳା କାଟି ହତ୍ୟା କରାଯାଇଛି। ରିପୋର୍ଟ ଅନୁସାରେ ମୃତକ ଦୁଇଜଣ ହେଲେ ଯୋଗେଶ ଚନ୍ଦ୍ର ରୟ (୭୫) ଓ ତାଙ୍କ ପତ୍ନୀ ସୁବୋର୍ଣ୍ଣା ରୟ (୬୦)। ରବିବାର ସୁବୋର୍ଣ୍ଣା ରୟଙ୍କ ମୃତଦେହ ରୋଷେଇ ଘରେ ପଡ଼ିଥିବା ବେଳେ ଯୋଗେଶ ଚନ୍ଦ୍ର ରୟଙ୍କ ଶରୀର ଖାଇବା କୋଠରିରେ ପଡ଼ିଥିଲା। ଦୁହିଁଙ୍କୁ ସମାନ ଢଙ୍ଗରେ ହତ୍ୟା କରାଯାଇଥିଲା। ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ହିଂସା ଓ ନିର୍ଯାତନାକୁ ନେଇ ଭାରତ ଲଗାତାର ଚିନ୍ତା ପ୍ରକାଶ କରିଛି। ୨୦୨୫ ଅଗଷ୍ଟରେ ବୈଦେଶିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ସଂସଦରେ କହିଥିଲେ ଯେ, ଭାରତ ଏହିପରି ଶତାଧିକ ମାମଲା ଚିହ୍ନଟ କରିଛି। ଭାରତ ସରକାର ଏହି ପ୍ରସଙ୍ଗକୁ ବାଂଲାଦେଶ ସରକାରଙ୍କ ନିକଟରେ ଉଠାଇଛନ୍ତି। ସଂସଦରେ ଦିଆଯାଇଥିବା ତଥ୍ୟ ଅନୁସାରେ, ୨୦୨୧ ପରଠୁ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣର ୩୫୮୨ଟି ମାମଲା ରହିଛି। ବାଂଲାଦେଶରେ ଏହି ସଦ୍ୟ ହତ୍ୟାକାଣ୍ଡ ପୁଣି ଥରେ ବଡ଼ ପ୍ରଶ୍ନ ଉଠାଇଛି। ବାଂଲାଦେଶ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବାରେ ଲଗାତାର ବିଫଳ ହେଉଛି।

# 'ଏସ୍‌ଆଇଆର୍ ସମୟରେ ବିଏଲଓଙ୍କୁ ଧମକ ଗ୍ରହଣୀୟ ନୁହେଁ'

**ନୂଆଦିଲ୍ଲୀ, ୯।୧୨:** ସୁପ୍ରିମକୋର୍ଟ ମଙ୍ଗଳବାର ପଶ୍ଚିମବଙ୍ଗ ସମେତ ଅନ୍ୟ ରାଜ୍ୟ ପକ୍ଷରୁ ଦାଖଲ ହୋଇଥିବା ସ୍ପେଶାଲ ଇନଟେନସିଭ୍ ରିଭିଜନ୍ ବା ଏସଆଇଆର ମାମଲାର ଶୁଣାଣି କରିଛନ୍ତି। ବିଭିନ୍ନ ରାଜ୍ୟରେ ଏସଆଇଆରରେ ବିଏଲଓଙ୍କୁ ଧମକାଉଥିବା ଅଭିଯୋଗକୁ ମଧ୍ୟ କୋର୍ଟ ଗୁରୁତର ସହ ନେଇଛନ୍ତି। ଏହା କେବେହେଲେ ଗ୍ରହଣୀୟ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହାସହ ନିର୍ବାଚନ କମିଶନଙ୍କୁ ମଧ୍ୟ ଅନେକ ପରାମର୍ଶ ଦିଆଯାଇଛି। ମଙ୍ଗଳବାର ଏସଆଇଆର ମାମଲାରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଅନେକ ରାଜ୍ୟରୁ ଏସଆଇଆର ପ୍ରକ୍ରିୟାକୁ ସହଯୋଗ ମିଳୁନାହିଁ। ବିଏଲଓଙ୍କୁ ଅତ୍ୟଧିକ କାମ କରିବାକୁ ଧମକ ମିଳୁଛି। ଏହା ଉପରେ ଧ୍ୟାନ ଦେବା ଜରୁରୀ। ନିର୍ବାଚନ କମିଶନଙ୍କ ପକ୍ଷରୁ ମାମଲା ଲଢୁଛନ୍ତି ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ। ତାଙ୍କୁ କୋର୍ଟ କହିଛନ୍ତି ଯେ, ଯଦି ବିଏଲଓମାନେ ସହଯୋଗ କରୁନାହାନ୍ତି ତେବେ କୋର୍ଟଙ୍କ ନଜରକୁ ଆଣନ୍ତୁ। ଯାହାପରେ ଆଇନଜୀବୀ ନିର୍ଦ୍ଦେଶ ନମାନିଲେ ନିର୍ବାଚନ କମିଶନ ପୁଲିସକୁ ନିୟୋଜିତ କରିବେ ବୋଲି କହିଥିଲେ। କିନ୍ତୁ



ନିର୍ବାଚନ ପ୍ରକ୍ରିୟା ଆରମ୍ଭ ନହେବା ଯାଏଁ ପୁଲିସକୁ କମିଶନ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ଜଷ୍ଟିସ ବାଗଚୀ କହିଛନ୍ତି। ଏହାପରେ ଆଇନଜୀବୀ ଦ୍ୱିବେଦୀ ନିର୍ବାଚନ କମିଶନଙ୍କ ପାଖରେ ସମସ୍ତ ସାମ୍ବିଧାନିକ ଅଧିକାର ଥିବା ପ୍ରକାଶ କରିଥିଲେ।

ଏହା ଉପରେ ପ୍ରଧାନ ବିଚାରପତି କହିଛନ୍ତି ଯେ, ସ୍ଥିତି ଉପରେ ନଜର ନରଖିଲେ ଅରାଜକତା ସୃଷ୍ଟି ହେବ। ଅନ୍ୟ ଦିଗରେ ଆଇନଜୀବୀ ଦ୍ୱିବେଦୀ କହିଛନ୍ତି ଯେ, ପଶ୍ଚିମବଙ୍ଗ ହିଂସା ସହ ବିଏଲଓଙ୍କ ଆତ୍ମହତ୍ୟାକୁ ଯୋଡା ଯାଇପାରିବ ନାହିଁ। କାରଣ ସେମାନଙ୍କୁ ୩୦-୩୫ଭୋଟର ରହୁଥିବା ୬-୭ଟି ଘରେ ସର୍ଭେ କରିବାକୁ ହୁଏ। ଏହା ପରେ ଜଷ୍ଟିସ ବାଗଚୀ କହିଛନ୍ତି ଯେ, କାମ ସହଜ ନୁହେଁ। ଘର ଘର ବୁଲି ଫର୍ମ ପୂରଣ କରିବାକୁ ହୁଏ। ତାକୁ କମ୍ପ୍ୟୁଟରରେ ଅପଲୋଡ୍ କରିବାକୁ ହୋଇଥାଏ। ଏହା ଯେତେ ସହଜ ଦେଖାଯାଏ ସେତେ ସହଜ ନୁହେଁ। ଅନ୍ୟଦିଗରେ ଆବେଦନକାରୀଙ୍କ ପାଇଁ ମାମଲା ଲଢୁଥିବା ବରିଷ୍ଠ ଅଧିବକ୍ତା ଭି ଗିରି ଏସଆଇଆର କାମରେ ନିୟୋଜିତ ବିଏଲଓଙ୍କୁ ସୁରକ୍ଷା ଦାବି କରିଥିଲେ। ବିଏଲଓଙ୍କୁ ଧମକ ଦିଆଯାଉଥିବା ନେଇ ସେ ଅଭିଯୋଗ କରିଥିଲେ।

**ଆର୍‌ଜେଡିକୁ ବଡ଼ ଝଟକା**

# ଇସ୍ତଫା ଦେଲେ ନୀତୀଶଙ୍କୁ ହରାଇଥିବା ନେତା

**ନୂଆଦିଲ୍ଲୀ:** ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଲାଲୁ ଯାଦବଙ୍କ ଦଳର ଶୋଚନୀୟ ପରାଜୟ ପରେ, ଆରଜେଡିକୁ ଆଉ ଏକ ଝଟକା ଲାଗିଛି। ଜଣେ ପ୍ରମୁଖ ଆରଜେଡି ନେତା ଏବଂ ପୂର୍ବତନ ସାଂସଦ ଏବଂ ଲାଲୁ-ରାବିଡିଙ୍କ ସରକାରରେ ମନ୍ତ୍ରୀ ଥିବା ବିଜୟ କୃଷ୍ଣ ଦଳ ଛାଡିଛନ୍ତି। ସେ କେବଳ ଲାଲୁ ପ୍ରସାଦ ଯାଦବଙ୍କ ନିକଟତର ନଥିଲେ ବରଂ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନିକଟତର ମଧ୍ୟ ଥିଲେ। ସେ ଲୋକସଭା ନିର୍ବାଚନରେ ନୀତିଶ କୁମାରଙ୍କୁ ମଧ୍ୟ ପରାସ୍ତ କରିଥିଲେ। ବିଜୟ କୃଷ୍ଣ ତାଙ୍କ ଇସ୍ତଫା ପତ୍ରରେ କାହାରି ବିରୁଦ୍ଧରେ କୌଣସି ଅଭିଯୋଗ ଆଣି ନାହାଁନ୍ତି। ଲାଲୁ ଯାଦବଙ୍କୁ ଦେଇଥିବା ତାଙ୍କ ଇସ୍ତଫା ପତ୍ରରେ ସେ ଲେଖିଛନ୍ତି, 'ମୁଁ ଦଳୀୟ ରାଜନୀତି ଏବଂ ସକ୍ରିୟ ରାଜନୀତିରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛି। ତେଣୁ, ମୁଁ ପ୍ରାଥମିକ ସଦସ୍ୟତା ଏବଂ ରାଷ୍ଟ୍ରୀୟ ଜନତା ଦଳର ସମସ୍ତ ପଦବୀରୁ ଇସ୍ତଫା ଦେଉଛି। ଦୟାକରି ଗ୍ରହଣ କରନ୍ତୁ।' ଉଲ୍ଲେଖ ଥାଉ କି, ଲାଲୁ ଏବଂ ନୀତିଶଙ୍କ ପରି ବିଜୟ କୃଷ୍ଣ ଜେପି ଆନ୍ଦୋଳନରୁ ଆସିଥିବା ଜଣେ ନେତା। ସେ ୨୦୦୪ରେ ନୀତିଶ କୁମାରଙ୍କୁ ବାଢ ଲୋକସଭା ଆସନରୁ ହରାଇଦେଇଥିଲେ।

# ଭାରତ-ଫ୍ରାନ୍ସ- ୟୁଏଇର ମିଳିତ ସମରାଭ୍ୟାସ

**ନୂଆଦିଲ୍ଲୀ,୧୦।୧୨:** ଭାରତ ଆରବ ସାଗର ଉପରେ ଫ୍ରାନ୍ସ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ଏକ ପ୍ରମୁଖ ବାୟୁ ସମରାଭ୍ୟାସ କରୁଛି। ଏହି ଅଭ୍ୟାସର ଲକ୍ଷ୍ୟ ତ୍ରିପାକ୍ଷିକ ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବା ଏବଂ ଭାରତ ମହାସାଗର ଅଞ୍ଚଳ ତଥା ବ୍ୟାପକ ଭାରତ-ପ୍ରଶାନ୍ତ ମହାସାଗରରେ ସାମରିକ ସମନ୍ୱୟ ବୃଦ୍ଧି କରିବା। ବିମାନ ଯୁଦ୍ଧ ଅଭ୍ୟାସ ପାଇଁ ଭାରତୀୟ ବାୟୁସେନା ଏହାର ସୁଖୋଇ-୩୦ ଏମକେଆଇ ଏବଂ ଜାଗୁଆର ଲଢୁଆ ବିମାନ ନିୟୋଜିତ କରିବ। ଏମାନଙ୍କ ସହିତ ଆଇଏଲ-୭୮ ଏୟାର ଟ୍ୟାଙ୍କର୍ ଏବଂ ଏୟାରବୋର୍ଣ୍ଣ ପ୍ରାରମ୍ଭିକ ସତର୍କତା ତଥା ନିୟନ୍ତ୍ରଣ ବିମାନ ରହିଛି। ସମସ୍ତ ବିମାନ ଗୁଜରାଟର ଜାମନଗର ଏବଂ ନାଲିଆ ଏୟାରବେସ୍ ରୁ ଉଡ଼ାଣ ଭରିବ।

ଫ୍ରାନ୍ସ ଏବଂ ୟୁଏଇ ଅଲ୍ ଧାଫ୍ରା ବାୟୁସେନା ଘାଟିରୁ ରାଫେଲ୍ ଏବଂ ମିରାଜ ଯୁଦ୍ଧ ବିମାନ ଏବଂ ଅନ୍ୟାନ୍ୟ ସହାୟକ ବିମାନ ସହିତ ଅଂଶଗ୍ରହଣ କରିବେ। ଭାରତ ଡିସେମ୍ବର ୧୦ ଏବଂ ୧୧ ରେ ପାକିସ୍ତାନର କରାଚୀରୁ ୨୦୦ ନଟିକାଲ୍ ମାଇଲ୍ ଦୂରରେ ଏହି



**ପାକିସ୍ତାନ ଥରହର**

ଅଭ୍ୟାସ କରୁଛି। ଏହାକୁ ନେଇ ପାକିସ୍ତାନ ଥରହର ହୋଇଛି। ଏହି ଅଭ୍ୟାସ ପାଇଁ ଏୟାରମ୍ୟାନ୍‌ଙ୍କୁ ଏକ ନୋଟିସ୍ ଜାରି କରାଯାଇଛି। ଏହି ତିନି ଦେଶ ପୂର୍ବରୁ ଡିସେମ୍ବର ୨୦୨୪ରେ ଡେଜର୍ଟ ନାଇଟ୍ ନାମକ ଏକ ସମାନ ବାୟୁ ଯୁଦ୍ଧ ଅଭ୍ୟାସ କରିଥିଲେ। ଭାରତ ଏହି କ୍ଷେତ୍ରର ବିଶେଷକରି ଉପସାଗରୀୟ ଦେଶଗୁଡ଼ିକ ସହିତ ସାମରିକ ସହଯୋଗ ବୃଦ୍ଧି କରିବା ପାଇଁ ନିୟମିତ ଭାବରେ ଏପରି ଅଭ୍ୟାସ କରିଥାଏ। ଏହି ଅଭ୍ୟାସଗୁଡ଼ିକରେ ଫ୍ରାନ୍ସ, ଆମେରିକା ଏବଂ ଅଷ୍ଟ୍ରେଲିଆ ଭଳି ଅଂଶୀଦାରମାନେ ସାମିଲ ହୋଇଥାନ୍ତି। ଜଣେ ଅଧିକାରୀଙ୍କ ଅନୁଯାୟୀ, ଦ୍ୱିପାକ୍ଷିକ, ତ୍ରିପାକ୍ଷିକ ଏବଂ ବହୁପାକ୍ଷିକ ଅଭ୍ୟାସ ବାସ୍ତବବାଦୀ ପରିସ୍ଥିତିରେ ଯୁଦ୍ଧ କୌଶଳ, ରଣନୀତି ଏବଂ ପ୍ରକ୍ରିୟାଗୁଡ଼ିକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାରତ, ଫ୍ରାନ୍ସ ଏବଂ ୟୁଏଇର ନୌସେନା ଜୁନ୍ ୨୦୨୩ରେ ସେମାନଙ୍କର ପ୍ରଥମ ତ୍ରିପାକ୍ଷିକ ସାମୁଦ୍ରିକ ଅଭ୍ୟାସ କରିଥିଲେ। ଏହି ଅଭ୍ୟାସରେ ପାରମ୍ପରିକ ଏବଂ ଅଣ-ପାରମ୍ପରିକ ବିପଦକୁ ମୁକାବିଲା କରିବା ପାଇଁ କ୍ଷମତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୨୦୨୨ରେ ବୈଦେଶିକ ମନ୍ତ୍ରୀମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ତ୍ରିପାକ୍ଷିକ ଢାଞ୍ଚା ଅଧୀନରେ, ତିନି ଦେଶ ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ଶକ୍ତି ଏବଂ ପରିବେଶ ସମେତ ଅନେକ କ୍ଷେତ୍ରରେ ଏକ ମହତ୍ୱାକାଂକ୍ଷୀ ରୋଡମ୍ୟାପ୍ ଉପରେ ଏକାଠି କାମ କରୁଛନ୍ତି। ମେ' ମାସରେ ଅପରେସନ୍ ସିନ୍ଦୂର ପରେ, ଭାରତର ନୌସେନା, ବାୟୁସେନା ଏବଂ ସେନା ନିୟମିତ ସାମରିକ ଅଭ୍ୟାସ କରିଆସୁଛନ୍ତି। ଏହି ତିନି ସେବା ନିଜ ନିଜ ମଧ୍ୟରେ ଏବଂ ଅନ୍ୟ ଦେଶର ସେନା ସହିତ ଅଭ୍ୟାସ କରିଛନ୍ତି। ରାଜସ୍ଥାନରେ ଏକ ମିଳିତ ଆତଙ୍କବାଦ ବିରୋଧୀ ଅଭିଯାନ ସମ୍ପ୍ରତି କରାଯାଇଥିଲା। ଗତ ମାସରେ, ଅପରେସନ୍ ତ୍ରିଶୂଳ ନାମକ ଏକ ପ୍ରମୁଖ ଘରୋଇ ଅଭ୍ୟାସ ପଶ୍ଚିମ ସୀମା ସହିତ ସ୍ଥଳ, ବାୟୁ ଏବଂ ସମୁଦ୍ର ଅଭିଯାନକୁ ସମନ୍ୱିତ କରିଥିଲା।



ରାଜଧାନୀର ଶୈଳଶ୍ରୀବିହାରସ୍ଥ ମଙ୍ଗଳା ମନ୍ଦିର ଛକରେ ଜଣେ ବିଜେପି ନେତାଙ୍କ କାର ଥୁଆହୋଇଥିବା ବେଳେ ଆମ ବସର ଡ୍ରାଇଭର ଫୋନରେ ଗପି ଗପି ଦୁର୍ଘଟଣା ଘଟାଇଛି। ଫଳରେ କାରଟି ଭାଙ୍ଗିରୁଜି ଯାଇଛି।

## ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗ

# ରୋହିତ ଶର୍ମା ନଂ.୧, ବିରାଟ କୋହଲି ନଂ.୨



**ନୂଆଦିଲ୍ଲୀ,୧୦।୧୨:** ପୁଣି ଚମକିଲେ ରୋକୋ। ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଜଲୱା ଜାରି। ଦିନିକିଆରେ ଏକ ନମ୍ବରେ ସ୍ଥାନରେ ଅଛନ୍ତି ହିଟ ମ୍ୟାନ। ସେହିପରି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଲଗାତାର ୨ଟି ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ସହ ପଏଣ୍ଟ ଟେବୁଲର ନମ୍ବର ୨ରେ ପହଞ୍ଚିଛନ୍ତି କିଙ୍ଗ କୋହଲି। ବୁଧବାର ଜାରି ଆଇସିସି ରାଙ୍କିଙ୍ଗରେ ଉଭୟ ରୋହିତ ଏବଂ ବିରାଟ ଦିନିକିଆରେ ନିଜର ଦବଦବା ରଖିଥିବା ଦେଖିବାକୁ ମିଳିଛି।

ଦକ୍ଷିଣ ଆଫ୍ରିକା ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜରେ ୩୦୨ ରନ କରି ପ୍ଲେୟାର ଅଫ୍ ଦି ସିରିଜ୍ ବିବେଚିତ ବିରାଟ ଦୁଇଟି ସ୍ଥାନ ଉପରକୁ ଉଠିଛନ୍ତି। ରୋହିତ ସିରିଜରେ ୧୪୬ ରନ କରି ତାଙ୍କଠାରୁ ମାତ୍ର ଆଠ ରେଟିଂ ପଏଣ୍ଟ ଆଗରେ ଅଛନ୍ତି। ଭାରତର ପରବର୍ତ୍ତୀ ଏକଦିବସୀୟ ଟୁର୍ଣ୍ଣାମେଣ୍ଟ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ହେବ।

ଯାହା ଜାନୁଆରୀ ୧୧ରୁ ଆରମ୍ଭ ହେଉଛି। ସମସ୍ତଙ୍କ ନଜର ନମ୍ବର ୱାନ୍ ସ୍ଥାନ ପାଇଁ କୋହଲି-ରୋହିତଙ୍କ ଦୌଡ଼ ଉପରେ ରହିବ। କୋହଲିଙ୍କ ବ୍ୟତୀତ କେଏଲ ରାହୁଲ ମଧ୍ୟ ବ୍ୟାଟସମ୍ୟାନଙ୍କ ପାଇଁ ଏକଦିବସୀୟ ରାଙ୍କିଙ୍ଗରେ ଦୁଇ ସ୍ଥାନ ଉପରକୁ ଉଠି ଦ୍ୱାଦଶ ସ୍ଥାନରେ ପହଞ୍ଚିଛନ୍ତି। ବୋଲରଙ୍କ ମଧ୍ୟରେ, କୁଲଦୀପ ଯାଦବ ତିନି ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି।

● ଜୁନିୟର ପୁରୁଷ ହକି ବିଶ୍ୱକପ

# ଆର୍ଜେଣ୍ଟିନାକୁ ହରାଇ ଭାରତ ଜିତିଲା କାଂସ୍ୟ



ନୂଆଦିଲ୍ଲୀ,୧୦।୧୨: ଶେଷ ୧୧ ମିନିଟରେ ୪ ଗୋଲ୍ ଦେଇ ଭାରତ ଆର୍ଜେଣ୍ଟିନାକୁ ହରାଇ ଜୁନିୟର ପୁରୁଷ ହକି ବିଶ୍ୱକପରେ କାଂସ୍ୟ ପଦକ ଜିତିଛି। ଏହି ମ୍ୟାଚ ଭାରତ ୨୦୨୧ର ଚାମ୍ପିଅନ ଆର୍ଜେଣ୍ଟିନାକୁ ୪-୨ରେ ହରାଇ ୯ ବର୍ଷ ପରେ ଜୁନିୟର ବିଶ୍ୱକପ୍ ହକିରେ ପଦକ ନିଜ ନାଁରେ କରିଛି। ଏହା ପୂର୍ବରୁ ଭାରତ ୨୦୦୧ରେ ହୋବାର୍ଟ ଓ ୨୦୧୬ ଲକ୍ଷ୍ନୌରେ ଚାମ୍ପିଅନ ହୋଇଥିଲା। ଗତ ଦୁଇ ଥର ଦଳ କାଂସ୍ୟ ପଦକ ମୁକାବିଲାରେ ହାରି ଚତୁର୍ଥ ସ୍ଥାନରେ ରହିଥିଲା।

ଭାରତ ପକ୍ଷରୁ ଅଙ୍କିତ ପାଲ୍(୪୯ ତମ ମିନିଟ୍), ମନମୀତ ସିଂ(୫୨ତମ), ଶାରଦାନନ୍ଦ ତିୱାରୀ (୫୭ତମ) ଓ ଅନମୋଲ ଇକ୍କା(୫୮ତମ) ମିନିଟ୍ ଗୋଲ୍ ଦେଇଥିଲେ। ଆର୍ଜେଣ୍ଟିନା ପାଇଁ ନିକୋଲାସ ରୋଡ୍ରିଗେଜ(୫ମ) ଓ ସାଣ୍ଟିୟାଗୋ ଫର୍ଣ୍ଣାଡିଜ(୪୪ତମ) ମିନିଟରେ ଗୋଲ୍ ସ୍କୋର କରିଥିଲେ। ଖେଳର ୫୨ତମ ମିନିଟରେ ଭାରତକୁ ପୁଣି ଥରେ ପେନାଲ୍ଟି କର୍ଣ୍ଣର ମିଳିଥିଲା, ଯାହାକୁ ମନମୀତ ଗୋଲ୍ ଦେଇ ମ୍ୟାଚକୁ ୨-୨ରେ ବରାବର କରିଥିଲେ।

ଏହା ପରେ ମ୍ୟାଚ୍ ସୁଟଆଉଟକୁ ଯିବ ବୋଲି ଲାଗୁଥିଲା। କିନ୍ତୁ ଖେଳ ସରିବାର ୩ ମିନିଟ୍ ବାକି ଥିବା ବେଳେ ଶାରଦାନନ୍ଦ ତିୱାରୀ ୫୭ତମ ମିନିଟ୍‌ରେ ଗୋଲ୍ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ପୁଣି ୫୮ ତମ ମିନିଟରେ ସାଣ୍ଟିୟାଗୋ ଫର୍ଣ୍ଣାଡିଜ ଗୋଲ୍ ଦେଇ ଭାରତର ବିଜୟ ସୁନିଶ୍ଚିତ କରିଥିଲେ। ଭାରତୀୟ ହକି ଦଳ ସେମିଫାଇନାଲରେ ଜର୍ମାନୀଠାରୁ ୫-୧ ଗୋଲରେ ପରାସ୍ତ ହୋଇଥିଲା। ଏହା ପରେ, ଟିମ୍ ଇଣ୍ଡିଆ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଆର୍ଜେଣ୍ଟିନା ବିପକ୍ଷରେ ବିଜୟ ହାସଲ କରି ପଦକ ନିଶ୍ଚିତ କରିଛି।




## ଦୀଘା-ପୁରୀର ଏକାଧିକ ଟ୍ରେନର ଅସ୍ଥାୟୀ ଷ୍ଟପେଜ ବଢ଼ିଲା

**କୋଲକାତା,୧୦।୧୨(ସଂଚାର ବ୍ୟୁରୋ):** ବର୍ଷ ଶେଷରେ ଯାତ୍ରୀମାନଙ୍କ ପାଇଁ ସୁଖବର୍ ଶୁଣାଇଲା ରେଳ ବିଭାଗ। ୨୫ ଡିସେମ୍ବରରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ପୁରୀ, ରାଞ୍ଚି ଏବଂ କାମାକ୍ଷା ଅଭିମୁଖେ ଯାଉଥିବା ଏକାଧିକ ଟ୍ରେନ୍ ପଶ୍ଚିମ ମେଦିନୀପୁରର ଗଡବେଟା ଷ୍ଟେସନରେ ଅଟକିବ। ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ଏହି ଘୋଷଣା କରାଯାଇଛି। ୨ ମିନିଟ୍ ପାଇଁ 'ଅସ୍ଥାୟୀ ଷ୍ଟପେଜ୍' ଦିଆଯିବ। ବର୍ଷ ଶେଷରେ ବହୁ ଲୋକ ଛୁଟି କାଟିବାକୁ ଯାଆନ୍ତି। ଦୀଘା ଏବଂ ପୁରୀ ଏହି ତାଲିକାରେ ରହିଛି। ହାଓଡ଼ା ଏବଂ ପୂର୍ବ ମେଦିନୀପୁର ତ ରହିଛି, କିନ୍ତୁ ଏଥର ପଶ୍ଚିମ ମେଦିନୀପୁରରୁ ମଧ୍ୟ ସେହି ସମସ୍ତ ସ୍ଥାନକୁ ଯାଇପାରିବେ।

## ବାବ୍ରୀ ମସଜିଦ ଲାଗି ବିପୁଳ ଟଙ୍କା ଦାନ

କ୍ୟୁଆର୍ କୋଡ୍ ସ୍କାନ କରି କୋଟି କୋଟି ଟଙ୍କା ଜମା

**କୋଲକାତା,୧୦।୧୨ (ସଂଚାର ବ୍ୟୁରୋ):** ବାବ୍ରି ମସଜିଦ ପାଇଁ ଦାନ ଲାଗି କ୍ୟୁଆର୍ କୋଡ୍ ପ୍ରଚଳନ କରାଯାଇଛି। ଦାନ ବାକ୍ସ ମାଧ୍ୟମରେ ମଧ୍ୟ ଟଙ୍କା ଆସୁଛି।

ସେହି ମାଧ୍ୟମରେ ୨ କୋଟି ୩୦ ଲକ୍ଷ ଟଙ୍କା ଆସିଛି। ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିବା ଗଣନା ଅନୁଯାୟୀ, ମୋଟ ଦାନ ପରିମାଣ ପ୍ରାୟ ୩ କୋଟି ଟଙ୍କା। ଏହା ୩ କୋଟି ୫୦ ଲକ୍ଷ ଟଙ୍କା ଅତିକ୍ରମ କରିପାରେ। ଇତିମଧ୍ୟରେ ମୋଟ ୧୧ଟି ଦାନ ବାକ୍ସ ଅଣାଯାଇସାରିଛି।

## ରାସ୍ତାରୁ ମିଳିଲା ବିପୁଳ ଭୋଟର କାର୍ଡ

କୋଲକାତା,୧୦।୧୨(ସଂଚାର ବ୍ୟୁରୋ): ନଦିଆର ଶାନ୍ତିପୁରର ୧୨ ନମ୍ବର ଜାତୀୟ ସଡକରେ ଥିବା ଏକ ଅଳିଆ ଗଦାରେ ବସ୍ତାରୁ ଭୋଟର କାର୍ଡ ଉଦ୍ଧାର କରାଯାଇଛି। ଉତ୍ତର ୨୪ ପ୍ରଗଣାର ଠିକଣା ଥିବା ବହୁ ଭୋଟର କାର୍ଡରେ ଲେଖାଯାଇଛି। ଏହି ଖବର ସମଗ୍ର ଅଞ୍ଚଳରେ ମୁହୂର୍ତ୍ତକ ମଧ୍ୟରେ ବ୍ୟାପିଯାଇଥିଲା। ଶେଷରେ ପୁଲିସ ଆସି କାର୍ଡଗୁଡ଼ିକ ଉଦ୍ଧାର କରିଥିଲା। ବସ୍ତାରୁ ପ୍ରାୟ ପାଞ୍ଚ ଶହ କାର୍ଡ ମିଳିଛି। ଏଥିରେ ବହୁ ଡକ୍ୟୁମେଣ୍ଟ ମଧ୍ୟ ରହିଛି।

## ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

**କୋଲକାତା,୧୦।୧୨(ସଂଚାର ବ୍ୟୁରୋ):** କୋଲକାତାରେ ମଙ୍ଗଳବାର ଇଏମ୍ ବାଇପାସରେ ଏକ ଦ୍ରୁତଗାମୀ ଗାଡ଼ି ଧକ୍କା ଦେବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ, ବୁଧବାର ସକାଳେ ରେଡ୍ ରୋଡରେ ଅନ୍ୟ ଏକ ଗାଡ଼ି ଏକ ବିଦ୍ୟୁତ୍ ଖୁଣ୍ଟ ଏବଂ ଏକ ଗଛରେ ଧକ୍କା ଦେଇଥିଲା। ଗାଡ଼ିରେ ଥିବା ଦୁଇଜଣ ଆହତ ହୋଇଛନ୍ତି। ଧକ୍କାରେ ଜଣେ ପଥଚାରୀ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି।

## ଇଷ୍ଟ ଇଣ୍ଡିଆ ମାଇକ୍ରୋ ଫାଇନାନ୍ସ ସମିତି ଆୟୋଜନ

**କୋଲକାତା,୧୦।୧୨(ସଂଚାର ବ୍ୟୁରୋ):** କୋଲକାତାର ଆଲିପୁରର ଧନଧାନ୍ୟ ଅଡିଟୋରିୟମ୍‌ରେ ଏମ୍ଏଫ୍ଆଇଏନ୍ ଏବଂ ସା-ଧନ ସହିତ ମିଳିତ ଭାବରେ, ଇକ୍ୱିଫାକ୍ସର ଜ୍ଞାନ ଅଂଶୀଦାର ଏବଂ ଏମ୍୨ଆଇର ଗବେଷଣା ଅଂଶୀଦାର ସହାୟତାରେ, ପୂର୍ବ ଭାରତ ମାଇକ୍ରୋଫାଇନାନ୍ସ ସମିତି ୨୦୨୫ ର ୧୦ମ ସଂସ୍କରଣ ଆୟୋଜନ କରିଥିଲା। ଚଳିତ ବର୍ଷ, ସମିତିର ବିଷୟବସ୍ତୁ ଥିଲା 'ବିକଶିତ ଭାରତ ଆଡ଼କୁ ମାଇକ୍ରୋଫାଇନାନ୍ସର ପୁନଃକଳ୍ପନା'। ଭାରତ ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ପରିବର୍ତ୍ତିତ ନିୟମାବଳୀ ସହିତ ଅଧିକ ଅନୁପାଳନ କରିବା। ୧୦ମ ପୂର୍ବ ଭାରତ କ୍ଷୁଦ୍ର ଆର୍ଥିକ ସମ୍ମିଳନୀ ୨୦୨୫ ଭାରତର ବିକାଶ ଲକ୍ଷ୍ୟ ସହିତ ଏକ ଦୃଢ଼, ଲୋକ-ଭିତ୍ତିକ କ୍ଷୁଦ୍ର ଆର୍ଥିକ ଇକୋସିଷ୍ଟମ ଗଠନ ପାଇଁ ଏମ୍ଏଫ୍ଆଇ, ବ୍ୟାଙ୍କ, ଫିନଟେକ୍ କମ୍ପାନୀ, ନିବେଶକ, ନିୟାମକ ଏବଂ ନାଗରିକ ସମାଜ ମଧ୍ୟରେ ସହଯୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା।

## କାରକୁ ଧକ୍କାଦେଲା ଟ୍ରକ, ୨ ମୃତ

କୋଲକାତା,୧୦।୧୨(ସଂଚାର ବ୍ୟୁରୋ): ବୁଧବାର ସକାଳେ ସନ୍ଦେଶଖାଲିର ଶେଖ ଶାହଜାହାନଙ୍କ ବିରୁଦ୍ଧରେ ସିବିଆଇ ମାମଲାର ଜଣେ ସାକ୍ଷୀ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଏଦିନ ବୟାରମାରିର ଏକ ପେଟ୍ରୋଲ ପମ୍ପ ନିକଟରେ ସାକ୍ଷୀ ଜଣଙ୍କ ଗାଡ଼ି ଚଳାଉଥିବା ସମୟରେ ଏକ ଟ୍ରକ ତାଙ୍କ କାରକୁ ଧକ୍କା ଦେଇଥିଲା। ଜାଣିବାକୁ ମିଳିଛି ଯେ, ଭୋଲା ତାଙ୍କ ପୁଅକୁ ନେଇ ମାଲାନଚର ଅଭିମୁଖେ ଯାଉଥିଲେ। ଟ୍ରକ ଧକ୍କା ଦେବା ପରେ ସେମାନଙ୍କ କାର ଓଲଟି ପଡ଼ିଥିଲା। କାରରେ ଥିବା ସମସ୍ତେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦାମାନେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଯାଇଥିଲେ। ଦୁର୍ଘଟଣାରେ ଭୋଲା ଘୋଷଙ୍କ ପୁଅ ଏବଂ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ଭାବରେ ଜଣାପଡିଛି। ଭୋଲାଙ୍କୁ ଗୁରୁତର ଆହତ ଅବସ୍ଥାରେ ମିନାଖାଁ ଗ୍ରାମୀଣ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## କୋଲକାତାରେ ମହାକାଶଚାରୀ ଶୁଭାଂଶୁ

କୋଲକାତା,୧୦।୧୨(ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରୁ ଫେରିଥିବା ପ୍ରଥମ ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ବୁଧବାର କୋଲକାତାରେ ପହଞ୍ଚିଛନ୍ତି। ସେ ଭାରତୀୟ ମହାକାଶ ପଦାର୍ଥ ବିଜ୍ଞାନ କେନ୍ଦ୍ର ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କୋଲକାତାକୁ ଆସିଛନ୍ତି। ଏହି କାର୍ଯ୍ୟକ୍ରମ ସମୟରେ, କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା ଇଣ୍ଡିଆନ୍ ସେଣ୍ଟର ଫର୍ ସ୍ପେସ୍ ଫିଜିକ୍ସ ମ୍ୟୁଜିୟମରେ ତାଙ୍କ ନାମରେ ନାମିତ ଏକ ସ୍ୱତନ୍ତ୍ର ପାଭିଲିୟନର ଉଦଘାଟନ କରିଥିଲେ।

# ଗଙ୍ଗାସାଗର ମେଳା ପାଇଁ ବସ୍ ଭଡ଼ା ବଢୁ

ପରିବହନ ମନ୍ତ୍ରୀଙ୍କୁ ଘରୋଇ ବସ୍ ମାଲିକ ସଂଘର ଦାବି



**କୋଲକାତା,୧୦।୧୨(ସଂଚାର ବ୍ୟୁରୋ):** ଆଗାମୀ ଗଙ୍ଗାସାଗର ମେଳାକୁ ସାମ୍ନାରେ ରଖି ଘରୋଇ ବସ୍ ମାଲିକ ସଂଘ ପରିବହନ ମନ୍ତ୍ରୀ ସ୍ନେହାଶିଷ ଚକ୍ରବର୍ତ୍ତୀ ଏବଂ ପରିବହନ ସଚିବ ସୌମିତ୍ର ମୋହନଙ୍କୁ ଚିଠି ଲେଖି ବସ୍ ଭଡ଼ା ପାଇଁ ଉଚିତ କ୍ଷତିପୂରଣ ଏବଂ ପୁଲିସ ଦ୍ୱାରା ବସ୍ ଅଧିଗ୍ରହଣ ଦାବି କରିଛି। ବସ୍ ସିଣ୍ଡିକେଟର ମିଳିତ ପରିଷଦର ସଚିବ ତପନ ବାନାର୍ଜୀ ଏହି ଦୁଇଟି ଚିଠି ପଠାଇଛନ୍ତି। ସେ କହିଛନ୍ତି ଯେ, ଦେଶର କୁମ୍ଭମେଳା ପରେ ସବୁଠାରୁ ବଡ଼ ମେଳା ଗଙ୍ଗାସାଗରରେ ଅନୁଷ୍ଠିତ ହୁଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ସେଠାକୁ ଯାଆନ୍ତି।

# ରାଜ୍ୟରେ ହୁ ହୁ ହୋଇ ବଢୁଛି ନିଶା ବ୍ୟବହାର

ଭୁବନେଶ୍ୱର,୧୦।୧୨: ନିଶା ନିବାରଣ ପାଇଁ ସରକାର ବିପୁଳ ଅର୍ଥ ବ୍ୟୟ କରୁଥିବା ବେଳେ ନିଶା ବ୍ୟବହାର କମିବା ପରିବର୍ତ୍ତେ ବଢି ଚାଲିଛି। ୨୦୨୦-୨୧ରୁ ୨୦୨୪-୨୫ ପର୍ଯ୍ୟନ୍ତ ୫ ବର୍ଷରେ ଓଡିଶା ରାଜ୍ୟ ପାନୀୟ ନିଗମ ତା'ର ସିଏସ୍ଆର ପାଣ୍ଠିରୁ ୫୯ ଲକ୍ଷ ୫୪ ହଜାର ଟଙ୍କା ଖର୍ଚ୍ଚ କରିଥିବା ବେଳେ ଚଳିତ ବର୍ଷ ନଭେମ୍ବର ସୁଦ୍ଧା 'ଆମ ସଙ୍କଳ୍ପ-ନିଶା ନୁହେଁ ଜୀବନ' ଜନସଚେତନତା କାର୍ଯ୍ୟକ୍ରମ ପାଇଁ ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରାଯାଇଛି ପ୍ରାୟ ୪ କୋଟି ୧୦ ଲକ୍ଷ ଟଙ୍କା। ଏହାଛଡ଼ା କେନ୍ଦ୍ର ସରକାରଙ୍କ ନିଶାମୁକ୍ତ ଭାରତ ଅଭିଯାନରେ ରାଜ୍ୟର ୩୦ଟି ଯାକ ଜିଲ୍ଲାକୁ ସାମିଲ କରାଯାଇ ସେଥିରେ ବି ବ୍ୟାପକ ଅର୍ଥ ବ୍ୟୟ କରାହୋଇଛି।

ଏସବୁ ସତ୍ତ୍ୱେ ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ମଦ ବିକ୍ରି ଉଦବେଗଜନକ ଭାବେ ବୃଦ୍ଧି ପାଇଛି। କେବଳ ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନଗୁଡିକ ମାଧ୍ୟମରେ ୨୦୨୦-୨୧ ରୁ ୨୦୨୪-୨୫ ବର୍ଷ ମଧ୍ୟରେ ପ୍ରାୟ ୪୦ କୋଟି ଲିଟର ବିଭିନ୍ନ କିସମର ମଦ ବିକ୍ରି କରାଯାଇଥିବା ଜଣାପଡିଛି। ସରକାରୀ ତଥ୍ୟ ମୁତାବକ, ୨୦୨୦-୨୧ ବର୍ଷରେ ଓଡିଶାରେ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡିକ ମାଧ୍ୟମରେ ୫କୋଟି ୪୩ଲକ୍ଷ ଲିଟର ବିଦେଶୀ ମଦ, ୪କୋଟି ୭୧ଲକ୍ଷ ଲିଟର ବିୟର ୮୨ଲକ୍ଷ ଲିଟର ଦେଶୀ ମଦ ଓ ୯କୋଟି ୯ଲକ୍ଷ ଲିଟର ବାହାରଭାଟି ମଦ ବିକ୍ରି ହୋଇଥିଲା। ୨୦୨୪-୨୫ ବର୍ଷରେ ଓଡିଶାରେ ୮କୋଟି ୪୦ଲକ୍ଷ ଲିଟର ବିଦେଶୀ ମଦ, ୧୬ କୋଟି ୭୯ ଲକ୍ଷ ଲିଟର ବିୟର, ୧ କୋଟି ୮୩ ଲକ୍ଷ ଲିଟର ଦେଶୀ ମଦ ଓ ୧୩ କୋଟି ୧୫ ଲକ୍ଷ ଲିଟର ବାହାର ଭାଟି ମଦ ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନଗୁଡିକ ମାଧ୍ୟମରେ ମଦୁଆମାନଙ୍କୁ ଯୋଗାଇ ଦିଆଯାଇଛି। ଏହା ଉପରେ ନକଲି ଓ ଚୋରା ମଦର ପରିମାଣ କେତେ ତା'ର ନିର୍ଦ୍ଦିଷ୍ଟ ହିସାବ କାହା ପାଖରେ ବି ନାହିଁ।

ମଦ ଛଡ଼ା ଗଞ୍ଜେଇ, ଚରସ, ହେରୋଇନ୍, ବ୍ରାଉନସୁଗର, ବିପଜ୍ଜନକ କଫ୍ ସିରପ, ସ୍ପିରିଟ୍ ଓ ଅନ୍ୟାନ୍ୟ ବହୁ କିସମର ନିଶା ଔଷଧ ଓଡ଼ିଶା ବଜାରରେ ହାଉଜାଉ। ଉଲ୍ଲେଖନୀୟ ଯେ ୨୦୨୯ସୁଦ୍ଧା ଓଡିଶାକୁ ନିଶାମୁକ୍ତ କରିବା ସହିତ ସମ୍ବିଧାନର ୪୭ ଧାରାକୁ କଡାକଡି ଭାବେ କାର୍ଯ୍ୟକରି କରି ବିଷାକ୍ତ ପାନୀୟ ଓ ଡ୍ରଗ୍ସକୁ ନିୟନ୍ତ୍ରଣ କରି 'ଉତ୍କୃଷ୍ଟ ଜୀବନ' ପଦକ୍ଷେପ ଆରମ୍ଭ ଲାଗି ୨୦୨୪ ସାଧାରଣ ନିର୍ବାଚନ ସମୟରେ ଓଡିଶା ଶାଖା ବିଜେପି ପକ୍ଷରୁ ଜାରି ସଙ୍କଳ୍ପପତ୍ରରେ ଘୋଷଣା କରାଯାଇଥିଲା। ଯେଉଁ ହାରରେ ସାରା ରାଜ୍ୟରେ ସରକାରୀ ସ୍ୱୀକୃତ ଓ ଚୋରା ନିଶା କାରବାର ଚାଲିଛି ତାହା ଅବ୍ୟାହତ ରହିଲେ ୨୦୨୯ ସୁଦ୍ଧା ଓଡିଶା ନିଶାର ବନ୍ୟାରେ ଉବୁଟୁବୁ ହେଉଥିବ ବୋଲି ମଦମୁକ୍ତି ଅଭିଯାନ ଚେତାବନୀ ଦେଇଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସରପଞ୍ଚ...

ମାମଲାରେ ରାୟ ପ୍ରକାଶ ବେଳେ ନ୍ୟାୟାଳୟ କହିଛନ୍ତି ଯେ ରାଜ୍ୟର ସରକାରୀ ଭାଷାରେ କାର୍ଯ୍ୟକ୍ଷମ ସାକ୍ଷରତା ଆଇନ ଦ୍ୱାରା ଲଗାଯାଇଥିବା ଏକ ଅତ୍ୟାବଶ୍ୟକ ଆବଶ୍ୟକତା ଓ ଏହାକୁ କଦାପି ବାଦ୍ ଦିଆଯାଇପାରିବ ନାହିଁ। ଯଦି ଜଣେ ବ୍ୟକ୍ତି ଓଡ଼ିଆ ପଢ଼ିବାକୁ ଅକ୍ଷମ ହୁଅନ୍ତି, ତେବେ ସେ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ହେବେ। କେବଳ ଓଡ଼ିଆ ପଢ଼ିବାର କ୍ଷମତା ଯଥେଷ୍ଟ ନୁହେଁ। ଓଡ଼ିଆ ଲେଖିବାର ଅକ୍ଷମତା ମଧ୍ୟ ଅଯୋଗ୍ୟତାକୁ ଆକର୍ଷିତ କରେ। ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୬୪'ର ଧାରା ୧୯ ଅନୁଯାୟୀ ସରପଞ୍ଚଙ୍କ ଦାୟିତ୍ୱ ତୁଲାଇବା ପାଇଁ ଓଡ଼ିଆ ପଢ଼ିବା ଓ ଲେଖିବା ଦକ୍ଷତା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ ଯେ ମହେଶ୍ୱର ଜେନା ବାଲେଶ୍ୱର ସିଭିଲ୍ ଜଜ୍‌ଙ୍କ ଗତ ବର୍ଷ ଏପ୍ରିଲ୍ ୨୦ର ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ପହଞ୍ଚିଥିଲେ। ତଳ କୋର୍ଟ ଜେନାଙ୍କ ଲିଖିତ ଓଡ଼ିଆର ନମୁନାକୁ ଭିତ୍ତି କରି ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ତେବେ ଏହି ଅଯୋଗ୍ୟତା ସ୍ଥାୟୀ ନୁହେଁ। ଯଦି ବ୍ୟକ୍ତି ଜଣଙ୍କ ଭବିଷ୍ୟତରେ ଓଡ଼ିଆ ପଢ଼ିବା ଓ ଲେଖିବା ଦକ୍ଷତା ହାସଲ କରନ୍ତି, ତା'ହେଲେ ଏହି ଅଯୋଗ୍ୟତା ଦୂର ହୋଇପାରିବ ବୋଲି ଆଜି ହାଇକୋର୍ଟ ଶୁଣାଣି ସମୟରେ ସ୍ପଷ୍ଟ କରିଛନ୍ତି।

## ଠକିନେଲେ...

ପରେ ଉକ୍ତ ଶାଲ୍‌କୁ ଯାଞ୍ଚ କରାଯିବା ପରେ ଏଭଳି ଏକ ବଡ଼ ଧରଣର ଦୁର୍ନୀତି ସମ୍ପର୍କରେ ଜଣାପଡ଼ିଥିଲା। ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହିସବୁ ଶାଲ୍‌କୁ ଭିଭିଆଇପିମାନଙ୍କୁ ଦିଆଯାଉଥିଲା। ଭେଦାସିରଭଚନମ୍ ଭଳି ମନ୍ଦିରର ରୀତି-ନୀତିରେ ମଧ୍ୟ ଏହାର ଉପଯୋଗ କରାଯାଉଥିଲା। ଏହି ଦୁର୍ନୀତି ନେଇ ଟିଟିଡି ବୋର୍ଡ ଅଧ୍ୟକ୍ଷ ବିଆର ନାଇଡୁ କହିଛନ୍ତି ଯେ ଯେଉଁ ଶାଲ୍‌ର ଦାମ୍ ମାତ୍ର ୩୫୦ ଟଙ୍କା, ସେଥିପାଇଁ ଉକ୍ତ କଣ୍ଟ୍ରାକ୍ଟର ଜଣଙ୍କ ୧୩୦୦ ଟଙ୍କା ନେଇଛନ୍ତି। ଫଳତଃ ଗତ ୧୦ ବର୍ଷ ମଧ୍ୟରେ ପାଖାପାଖି ୫୪ କୋଟି ଟଙ୍କାର ଠକେଇ ହୋଇଛି। ଏହି ଦୁର୍ନୀତିର ଯାଞ୍ଚ ସକାଶେ ମନ୍ଦିର କର୍ତ୍ତୃପକ୍ଷ ଆଣ୍ଟି କରପସନ୍ ବ୍ୟୁରୋକୁ ବି ଯାଞ୍ଚ କରିବାକୁ କହିଛନ୍ତି। ଏଥିସହ ଉକ୍ତ ଶାଲ୍‌ର ସାମ୍ପଲକୁ ସାଇଣ୍ଟିଫିକ୍ ଆନାଲିସିସ୍ ପାଇଁ ଦୁଇଟି ପୃଥକ୍ ଲ୍ୟାବ୍‌କୁ ପଠାଯାଇଥିଲା। ଏଥି ମଧ୍ୟରୁ ଗୋଟିଏ ସେଣ୍ଟ୍ରାଲ ସିଲକ୍ ବୋର୍ଡର ଲ୍ୟାବ୍ ମଧ୍ୟ ଥିଲା। ଉଭୟ ଲ୍ୟାବ୍ ଟେଷ୍ଟରେ ଉକ୍ତ ଶାଲ୍ ସିଲ୍କର ନୁହେଁ, ବରଂ ପଲିଷ୍ଟର ଥିବା ସ୍ପଷ୍ଟ ହୋଇଥିଲା। ଏପରି ନିମ୍ନ ମାନର ଶାଲ୍ ଯୋଗାଇ ଉକ୍ତ କଣ୍ଟ୍ରାକ୍ଟର ଜଣଙ୍କ ଟେଣ୍ଡର ସ୍ପେସିଫିକେସନର ସ୍ପଷ୍ଟ ଉଲ୍ଲଙ୍ଘନ କରିଛନ୍ତି ବୋଲି ଅଧ୍ୟକ୍ଷ ଶ୍ରୀ ନାଇଡୁ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ବର୍ଷ ଏହି ମନ୍ଦିରରେ ନକଲି ଘିଅ ସପ୍ଲାଇ କରିବା ଓ ସେଥିରେ ପ୍ରସାଦମ୍ (ଲଡୁ) ତିଆରି ହେଉଥିବା କଥା ଜଣାପଡ଼ିଥିଲା। ୫ ବର୍ଷ ଭିତରେ ଟିଟିଡିରେ ପ୍ରାୟ ୨୫୦ କୋଟି ଟଙ୍କା ମୂଲ୍ୟର ୬୮ ଲକ୍ଷ କିଲୋ ନକଲି ଘିଅ ଯୋଗାଣ ହୋଇଥିଲା।

## ଜାନୁଆରୀରୁ...

କରିବା ସକାଶେ ସରକାର ପ୍ରତିଶ୍ରୁତି ବି ଦେଇଥିଲେ। କିନ୍ତୁ ଇତିମଧ୍ୟରେ ପ୍ରତିଶ୍ରୁତିକୁ ଦୀର୍ଘଦିନ ବିତିଯାଇଥିଲେ ବି ଅଦ୍ୟାବଧି ସରକାର ତାଙ୍କ ପ୍ରତିଶ୍ରୁତି ରକ୍ଷା କରିପାରିନାହାନ୍ତି। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଡାକ୍ତରମାନଙ୍କୁ କେବଳ ଭୁଲାଇଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି। ଏପରି ସ୍ଥିତିରେ ଦାବି ପୂରଣ ସକାଶେ ସଂଘକୁ ତା'ର ଆଭିମୁଖ୍ୟ ଆହୁରି କଠୋର କରିବାକୁ ପଡ଼ିବ ବୋଲି ବିଚାର କରି ଡାକ୍ତରମାନେ ଏପରି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ସୃଷ୍ଟି ହେବାକୁ ଥିବା ବିଭ୍ରାଟ ପାଇଁ କେବଳ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଶ୍ରୀ ମିଶ୍ର କହିବା ସହ ଦାବି ପୂରଣ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

## ଶୁଣାଣି...

ମିସ୍ କେସ୍‌ର ଶୁଣାଣି ସମୟରେ ଉପରୋକ୍ତ ପରାମର୍ଶ ଦେଇଛନ୍ତି। ୨୦୧୭ରେ ସୁପ୍ରିମ୍‌କୋର୍ଟ କେଉଁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ସକ୍ରିୟ ଥିବା ବେଆଇନ ଲିଜ୍‌ଧାରୀଙ୍କ ଉପରେ ବକେୟା ଥିବା ଜରିମାନା ଅର୍ଥ ଆଦାୟ ସକାଶେ ନିର୍ଦ୍ଦେଶ ଦେଇଥିଲେ। ଗତ ସେପ୍ଟେମ୍ବର ୧୭ ତାରିଖରେ ସୁପ୍ରିମ୍‌କୋର୍ଟ ଓଡ଼ିଶା ସରକାରଙ୍କୁ ଉକ୍ତ ଜରିମାନା ଆଦାୟ ସକାଶେ ଉଦ୍ଦିଷ୍ଟ ପଦ୍ଧତି ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ କହିଥିଲେ। ଏହି ନିର୍ଦ୍ଦେଶାନୁସାରେ ଗତ ଅକ୍ଟୋବର ୨୯ ତାରିଖରେ ରାଜ୍ୟ ସରକାର ମଧ୍ୟ ଷ୍ଟାଟସ୍ ରିପୋର୍ଟ ଦାଖଲ କରି ୨୭୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ପଡ଼ିଥିବା ଦର୍ଶାଇଥିଲେ। ତେବେ ରାଜ୍ୟ ସରକାରଙ୍କ ବେଆଇନ୍ ଖଣି ଲିଜ୍‌ଧାରୀଙ୍କଠାରୁ ଏହି ଅର୍ଥ ଆଦାୟ ଦିଗରେ ଆଭିମୁଖ୍ୟ ଓ ଆଚରଣକୁ ସୁପ୍ରିମ୍‌କୋର୍ଟ ଭର୍ତ୍ସନା କରିଥିଲେ। ଏହି ମାମଲାରେ ଆଜି ଆଇନଜୀବୀ ପ୍ରରବ ସଚଦେବା ହାଇକୋର୍ଟରେ ଦୁଇଟି ପୃଥକ୍ ମାମଲା ବିଚାରାଧୀନ ଥିବା କହିଛନ୍ତି। ଗୋଟିଏରେ ଜରିମାନା ଆଦାୟ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଲାଗୁ କରିଛନ୍ତି। କିନ୍ତୁ ଏହିସବୁ ମାମଲାର ଶୁଣାଣିକୁ ଆଉ ବିଳମ୍ବିତ ନ କରି ତୁରନ୍ତ ଫେସଲା ହେବା ଦରକାର। ସେହିପରି ଅନ୍ୟ ଏକ ମାମଲାରେ ରାଜ୍ୟ ସରକାର ଜରିମାନା ଆଦାୟ ପ୍ରକ୍ରିୟାକୁ ଅଣଦେଖା କରିଛନ୍ତି। କିନ୍ତୁ ଓଡ଼ିଶା ସରକାର ଏହିସବୁ ମାମଲାକୁ ଚ୍ୟାଲେଞ୍ଜ୍ କରିବା ଉଚିତ ବୋଲି ଆଇନଜୀବୀ ଶ୍ରୀ ସଚଦେବା କହିଛନ୍ତି।

## କେଭିଙ୍କ...

ପରିଡ଼ାଙ୍କ ସହ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ମଧ୍ୟ ଜଳ ବିବାଦ ପ୍ରସଙ୍ଗକୁ ଗୁରୁତର ଭାବେ ନେଇଛନ୍ତି। ଏଥିସହ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ ଗତ ଅଗଷ୍ଟ ୩୦ ତାରିଖରେ ଦିଲ୍ଲୀରେ ମଧ୍ୟ ବୈଠକ ହୋଇଥିଲା।

ସେହିପରି ଉଭୟ ରାଜ୍ୟର ଯୁଗ୍ମ ବୈଷୟିକ କମିଟି ମଧ୍ୟରେ ୬ ଥର ବୈଠକ ହୋଇସାରିଲାଣି। ତା'ପରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ ଗତ ନଭେମ୍ବର ୧୦ ତାରିଖରେ ଆଲୋଚନା ହୋଇଥିଲା। ଆହୁରି ଗତ ୪ ତାରିଖରେ ବି ଉଭୟ ରାଜ୍ୟର ଯୁଗ୍ମ ବୈଷୟିକ କମିଟି ଓ କାର୍ଯ୍ୟକାରୀ କମିଟି ମଧ୍ୟରେ ଆଲୋଚନା ହୋଇଛି। ଏହି ବିବାଦ ବାବଦରେ ଆସନ୍ତା ୨୦ ତାରିଖରେ ପରବର୍ତ୍ତୀ ଶୁଣାଣି ଅଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସୂଚନା ଦେଇଛନ୍ତି।

## ଭକ୍ତଙ୍କ...

କେବଳ ଓଡ଼ିଶାରେ ନୁହେଁ। ସାରା ଦେଶରେ କଂଗ୍ରେସରେ ଏଭଳି ଦକ୍ଷ ଓ ଦଳ ପ୍ରତି ଆନୁଗତ୍ୟ ରଖୁଥିବା ନେତାଙ୍କୁ ଅଣଦେଖା କରାଯାଉଛି। ଏଭଳି ସ୍ଥିତି କେବଳ ଓଡ଼ିଶାରେ ନୁହେଁ, ସାରା ଦେଶରେ ଦେଖିବାକୁ ମିଳୁଛି। ସଚିନ ପାଇଲଟ, ଡିକେ ଶିବକୁମାର, ରେବନ୍ତ ରେଡ୍ଡୀ ଓ ଶଶି ଥରୁରଙ୍କ ଭଳି ନେତାଙ୍କୁ ଦାୟିତ୍ୱ ଦିଆଯିବା କଥା, ଯେଉଁମାନଙ୍କ ପାଖରେ ଦଳକୁ ଆଗକୁ ନେବାର ଦକ୍ଷତା ଓ ମାନସିକତା ରହିଛି। ସେ ନିଜେ ଜଣେ ବିଧାୟକ ହୋଇ ଗତ ତିନି ବର୍ଷ ହେଲା ରାହୁଲ ଗାନ୍ଧିଙ୍କୁ ଭେଟିପାରୁନାହାଁନ୍ତି, କର୍ମୀମାନେ କ'ଣ ଭେଟିବେ। ଏହାଦ୍ୱାରା ନେତା ଓ କର୍ମୀଙ୍କ ମଧ୍ୟରେ ଦୂରତା କମିବାରେ ଲାଗିଛି ଏବଂ କର୍ମୀମାନେ ହତୋତ୍ସାହିତ ହେବା ଆରମ୍ଭ କଲେଣି, ଯାହା କଂଗ୍ରେସର ରାଜନୈତିକ ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ ବୋଲି ମୋକିମ କହିଛନ୍ତି। ରାହୁଲଙ୍କୁ ଭେଟି ନ ପାରିବା ଦଳର ନେତୃତ୍ୱ ଏବଂ ତୃଣମୂଳ ସ୍ତରର କର୍ମୀଙ୍କ ମଧ୍ୟରେ ବଢୁଥିବା ଦୂରତାକୁ ଦର୍ଶାଉଛି। କର୍ମୀମାନେ ଦଳଠାରୁ ଭାବନାତ୍ମକ ଭାବେ ଦୂରେଇ ଯାଉଛନ୍ତି। ବୁଥ କର୍ମୀ, ବ୍ଲକ୍ ସଭାପତି ଓ ଜିଲ୍ଲାସ୍ତରୀୟ ନେତାଙ୍କୁ ଦଳରେ ଅଣଦେଖା କରାଯାଉଛି।

କେବଳ ସେତିକି ନୁହେଁ, କଟକରେ ୩୫ ବର୍ଷ ପରେ କଂଗ୍ରେସ ଇତିହାସ ରଚିଥିଲା ୨୦୧୯ ନିର୍ବାଚନରେ। ୩୫ ବର୍ଷ ପରେ ମୋଦି ଓ ନବୀନଙ୍କ ପ୍ରଚଣ୍ଡ ହାୱା ସତ୍ତ୍ୱେ କଂଗ୍ରେସ ଓ ତାଙ୍କ ନେତୃତ୍ୱ ଉପରେ ଭୋଟର ଆସ୍ଥା ପ୍ରକଟ କରିଥିଲେ। ୨୦୨୪ରେ ମଧ୍ୟ ତାଙ୍କ ଝିଅ ସୋଫିଆ ଫିର୍ଦ୍ଦୋସ ସେହି ଆସନରୁ ବିଜୟୀ ହୋଇଛନ୍ତି। କିନ୍ତୁ ଓଡ଼ିଶା କଂଗ୍ରେସର ନେତା ଚୟନରେ ନେତୃତ୍ୱକୁ ବିଭ୍ରାନ୍ତ କରାଯାଉଛି। ୨୦୨୩ରେ ୧୮ ଜଣ ନେତାଙ୍କୁ ଦିଲ୍ଲୀ ଡାକି ଶରତ ପଟ୍ଟନାୟକଙ୍କୁ ସଭାପତି କରାଯାଇଥିଲା। ୬ ଥର ଲୋକସଭା ନିର୍ବାଚନ ହାରିଥିବା ଶରତଙ୍କୁ ଦାୟିତ୍ୱ ଦିଆଯିବା ଫଳରେ ଦଳ ଆହୁରି ଦୁର୍ବଳ ହୋଇଗଲା। ତାଙ୍କ ନେତୃତ୍ୱରେ ଦଳ ସାଧାରଣ ନିର୍ବାଚନରେ ମାତ୍ର ୧୩ ପ୍ରତିଶତ ଭୋଟ୍ ପାଇଲା। ସେ ନିଜେ ମଧ୍ୟ ନିଜ ଅମାନତ ରକ୍ଷା କରିପାରିଲେନି।

୨୦୨୫ରେ ଭକ୍ତ ଦାସଙ୍କୁ ଦାୟିତ୍ୱ ଦିଆଗଲା। ଯିଏକି ନିଜେ ୩ଟି ନିର୍ବାଚନ ହାରିଛନ୍ତି, ତାଙ୍କ ହାତରେ ରାଜ୍ୟ କଂଗ୍ରେସର ଭାଗ୍ୟକୁ ଟେକିଦିଆଗଲା। କଂଗ୍ରେସ ବିଚାରଧାରାଠାରୁ ଭକ୍ତଙ୍କ ବିଚାର ଧାରା ଭିନ୍ନ। ଜେପି ମୁଭମେଣ୍ଟରେ ସେ କଂଗ୍ରେସକୁ ବିରୋଧ କରୁଥିଲେ। କିନ୍ତୁ ତାଙ୍କୁ ସଂଗଠନ ଦାୟିତ୍ୱ ଦିଆଗଲା। ନିଜ ସଂସଦୀୟ କ୍ଷେତ୍ରରେ ନୂଆପଡ଼ା ଉପନିର୍ବାଚନରେ ଭକ୍ତଙ୍କ ନେତୃତ୍ୱରେ କଂଗ୍ରେସ ୮୩ ହଜାର ଭୋଟ୍ ବ୍ୟବଧାନରେ ହାରିଛି। ଯେଉଁଠି ଜଣେ ନେତାଙ୍କ ଉପରେ ନିଜ ଅଞ୍ଚଳବାସୀ ବିଶ୍ୱାସ କରୁନାହାନ୍ତି, ସେଠି ନିହାତି ଭାବେ କର୍ମୀଙ୍କ ମନୋବଳ ଭାଙ୍ଗିବ। ଭକ୍ତଙ୍କ ବିଧାୟକ ପୁଅ ସ୍ୱତନ୍ତ୍ର କୋଶଳ ରାଜ୍ୟ ପାଇଁ ଦାବି କରୁଛନ୍ତି। ସେଥିରେ ଭକ୍ତ ତାଙ୍କୁ ସହଯୋଗ କରୁଛନ୍ତି। ଏବେ କଂଗ୍ରେସ କର୍ମୀ ଦିଶାହୀନ ଓ ଦ୍ୱନ୍ଦ୍ୱରେ ବୋଲି ସେ କହିଛନ୍ତି। ଦଳରେ ଆଭ୍ୟନ୍ତରୀଣ ଗୋଷ୍ଠୀବାଦ ଏବଂ ରାଜନୀତିରେ ପ୍ରକୃତ କର୍ମୀ ଅଣଦେଖା ହେଉଥିବା ବେଳେ ଅଯୋଗ୍ୟଙ୍କୁ ବଡ଼ ବଡ଼ ଦାୟିତ୍ୱ ଦିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଯେଉଁଥିପାଇଁ ଜାତୀୟ ସ୍ତରରେ ଜ୍ୟୋତିରାଦିତ୍ୟ ସିନ୍ଧିଆ, ଜୟବୀର ଶେରଗିଲ, ହେମନ୍ତ ବିଶ୍ୱଶର୍ମାଙ୍କ ଭଳି ନେତାମାନେ କଂଗ୍ରେସ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି।

କଂଗ୍ରେସକୁ ଏବେ ସାଙ୍ଗଠନିକ ସ୍ତରରେ ପୁନର୍ବିନ୍ୟାସ କରାଯିବା ସହ ସମ୍ପୂର୍ଣ୍ଣ ଭାବେ ଓପନ ହାର୍ଟ ସର୍ଜରୀ ପରି ପରିବର୍ତ୍ତନ ଦରକାର। ସେ ସୋନିଆଙ୍କଠାରୁ ତାଙ୍କ ଚିଠିର ଉତ୍ତର ମଧ୍ୟ ଆଶା ରଖିଛନ୍ତି। ସୋନିଆ ଗାନ୍ଧି ଯଦି ଚିଠିର ଉତ୍ତର ନ ଦିଅନ୍ତି, ତେବେ ତାହା କଂଗ୍ରେସ କର୍ମୀଙ୍କ ପ୍ରତି ଧୋକାବାଜି ହେବ ବୋଲି ସେ କହିଛନ୍ତି।

## ନୂଆ...

ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କୁ ଟାର୍ଗେଟ କରିବା ଦଳୀୟ ରାଜନୀତିକୁ ସରଗରମ କରିଛି। ଏହାରି ଭିତରେ କିନ୍ତୁ ଭକ୍ତ ସଂଗଠନ ସଜାଡ଼ିବା ପାଇଁ ଲାଗିପଡ଼ିଛନ୍ତି। ବିଭିନ୍ନ ଶାଖାରେ ଖାଲିପଡ଼ିଥିବା ପଦପଦବୀ ପୂରଣ ପାଇଁ ଚଳାଇଛନ୍ତି ଉଦ୍ୟମ।

ବିଧାନସଭାର ଶୀତ ଅଧିବେଶନ ପାଇଁ ବ୍ୟସ୍ତ ଥିବା ତିନି ରାଜନୈତିକ ଦଳ ଏବେ ନୂଆବର୍ଷରେ ନିଜ ନିଜର କର୍ମୀଙ୍କୁ ଖୁସି ଖବର ଦେବା ସହ ସେମାନଙ୍କ ମନୋବଳ ବଢ଼ାଇବା ପାଇଁ ଉଦ୍ୟମ କରୁଛନ୍ତି। କିନ୍ତୁ ଏହାରି ଭିତରେ କିଛି ନେତା ଦଳ ବଦଳ ଯୋଜନାରେ ଅଛନ୍ତି। ନିଜେ ନ ଯାଇ ନିଜର ଅନୁଗତ ଓ କର୍ମୀମାନଙ୍କୁ ଅନ୍ୟ ଦଳ ବିଶେଷକରି ବିଜେପିରେ ମିଶାଇବା ପାଇଁ ଲାଗିପଡ଼ିଛନ୍ତି। ସେମାନେ ଯଦି ଏଥିରେ ସଫଳ ହୁଅନ୍ତି, ତା'ହେଲେ ନୂଆବର୍ଷରେ ବିଭିନ୍ନ ଦଳର ନୂଆ ରୂପ ଦେଖିବାକୁ ମିଳିବ। କାହାର ପକ୍ଷ ଛେଦନ ହେବ ତ ଆଉ କାହାର ଆକାରରେ ବୃଦ୍ଧି ଘଟିବ। ନିକଟରେ ଭଦ୍ରକ ଜିଲ୍ଲାର ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲଙ୍କ ଦୁଇ ପୁଅଙ୍କ ସହ ଭଉଣୀ ଦଳବଳ ଧରି ବିଜେପିରେ ଯୋଗଦେଇଥିବା ବେଳେ ଏହା ପୂର୍ବରୁ ବିଜେଡିର ତିନି ରାଜ୍ୟସଭା ସାଂସଦ ମଧ୍ୟ ପଦ୍ମ ଧରିଛନ୍ତି। ଏଭଳି ସ୍ଥିତିରେ ଏବେ ଦଳଡିଆଁଙ୍କ ସମେତ ତିନି ରାଜନୈତିକ ଦଳ ଉପରେ ରାଜ୍ୟବାସୀ ନଜର ରଖିଛନ୍ତି।




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୦,୩୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୯,୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୦,୩୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୯,୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୦,୩୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୯,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୦,୪୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୯,୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୧,୨୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୦,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୦,୩୧୦ ଓ ୧,୧୯,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୯୯,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ପେଟ୍ରୋଲ ଏବଂ ଡିଜେଲ ଦାମରେ ପରିବର୍ତ୍ତନ ହୋଇଥାଏ। ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ ବଢ଼ିଲା ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୨ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୦ ପଇସା ରହିଛି।

# ୧୦ ହଜାର କୋଟି ନିବେଶ କଲେ ସଲମାନ



### ରିୟଲ ଇଷ୍ଟେଟ ବଜାର ପ୍ରତି ବଢ଼ୁଛି ମୋହ

ମୁମ୍ବାଇ,୧୦।୧୨: ରିଏଲ ଇଷ୍ଟେଟ ବଜାରରେ ପାଦ ରଖିଛନ୍ତି ବଲିଉଡ ଅଭିନେତା ସଲମାନ ଖାନ। ବଲିଉଡ ଷ୍ଟାର ରିୟଲ ଇଷ୍ଟେଟରେ ଇନଭେଷ୍ଟମେଣ୍ଟ କରିବା କିଛି ନୂଆ କଥା ନୁହେଁ। ତେବେ ଏଥି ପାଇଁ ସେ ସଲମାନ ଖାନ ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ ନାମରେ ଏକ କମ୍ପାନୀ କରିଛନ୍ତି। ଏହି କମ୍ପାନୀ ମାଧ୍ୟମରେ ସେ ତେଲଙ୍ଗାନାରେ ୧୦ ହଜାର କୋଟି ଟଙ୍କାର ଇଣ୍ଟିଗ୍ରେଟେଡ ଟାଉନସିପ୍ ଓ ଫିଲ୍ମ ଷ୍ଟୁଡିଓ ନିର୍ମାଣ କରିବେ ବୋଲି ଘୋଷଣା କରିଛନ୍ତି। ଏ ନେଇ ଅଧିକାରୀକ ପ୍ରେସ ରିଲିଜ୍ ସାମ୍ନାକୁ ଆସିଛି। ଏହି ରିଲିଜ ଅନୁସାରେ ଟାଉନସିପ୍ ରେ ଏକ ଚାମ୍ପିୟନସିପ ଗଲଫ କୋର୍ସ, ହାଇଏଣ୍ଡ ଆରାମ ଦାୟକ ସୁବିଧା, ପ୍ରିମିୟମ ରେସିଡେନ୍ସିଆଲ ସ୍ପେସ୍, ଏକ ରେସ୍ କୋର୍ସ ଓ ଏକ ଷ୍ଟେଟ ଅଫ ଦି ଆର୍ଟ ଫିଲ୍ମ ଷ୍ଟୁଡିଓ କମ୍ପଲେକ୍ସ ମଧ୍ୟ ରହିବ, ଯେଉଁଠି ବଡ଼ ଫର୍ମାଟରେ ପ୍ରଡକ୍ସନ, ଓଟିଟି କଣ୍ଟେଣ୍ଟ. ଟାଲେଣ୍ଟ ଡେଭଲପମେଣ୍ଟ ପ୍ରୋଗ୍ରାମ ଓ ପୋଷ୍ଟ ପ୍ରଡକ୍ସନ ସୁବିଧା ମଧ୍ୟ ଉପଲବ୍ଧ ହେବ। ଉଲ୍ଲେଖଯୋଗ୍ୟ ଯେ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଗତ ଅକ୍ଟୋବର ମାସରେ ସଲମାନ ଖାନଙ୍କୁ ଭେଟିଥିଲେ। ମୁମ୍ବାଇରେ ହୋଇଥିବା ଏହି ସାକ୍ଷାତ ଆଲୋଚନା କାଳରେ କେହି ଜାଣିନଥିଲେ ଡିଲକୁ ନେଇ ସଲମାନ ଏତେ ସିରିୟସ ଅଛନ୍ତି। ହେଲେ ଏବେ ଜଣାପଡିଛି କୋଟିକୋଟି ଟଙ୍କାର ଡିଲ କନଫର୍ମ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ହାଇଦ୍ରାବାଦରେ ନିକଟରେ ସମାପ୍ତ ହୋଇଥିବା ରାଇଜିଂ ସମ୍ମିଟରେ ସଲମାନ ଖାନ ବ୍ରାଣ୍ଡ ଆମ୍ବାସେଡର ଥିଲେ। କିନ୍ତୁ ସେ ଏବେ ଇନଭେଷ୍ଟର ପାଲଟିଛନ୍ତି। ତେବେ କେବଳ ସଲମାନ ନୁହନ୍ତି ଗତ ଜୁଲାଇରେ ଅଜୟ ଦେବଗନ ମଧ୍ୟ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ସେ ମଧ୍ୟ ଫିଲ୍ମସିଟି ନିର୍ମାଣ କାମରେ ଏବେ ଆଗକୁ ବଢ଼ୁଛନ୍ତି।

# କାରରେ କିଏ ଲଗାଇପାରିବେ ବିଏଚ ସିରିଜ ନମ୍ବର ପ୍ଲେଟ୍ ?

ବିଏଚ୍ ସିରିଜ୍ ନମ୍ବର ପ୍ଲେଟ୍ ସିଷ୍ଟମ୍ ୨୦୨୧ ରେ ଲଞ୍ଚ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ସେହି ଲୋକଙ୍କ କାଗଜପତ୍ରକୁ କମ୍ କରିବା ଯେଉଁମାନଙ୍କର ଚାକିରି ଟ୍ରାନ୍ସଫରେବଲ୍ ହୋଇଥାଏ କିମ୍ବା ଯେଉଁମାନେ




ବାରମ୍ବାର କାମ ପାଇଁ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାତ୍ରା କରନ୍ତି। ବିଏଚ ର ଅର୍ଥ ହେଉଛି ଭାରତ, ତେଣୁ ଏହାକୁ ଭାରତ ସିରିଜ୍ ନମ୍ବର ପ୍ଲେଟ୍ ମଧ୍ୟ କୁହାଯାଏ। ଏହା ଅନେକ ସୁବିଧା ପ୍ରଦାନ କରେ, କିନ୍ତୁ ଏହା କେବଳ ଅଳ୍ପ କିଛି ଲୋକଙ୍କ ପାଇଁ ଉପଲବ୍ଧ। ଏହା କେବଳ ଘରୋଇ ଯାନ (କାର) ପାଇଁ ହୋଇଥାଏ କୌଣସି କମର୍ସିୟାଲ ଯାନ ପାଇଁ ନୁହେଁ। ଯଦି ଆପଣ ଜାଣିବାକୁ ଚାହାଁନ୍ତି ଯେ ଆପଣଙ୍କ କାର୍ ପାଇଁ ବିଏଚ ସିରିଜ୍ ନମ୍ବର ପ୍ଲେଟ୍ କିପରି ପାଇବେ, ତେବେ ଆସନ୍ତୁ ଏହା ବିଷୟରେ ଜାଣିବା। ଏହି ପ୍ଲେଟ୍ ପାଇଁ କିଏ ଯୋଗ୍ୟ, ଏହାର ସୁବିଧା କ'ଣ, କେଉଁ କାଗଜପତ୍ର ଆବଶ୍ୟକ, କିପରି ଆବେଦନ କରିବେ ? ବିଏଚ ସିରିଜ୍ ନମ୍ବର ପ୍ଲେଟ୍ ହେଉଛି ସମସ୍ତ ସରକାରୀ କର୍ମଚାରୀ (କେନ୍ଦ୍ର ଏବଂ ରାଜ୍ୟ), ବ୍ୟାଙ୍କ କର୍ମଚାରୀ ଏବଂ ଘରୋଇ କମ୍ପାନୀର କର୍ମଚାରୀ ଯାହାର ଅଫିସ ଅତି କମରେ ୪ଟି ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳରେ ଅଛି।

ବିଏଚ ନମ୍ବର ପ୍ଲେଟର ଦୁଇଟି ପ୍ରମୁଖ ସୁବିଧା ଅଛି। ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର କରିବା ସମୟରେ ଗାଡିକୁ ପୁଣିଥରେ ରେଜିଷ୍ଟର କରିବାକୁ ପଡିବ ନାହିଁ। ଏହା ଉଭୟ କାଗଜପତ୍ର ଏବଂ ସମୟ ସଞ୍ଚୟ କରେ। ଏକାଥରକେ ରୋଡ୍ ଟ୍ୟାକ୍ସ ଦେବାକୁ ପଡିବ ନାହିଁ। ଏହାକୁ ୨-୨ ବର୍ଷର ବ୍ଲକରେ ଦିଆଯାଇପାରେ, ଯାହାଦ୍ୱାରା ପକେଟ ଉପରେ ବୋଝ ପଡେ।

ବିଏଚ ନମ୍ବର ପ୍ଲେଟ ପାଇବା ପାଇଁ କ୍ରେତାଙ୍କୁ କିଛି ଆବଶ୍ୟକ ଡକ୍ୟୁମେଣ୍ଟ ଦେବାକୁ ପଡିବ। ଯେଉଁଥିରେ ପାନ୍ କାର୍ଡ, ଆଧାର କାର୍ଡ, ଅଫିସ୍ କର୍ମଚାରୀ ଆଇଡି, ଫର୍ମ ୬୦ (ୱାର୍କିଂ ସାର୍ଟିଫିକେଟ୍) ଏବଂ ଗାଡି ସମ୍ବନ୍ଧୀୟ ଡକ୍ୟୁମେଣ୍ଟ ରହିଛି। ବିଏଚ୍ ସିରିଜରେ କୌଣସି ରୋଡ୍ ଟ୍ୟାକ୍ସ ଛାଡ଼ ନାହିଁ, କିନ୍ତୁ ନିଶ୍ଚିତ ଭାବରେ ଏହାର ଏକ ସୁବିଧା ଅଛି। ଆପଣଙ୍କୁ ପ୍ରାରମ୍ଭରେ କେବଳ ୨ ବର୍ଷର ରୋଡ୍ ଟ୍ୟାକ୍ସ ଦେବାକୁ ପଡିବ। ଏହା ଗାଡି କିଣିବା ସମୟରେ ଅଧିକ ଟ୍ୟାକ୍ସ ଦେବାର ଆବଶ୍ୟକତାକୁ ଦୂର କରିଥାଏ ଏବଂ ଆପଣଙ୍କର ଆର୍ଥିକ ବୋଝ କମ୍ କରିଥାଏ।

ଡିଲରସିପ୍ ଆପଣଙ୍କ ପାଇଁ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରେ। ସେମାନେ ଆପଣଙ୍କ ତରଫରୁ ସମ୍ପୃକ୍ତ ବିଭାଗରେ ଫର୍ମ ୨୦ ଦାଖଲ କରନ୍ତି। ଏହି ପ୍ରକ୍ରିୟା ସମୟରେ, ଜଣକୁ ବିଏଚ ସିରିଜକୁ ବାଛିବାକୁ ପଡିବ। ଆପଣଙ୍କର ଯୋଗ୍ୟତା ଯାଞ୍ଚ କରିବା ପରେ, ବିଭାଗ ବିଏଚ ନମ୍ବର ପ୍ଲେଟ୍ ଜାରି କରେ। ଏଥି ସହିତ ରୋଡ୍ ଟ୍ୟାକ୍ସ ଏବଂ ରେଜିଷ୍ଟ୍ରେସନ ଫି ମଧ୍ୟ ଜମା କରାଯାଏ।

# ଭାରତରେ ପାଇଲଟ ଟ୍ରେନିଂ ଓ ପ୍ରତିରକ୍ଷା ସିମୁଲେସନରେ ହେବ ପରିବର୍ତ୍ତନ

ନୂଆଦିଲ୍ଲୀ,୧୦।୧୨: ଆଡାନୀ ଗ୍ରୁପର ପ୍ରତିରକ୍ଷା ଓ ଏରୋସ୍ପେସ ଆର୍ମ (ଆଡାନୀ ଡିଫେନ୍ସ ସିଷ୍ଟମ୍ସ ଏଣ୍ଡ ଟେକ୍ନୋଲୋଜିଜ ଲିମିଟେଡ) ଏବଂ ପ୍ରାଇମ ଏରୋ ସର୍ଭିସେସ ଏଲଏଲପି ସହିତ ମିଶି ଭାରତର ସବୁଠାରୁ ବଡ଼ ଫ୍ଲାଇଟ ଟ୍ରେନିଂ ଓ ସିମୁଲେସନ କମ୍ପାନୀ (ଏଫଏସଟିସି) ରେ ଅଧିକାଂଶ ଷ୍ଟେକ କିଣିବାକୁ ଚୁକ୍ତି ସାଇନ କରିଛନ୍ତି। ଏହି ଡିଲର ଏଣ୍ଟରପ୍ରାଇଜ ଭାଲ୍ୟୁ ୮୨୦ କୋଟି, ଯାହା ଆଡାନୀର ଏଭିଏସନ କ୍ଷେତ୍ରରେ ଏକ ରଣନୀତିକ ପଦକ୍ଷେପ ଭାବେ ଦେଖାଯାଉଛି। ଏହି ଅଧିଗ୍ରହଣ ମାଧ୍ୟମରେ ଆଡାନୀ ଗ୍ରୁପ ଏଭିଏସନ ସର୍ଭିସେସରେ ଏକ ସମ୍ପୂର୍ଣ୍ଣ ଇଣ୍ଟିଗ୍ରେଟେଡ ପ୍ଲାଟଫର୍ମ ଗଢ଼ିବାକୁ ପ୍ରସ୍ତୁତ ହେଉଛି, ଯେଉଁଥିରେ ମେଣ୍ଟେନାନ୍ସ, ରିପେୟାର୍ ଓ ଓଭରହଲରୁ ଆରମ୍ଭ କରି ଫ୍ଲାଇଟ ଟ୍ରେନିଂ ଓ ସିମୁଲେସନ ପର୍ଯ୍ୟନ୍ତ ସମେତ ସିଭିଲ ଏବଂ ରକ୍ଷା କ୍ଷେତ୍ରରେ ସେବା ପ୍ରଦାନ କରାଯିବ। ଏଫଏସଟିସିରେ ୧୧ଟି ଅଡଭାନ୍ସ ଫ୍ଲାଇଟ ସିମୁଲେଟର୍ ଓ ୧୭ଟି ଟ୍ରେନିଂ ଏରପ୍ଲେନ ରହିଛି, ଯାହା କମର୍ସିଆଲ ପାଇଲଟ ଲାଇସନ୍ସ, ଟାଇପ ରେଟିଂ, ରିକରେଣ୍ଟ ଟ୍ରେନିଂ ଓ ସ୍ପେସାଲାଇଜ୍ଡ ସ୍କିଲ କୋର୍ସରେ ସମ୍ପୂର୍ଣ୍ଣ ପାଇଲଟ ଟ୍ରେନିଂ ପ୍ରଦାନ କରେ। ଏହି କମ୍ପାନୀ ଡାଇରେକ୍ଟରେଟ ଜେନେରାଲ ଅଫ ସିଭିଲ ଏଭିଏସନ ଓ ଇଉରୋପିୟନ ୟୁନିୟନ ଏଭିଏସନ ସେଫଟି ଏଜେନ୍ସି ଦ୍ୱାରା ସାର୍ଟିଫାଇଡ। ଗୁରୁଗ୍ରାମ ଓ ହାଇଦ୍ରାବାଦ ରାଜ୍ୟ-ସ୍ତରୀୟ ସିମୁଲେସନ ସେଣ୍ଟର୍ ଚାଲାଏ। ଏହା ସହିତ ହରିଆଣାରେ ଭାରତର ସବୁଠାରୁ ବଡ଼ ଫ୍ଲାଇଂ ସ୍କୁଲ ସଞ୍ଚାଳନ କରେ। ଦେଶର ଏୟାରଲାଇନ୍ସ କମ୍ପାନୀମାନେ ଆଗାମୀ କିଛି ବର୍ଷରେ ୧,୫୦୦ରୁ ଅଧିକ ଏରୋପ୍ଲେନ ଆସିବ। ଯାହା ସାର୍ଟିଫାଇଡ ପାଇଲଟଙ୍କର ଚାହିଦାକୁ ବୃଦ୍ଧି କରିବ। ଏହା ସହିତ ସରକାରଙ୍କର ପ୍ରତିରକ୍ଷା କ୍ଷେତ୍ରରେ ଅଡଭାନ୍ସ ଟ୍ରେନିଂ ଓ ମିଶନ ରିହର୍ସାଲକୁ ପ୍ରୋତ୍ସାହନ ଦେବା ନୂତନ ସୁଯୋଗ ସୃଷ୍ଟି କରୁଛି।

# ଟ୍ରମ୍ପଙ୍କୁ ଜୋରଦାର ଜବାବ ଦେଲା 'ଟଙ୍କା'



ମୁମ୍ବାଇ ୯।୧୨: ଟଙ୍କାର ମୂଲ୍ୟ ହ୍ରାସ କେବଳ ବିଦେଶୀ ନିବେଶକଙ୍କ ପ୍ରତ୍ୟାହାର ନୁହେଁ ବରଂ ଟ୍ରମ୍ପଙ୍କ ଟାରିଫ ଯୋଗୁ ହୋଇଛି। ଏଥି ପାଇଁ ଟଙ୍କା ଏତେ କ୍ଷତିର ସମ୍ମୁଖୀନ ହେଉଛି। ଏକ ସମୟରେ ଟଙ୍କାର ବିନିମୟ ମୂଲ୍ୟ ଡଲାର ତୁଳନାରେ ୮୩ ଟଙ୍କା ସ୍ତରରେ ଥିଲା। ଯାହା ଟ୍ରମ୍ପଙ୍କ ଟାରିଫ ପାଇଁ ୯୦ ଟଙ୍କା ଉପରକୁ ଚାଲି ଯାଇଛି। ମଙ୍ଗଳବାର ସକାଳେ ଟ୍ରମ୍ପ ଭାରତକୁ ଟାରିଫ ଧମକ ଦେଇଛନ୍ତି। ଏଥର ଟ୍ରମ୍ପଙ୍କ ଟାର୍ଗେଟରେ ପାଲଟିଛି ଭାରତର ବାସମତୀ ଚାଉଳ ଏଣୁ ପ୍ରାରମ୍ଭିକ ଅଧିବେଶନରେ ଡଲାର ତୁଳନାରେ ଟଙ୍କା କ୍ଷତିରେ ପଡିଥିଲା। ହେଲେ ବଜାର ବନ୍ଦ ହେବା ବେଳକୁ ଅଚାନକ ଏପରି କିଛି ହୋଇଛି ଯାହାକୁ ବିଶ୍ୱାସ ବି କରି ହେଉନି।

ମଙ୍ଗଳବାର ସକାଳେ କାରବାର ଆରମ୍ଭ କାଳରେ ଟଙ୍କା ୧୦ ପଇସା ହ୍ରାସର ସମ୍ମୁଖୀନ ହୋଇଥିଲା, ହେଲେ କାରବାର ବନ୍ଦ ବେଳକୁ ଏଥିରେ ୧୭ ପଇସା ଅଭିବୃଦ୍ଧି ଦେଖା ଯାଇଛି। ଫଳରେ ଟ୍ରମ୍ପଙ୍କ ଟାରିଫକୁ ଜବାବ ମିଳିଯାଇଛି। ଏଣୁ ଟଙ୍କା ତୁଳନାରେ ଡଲାର ମୂଲ୍ୟ ୯୦ ଟଙ୍କାରୁ ତଳକୁ ଖସି ମଜଭୁତ ହୋଇଛି। ବିଶେଷଜ୍ଞଙ୍କ ଅନୁସାରେ ମଙ୍ଗଳବାର ଫେଡ ମିଟିଂ ଆରମ୍ଭ ହୋଇଛି। ଏଥିରେ ୨୫ ବେସିସ ପଏଣ୍ଟ ପଲିସି ରେଟ କଟ୍ ହୋଇପାରେ। ଯାହାର ସମର୍ଥନ ମୁଦ୍ରା ବିନିମୟ ବଜାରରେ ଟଙ୍କାକୁ ମିଳିଛି।

ଆମେରିକା ଡଲାର ଓ ଅଶୋଧିତ ତୈଳ ନିଜର ହାଇଲେବୁଲରୁ ତଳକୁ ଖସିଛନ୍ତି। ଏଣୁ ଟଙ୍କା କାରବାର ଆରମ୍ଭରେ ସମ୍ମୁଖୀନ ହୋଇଥିବା ହ୍ରାସରୁ ଉପରକୁ ଉଠି ୧୭ ପଇସା ବୃଦ୍ଧି ହାସଲ କରିଛି। ଏଣୁ ଡଲାରର ଚୂଡ଼ାନ୍ତ ମୂଲ୍ୟ ୮୯.୮୮ ପଇସାରେ ବନ୍ଦ ହୋଇଛି। ଫରେନ କରେନ୍ସୀ ଟ୍ରେଡର୍ସଙ୍କ କହିବା କଥା ହେଉଛି ଡିସେମ୍ବରରେ ଆମେରିକା ଫେଡ ଦ୍ୱାରା ସୁଧହାର ହ୍ରାସ ଆଶଙ୍କା ଯୋଗୁ ବିଦେଶୀ ବଜାରରେ ଆମେରିକୀୟ ଡଲାର ଦୁର୍ବଳ ହୋଇଛି। ଏଣୁ ଟଙ୍କାକୁ ସର୍ବନିମ୍ନ ସ୍ତରରେ ସମର୍ଥନ ମିଳିଛି।

ମିରାୟ ଆସେଟ୍ ଓ ସେୟରଖାନ ବିଶ୍ଳେଷକ ଅନୁଜ ଚୌଧୁରୀ କହିଛନ୍ତି ଯେ ଆରବିଆଇଙ୍କ ସମ୍ଭାବିତ ହସ୍ତକ୍ଷେପ ଓ ଅଶୋଧିତ ତୈଳ ମୂଲ୍ୟରେ ଅଚାନକ ହ୍ରାସ ଟଙ୍କାକୁ ସର୍ବନିମ୍ନ ସ୍ତରରେ ସମର୍ଥ କରିଛି। ତେବେ ଦୁର୍ବଳ ଘରୋଇ ବଜାର ଓ ଆମେରିକା ଡଲାର ଇଣ୍ଡେକ୍ସରେ ସାମାନ୍ୟ ସୁଧାର ଦ୍ରୁତ ବୃଦ୍ଧିକୁ ରୋକି ଦେଇଛି। ସେ କହିଛନ୍ତି ଯେ ଡିସେମ୍ବରରେ ଫେଡେରାଲ ରିଜର୍ଭର ସୁଧହାର ହ୍ରାସ ଆଶଙ୍କା ଆମେରିକା ଡଲାରକୁ ଦୁର୍ବଳ କରିପାରେ। ଏଣୁ କେନ୍ଦ୍ରୀୟ ବ୍ୟାଙ୍କର ସାମାନ୍ୟ ହସ୍ତକ୍ଷେପ ଟଙ୍କାକୁ ସାହାରା ଦେଇ ପାରେ।

# ୨୦୨୬ରେ କୋଲ ଇଣ୍ଡିଆ, ଏନଟିପିସି, ଏବଂ ପଲିକ୍ୟାବ ଇଣ୍ଡିଆ କରିବ ମାଲାମାଲ୍

ନୂଆଦିଲ୍ଲୀ,୧୦।୧୨: ସ୍ଥିର ଏବଂ ନିୟମିତ ଆୟ ଚାହୁଁଥିବା ନିବେଶକଙ୍କ ପାଇଁ ଲାଭାଂଶ ପ୍ରଦାନକାରୀ ଷ୍ଟକ ସର୍ବଦା ଏକ ଶ୍ରେଷ୍ଠ ପସନ୍ଦ ହୋଇଆସିଛି। ଏପରି କମ୍ପାନୀଗୁଡ଼ିକର ସାଧାରଣତଃ ଦୃଢ଼ ବାଲାନ୍ସ ସିଟ, ସ୍ଥିର ବ୍ୟବସାୟ ଏବଂ ସ୍ଥିର ନଗଦ ପ୍ରବାହ ଥାଏ। ବଜାରରେ ଉତ୍ଥାନ-ପତନ ସମୟରେ ମଧ୍ୟ ଏହି ଷ୍ଟକଗୁଡ଼ିକୁ ସୁରକ୍ଷିତ ବାଜି ଭାବରେ ବିବେଚନା କରାଯାଏ। ତିନୋଟି ପ୍ରମୁଖ କମ୍ପାନୀ: କୋଲ ଇଣ୍ଡିଆ, ଏନଟିପିସି, ଏବଂ ପଲିକ୍ୟାବ ଇଣ୍ଡିଆ ୨୦୨୬ରେ ଅଧିକ ଲାଭାଂଶ ପ୍ରଦାନ କରିବେ ବୋଲି ଆଶା କରାଯାଉଛି। ସେମାନଙ୍କର ଟ୍ରାକ ରେକର୍ଡ ଏବଂ ଆର୍ଥିକ ସ୍ଥିତି ନିବେଶକଙ୍କ ବିଶ୍ୱାସକୁ ବୃଦ୍ଧି କରେ। କୋଲ ଇଣ୍ଡିଆ ହେଉଛି ବିଶ୍ୱର ସର୍ବୃହତ ରାଷ୍ଟ୍ରାୟତ୍ତ କୋଇଲା କମ୍ପାନୀ ଏବଂ ଭାରତର ମୋଟ ଉତ୍ପାଦନର ୮୦% ଅଟେ। କମ୍ପାନୀ ଗତ ତିନି ବର୍ଷ ମଧ୍ୟରେ ନିରନ୍ତର ଭାବରେ ଏହାର ଲାଭାଂଶ ବୃଦ୍ଧି କରିଛି: ୨୦୨୩ ଆର୍ଥିକ ବର୍ଷରେ ପ୍ରତି ସେୟାର ୨୪.୨୫, ୨୦୨୪ ଆର୍ଥିକ ବର୍ଷରେ ୨୫.୫୦ ଏବଂ ୨୦୨୫ ଆର୍ଥିକ ବର୍ଷରେ ୨୬.୫୦। ଯଦିଓ ୨୦୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସରେ କମ୍ପାନୀର ରାଜସ୍ୱ ଏବଂ ଲାଭ ହ୍ରାସ ପାଇଛି, ଏହାର ଦୀର୍ଘକାଳୀନ ଇନ୍ଧନ ଯୋଗାଣ ଚୁକ୍ତି ଏବଂ ଉତ୍ପାଦନ ସମ୍ପ୍ରସାରଣ



ଯୋଜନା ଏହାକୁ ସ୍ଥିର ରଖିଛି। କମ୍ପାନୀ କୋଇଲା ଗ୍ୟାସ, ସିବିଏମ ଏବଂ ନବୀକରଣୀୟ ଶକ୍ତି ଭଳି ନୂତନ କ୍ଷେତ୍ରରେ ମଧ୍ୟ ବିସ୍ତାର କରୁଛି, ଯାହା ଭବିଷ୍ୟତରେ ନଗଦ ପ୍ରବାହକୁ ଉନ୍ନତ କରିପାରିବ। ଏନଟିପିସି ହେଉଛି ଭାରତର ସର୍ବୃହତ ଶକ୍ତି ଉତ୍ପାଦକ ଏବଂ ଏହାର ଏକ ଦୃଢ଼ ଲାଭାଂଶ ଇତିହାସ ଅଛି। ୨୦୨୩ ଆର୍ଥିକ ବର୍ଷ ରେ ପ୍ରତି ସେୟାର ୭.୨୫ରୁ, ୨୦୨୫ ଆର୍ଥିକ ବର୍ଷରେ ଏହା ୮.୩୫ରେ ପହଞ୍ଚିଛି। ୨୦୨୬ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ, ଏନଟିପିସିର ରାଜସ୍ୱ ପ୍ରାୟତଃ ସ୍ଥିର ରହିଥିଲା, କିନ୍ତୁ ନିଟ ଲାଭ ୨୯,୬୮୧ କୋଟିକୁ ବୃଦ୍ଧି ପାଇଛି। କମ୍ପାନୀ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ୍ ଅଣ-ଜୀବାଶ୍ମ ଇନ୍ଧନ କ୍ଷମତା ଏବଂ ୨୦୩୨ ସୁଦ୍ଧା ୬୦ ଗିଗାୱାଟ୍ ନବୀକରଣୀୟ ଶକ୍ତି ଯୋଡିବା ପାଇଁ କାମ କରୁଛି। ଏହି ପରିବର୍ତ୍ତନ ଭବିଷ୍ୟତରେ କମ୍ପାନୀର ଆୟକୁ ସ୍ଥିର ଏବଂ ସୁଦୃଢ଼ ରଖିପାରିବ। ତାର ଏବଂ କେବୁଲ ମହାରଥୀ ପଲିକ୍ୟାବ ମଧ୍ୟ ନିରନ୍ତର ଭାବରେ ଏହାର ଲାଭାଂଶ ବୃଦ୍ଧି କରିଛି, ୨୦୨୩ ଆର୍ଥିକ ବର୍ଷରେ ପ୍ରତି ସେୟାର ୨୦ରୁ ୨୦୨୫ ଆର୍ଥିକ ବର୍ଷରେ ପ୍ରତି ସେୟାର ୩୫କୁ। ୨୦୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ, କମ୍ପାନୀର ରାଜସ୍ୱ ୬୪,୭୭୨ କୋଟିକୁ ବୃଦ୍ଧି ପାଇଛି ଏବଂ ନିଟ ଲାଭ ୫୫% ବୃଦ୍ଧି ପାଇ ୬,୯୩୦ କୋଟିକୁ ବୃଦ୍ଧି ପାଇଛି। ପଲିକ୍ୟାବ ୨୦୩୦ ସୁଦ୍ଧା ୨୭% ବିକ୍ରୟ ସିଏଜିଆର ଲକ୍ଷ୍ୟ ରଖିଛି ଏବଂ କ୍ଷମତା ବିସ୍ତାର ପାଇଁ ୫୦ ବିଲିୟନ ନିବେଶ କରୁଛି।

# ନାଳ ପାଣି ହିଁ ଭରସା, ମିଳୁ ନାହିଁ ବିଶୁଦ୍ଧ ପାନୀୟଜଳ



ଫିରିଙ୍ଗିଆ,୧୦।୧୨(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ କମେଲସିଂ, ବିର୍ଲିପାଙ୍ଗା ସାହିରେ ପାନୀୟ ଜଳର ସମସ୍ୟା କୁ ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଦିର୍ଘ ବର୍ଷ ଧରି ଏଠାକାର ଗୋଟିଏ ସାହିର ଜନସାଧାରଣ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଖରା ବର୍ଷା ଦିନେ ବିଶୁଦ୍ଧ ପାନୀୟ ଜଳ ପାଇଁ ଅଞ୍ଚଳ ବାସୀ ନାହିଁଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଖରା ଦିନେ ନାଳ କୁଆ ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନେ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଥିବା କହିଛନ୍ତି। ଅନ୍ୟ ପଟେ ଏହି ବିଶୁଦ୍ଧ ପାନୀୟ ଜଳ ଅସୁବିଧା କୁ ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି ବୋଲି କହିଛନ୍ତି। ସରକାର ପାନୀୟଜଳ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରନ୍ତି ସତ କିନ୍ତୁ କେତେକ ସ୍ଥାନରେ ଏମିତି ନାଳ କୁଆ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ସ୍ଥାନରେ ପହଞ୍ଚିବାର ଅସୁବିଧା ରହୁଛି କେଉଁଠି, ନା ଜାଣି ଶୁଣି ପ୍ରଶାସନ ନିରବ ରହୁଛି ବୋଲି ବୁଦ୍ଧିଜିବୀ ମହଲରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ କମେଲସିଂ ବିର୍ଲିପାଙ୍ଗା ସାହିରେ ନୂତନ ନଳକୂପ କିମ୍ବା କୁଅ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ସରକାରୀ ଜାଗା ବାଂଲାଦେଶୀ ମୁସଲିମଙ୍କ ଦ୍ୱାରା ଜବରଦଖଲ

# କାହା ସ୍ୱାର୍ଥରେ କରାଯାଉଛି ଘରବାଡ଼ି ପଟ୍ଟା ପ୍ରଦାନ

ବାଲିଆପାଳ,୧୦।୧୨(ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ବାସୁଦେବ ପୁର ସରକାରୀ ଜାଗାକୁ ରୋହିଙ୍ଗା ବାଂଲାଦେଶୀ ମୁସଲମାନ ମାନେ କେତେ ବର୍ଷ ହେବ ଜବର ଦଖଲ କରି ନେଇଛନ୍ତି। ସେମାନେ ସେହିସବୁ ଜାଗାରେ ଏବେ ସ୍ଥାୟୀ ଗୃହ ନିର୍ମାଣ କରି ରହୁ ଛନ୍ତି। କେତେକ ସ୍ଥାନୀୟ ରାଜନେତାଙ୍କୁ ହାତ କରି ପ୍ରଶାସନ ଉପରେ ଚାପ ପକାଇ ବେଆଇନ ଭାବେ ଘରବାଡ଼ି ପଟ୍ଟା ହାତେଇବାରେ ଲାଗିଛନ୍ତି। ତେବେ କାହା ସ୍ୱାର୍ଥ ରେ ବାଂଲାଦେଶୀ ଏହି ମୁସଲିମ ମାନଙ୍କୁ ପ୍ରଶାସନ ଘର ବାଡ଼ି ପଟ୍ଟା ପ୍ରଦାନ କରିଛି, ତାହା ସାଧାରଣ ରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ପୂର୍ବରୁ ଏହି ଶ୍ରେଣୀର ମୁସଲିମ ମାନେ ଏ ଅଞ୍ଚଳରେ ଘର ଭଡା ନେଇ ସାଇକେଲ ରେ ଗାଁ ଗାଁ ବୁଲି କେତେକ ଷ୍ଟେସନାରୀ ସାମଗ୍ରୀ ଫେରିକରି ବିକ୍ରି କରୁଥିଲେ।କିନ୍ତୁ ପରେ ଫେରି କରୁଥିବା ବେଳେ ରାତିକୁ ସେମାନଙ୍କ ମଧ୍ୟରୁ କେତେକ ଛୋଟ ମୋଟ ଚୋରି ସହ ସମ୍ପୃକ୍ତ ରହୁଥିଲେ। ଏନେଇ ଥାନାରେ ମଧ୍ୟ ମାମଲା ହୋଇଛି। ସେମାନଙ୍କ ଦ୍ୱାରା ବିକ୍ରି ସାମଗ୍ରୀ କୁ କେନ୍ଦ୍ର କରି ଗଣ୍ଡଗୋଳ ମଧ୍ୟ ସଂଗଠିତ ହୋଇଛି। ଏବେ ସେମାନେ ସ୍ଥାନୀୟ ରାଜନେତା ଓ ପ୍ରଶାସନ ଠାରୁ ସାହସ ପାଇ ବାଇକ ଯୋଗେ ସେହିସବୁ କାର୍ଯ୍ୟ ନିର୍ଭିଗ୍ନ ରେ କରୁଛନ୍ତି। ପ୍ରତିଦିନ ଶହ ଶହ ବାଂଲାଦେଶୀ ମୁସଲିମ ବାଲିଆପାଳ ବ୍ଲକ ରେ ଗାଁ ଗହଳିରେ ଅବାଧରେ ଫେରିକରୁଛନ୍ତି। ବିଜେଡି ସରକାର ସମୟରେ ଏକ ସର୍ଭେ ରିପୋର୍ଟ କୁ ଆଧାର କରି ସରକାର ଦର୍ଶାଇ ଥିଲେ ଯେ ବାଲିଆପାଳ ଅଞ୍ଚଳରେ କୌଣସି ରୋହିଙ୍ଗା ବାଂଲାଦେଶୀ ବସବାସ କରୁ ନାହାଁନ୍ତି। ଯାହା ସମ୍ପୂର୍ଣ୍ଣ ଭ୍ରାମକ ରିପୋର୍ଟ ଥିଲା। ଏବେ କେବଳ ବାସୁଦେବ ପୁର ଗ୍ରାମରେ ୫୦ ରୁ ଅଧିକ ପରିବାର ବସବାସ କରୁଛନ୍ତି।

● ଗାଜଲବାଡି ଘାଟି ସମ୍ପ୍ରସାରଣ ବିଳମ୍ବ

# ବଢ଼ିଲା ଅସନ୍ତୋଷ, ଆନ୍ଦୋଳନ ଚେତାବନୀ



ଦାରିଙ୍ଗବାଡି,୧୦।୧୨(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ୍ ସୀମାନ୍ତରେ ଥିବା ଗୋପାଳପୁର ଠାରୁ ରାଇପୁରକୁ ସଂଯୋଗ କରୁଥିବା ୫୯ ନଂ ଜାତୀୟରାଜପଥର ଗାଜଲବାଡି ଘାଟିର ସମ୍ପ୍ରସାରଣ ବିଳମ୍ବକୁ ନେଇ ତେଜୁଛି ଅସନ୍ତୋଷ। କେନ୍ଦ୍ର ସରକାର ଉକ୍ତ ଘାଟି ସମ୍ପ୍ରସାରଣ କାର୍ଯ୍ୟ ଆସନ୍ତା ୨୦୨୮ ସୁଦ୍ଧା ସମ୍ପ୍ରସାରଣ କାର୍ଯ୍ୟ ଶେଷ କରିବାକୁ ଘୋଷଣା କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଯଦି କାର୍ଯ୍ୟ ଆରମ୍ଭ କରାଯାଇନାହିଁ ତେବେ ସରକାର ଦେଇଥିବା ସମୟସୀମା ମଧ୍ୟରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସାରିବା କେତେ ଦୂର ସମ୍ଭବ, ତାହା କହିବା ମୁସ୍କିଲ। ଏହାର ପ୍ରତିବାଦରେ ଆସନ୍ତା ୧୭ରେ ବଡ଼ଧରଣର ଆନ୍ଦୋଳନ ହେବାକୁ ଯାଉଥିବା ନେଇ ଏକ ଖବରଦାତା ସମ୍ମିଳନୀରେ ବିଧାନସଭାର ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ ପ୍ରତିକ୍ରିୟା।

# ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ କାମରେ ଆସୁନି ଶବ ବ୍ୟବଚ୍ଛେଦ କେନ୍ଦ୍ର: ପ୍ରଶାସନ ନୀରବ




ଧାମନଗର,୧୦।୧୨(ସଂଚାର ବ୍ୟୁରୋ): ଧାମନଗର ଏନଏସି ଅନ୍ତର୍ଗତ ଶ୍ୟାମପୁରଠାରେ ଚାରିବର୍ଷ ତଳେ ନିର୍ମାଣ ହୋଇଥିବା ଶବ ବ୍ୟବଚ୍ଛେଦ ଗୃହ ଏବେ କାମରେ ଆସୁନାହିଁ। ନିର୍ମାଣ ଶେଷ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନାହିଁ ଓ ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପ୍ରଚେଷ୍ଟାରେ ୨୦୧୮-୧୯ରେ ପୂର୍ତ୍ତ ବିଭାଗ ଦ୍ୱାରା ଏହା ନିର୍ମାଣ କରାଯାଇଥିଲା ଓ ଧାମନଗରରେ ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁଁ ୬ବର୍ଷ ଉର୍ଦ୍ଧ୍ୱ ହେଲା ଶବ ବ୍ୟବଚ୍ଛେଦ ହେଉନାହିଁ।ଏଥିପ୍ରତି କାହାରି ନଜର ପଡୁ ନଥିବାରୁ ସରକାରଙ୍କ ଲକ୍ଷାଧିକ ଟଙ୍କା ଏବେ ପାଣିରେ ବା ନଷ୍ଟ ହୋଇଥିବା ବେଳେ ପଡ଼ିବାକୁ ଏବେ ଶବ ବ୍ୟବଚ୍ଛେଦ ଗୃହଟି ଭୂତକୋଠିରେ ପରିଣତ ହୋଇଛି। ଏହି ସମସ୍ୟାର ସମାଧାନ ନିମନ୍ତେ ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ନଗର ଉନ୍ନୟନ ରାଜ୍ୟ ସଚିବ, ସ୍ୱାସ୍ଥ୍ୟ ବିଭାଗ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ସମସ୍ୟାକୁ ସମାଧାନ ପାଇଁ ଧାମନଗର ବରିଷ୍ଠ ନାଗରିକ, ଜନ ସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି।

# ମାନବାଧିକାର ଦିବସ ପାଳିତ

ସୁବର୍ଣ୍ଣପୁର,୧୦।୧୨(ସଂଚାର ବ୍ୟୁରୋ): ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଏବଂ ଜିଲ୍ଲା ଜଜ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ପି.ଏମ. ମହାରାଜା ଉଚ୍ଚ ବିଦ୍ୟାଳୟ ଠାରେ "ମାନବାଧିକାର ଦିବସ" ପାଳନ ହୋଇଯାଇଛି । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର ର ସଚିବ ଦେବାଶିଷ ଦାସ, ସଦର ଉପ ଆରକ୍ଷୀ ଅଧକ୍ଷକ ପ୍ରତାପ କୁମାର ରଣା, ଇଣ୍ଟରନେସନାଲ ଜଷ୍ଟିସ ମିଶନର ପ୍ରତ୍ୟୁଷ କୁମାର ନନ୍ଦ, ପି.ଏମ.ମହାରାଜା ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ଜଳିତା ମିଶ୍ର, ସୁଶ୍ରୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର ର କର୍ମଚାରୀ ସହଯୋଗ କରିଥିଲେ ।




# ବିଜେପି ଦଳର ପକ୍ଷରୁ ମିଶ୍ରଣ ପର୍ବ



ବାଲିକୁଦା,୧୦।୧୨(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ତରାସାହି ପଞ୍ଚାୟତର ବୁଧେଶ୍ୱର୍ ମିନି ଷ୍ଟାଡିୟମ୍ ପଡ଼ିଆରେ ଭାରତିୟ ଜନତା ପାର୍ଟି ତରଫରୁ ଏକ ମିଶ୍ରଣ ପର୍ବ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ ଏବଂ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବଳିଷ୍ଠ ନେତୃତ୍ୱ ରେ ଅନୁପ୍ରାଣିତ ହୋଇ ତଥା ଭାରତର ଶାସନ ବ୍ୟବସ୍ଥା ଉପରେ ଉତ୍ସାହିତ ହୋଇ ଆଜି ବାଲିକୁଦା ଏରସମା ବିଜେପି ନେତା ସତ୍ୟ ସାରଥୀ ମହାନ୍ତିଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେଇଥିଲା, ଏହି ମିଶ୍ରଣ ପର୍ବରେ ଶତାଧିକ କର୍ମୀ ଉପସ୍ଥିତ ରହିବା ସହିତ ବିଜୁ ଜନତା ଦଳ ଏବଂ କଂଗେସ ଦଳ କର୍ମୀ ମନେ ଦଳ ଛାଡ଼ି ଭାରତୀୟ ଜନତା ପାର୍ଟିରେ ମିଶିଥିଲେ, ଏହି ଅବସରରେ ବାଲିକୁଦା ଏରସମା ଭାରତୀୟ ଜନତା ପାର୍ଟିର ନେତା ସତ୍ୟ ସାରଥୀ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେବା ସହିତ ନାରୀ ନେତ୍ରୀ ରାଜଶ୍ରୀ ପଟ୍ଟନାୟକ, ସୁବ୍ରତ ପରିଡ଼ା, ଅନେକ ନେତୃବୃନ୍ଦ ଉପସ୍ଥିତ ରହି କିପରି ଆଗାମୀ ଦିନରେ କିପରି ଅଞ୍ଚଳ ଉନ୍ନତି ହୋଇପାରିବ ତାହାକୁ ନେଇ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତରାସାହି ର ପ୍ରମୁଖ ଉଲ୍ଲାସ କୁମାର ଦାସ, ପ୍ରଫୁଲ୍ଲ ବେହେରା, ପ୍ରବୀର୍ ବାରିକ, ରଞ୍ଜନ ବିଶ୍ୱାଳ, ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ବିଶ୍ୱ ମାନବାଧିକାର ଦିବସ ପାଳିତ



ସୁବର୍ଣ୍ଣପୁର,୧୦।୧୨ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦର ସ୍ଥିତ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଗୋପୀନାଥ ମହାକୁର ପ୍ରମୁଖ ମଞ୍ଚାସୀନ ଥିଲେ। ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା ଓ ଧର୍ମ ନିର୍ବିଶେଷରେ ସମାଜରେ ସମସ୍ତଙ୍କର ସମାନ ଅଧିକାର ରହିଅଛି ଓ ଏଥିରେ କୌଣସି ପାର୍ଥକ୍ୟ ବା ଭେଦଭାବ ନାହିଁ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଆଲୋଚନାରେ ସତ୍ୟ ନାରାୟଣ ନାୟକ, ଅକ୍ଷୟ କୁମାର ମିଶ୍ର, ଜ୍ଞାନେନ୍ଦ୍ର ତ୍ରିପାଠୀ, ଭୂଷଣ କୁମାର ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଚମରା ମହାକୁର, ବଳରାମ କାଣ୍ଡ, ଜୀତେନ୍ଦ୍ର ପଧାନ, ଅକ୍ରୁର ଦନ୍ତା, ସୌମିତ୍ରୀ ମେହେର, ଶ୍ୟାମ ସୁନ୍ଦର ସେଠୀ, ସନ୍ତୋଷ ଷଡ଼ଙ୍ଗୀ, ତ୍ରିନାଥ ମିଶ୍ର, ନାରାୟଣ ପ୍ରସାଦ ନାୟକ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ଏଡସ ଦିବସ ପାଳିତ

କଣାସ,୧୦।୧୨(ସଂଚାର ବ୍ୟୁରୋ): କଣାସ ବ୍ଲକର କଣାସ ଗ୍ରାମପଞ୍ଚାୟତର ପ୍ରତିଷ୍ଠିତ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ଅଧ୍ୟକ୍ଷା ସଞ୍ଜୁ ପଟ୍ଟନାୟକଙ୍କ ତତ୍ୱାବଧାନରେ ଏଡସ ଦିବସ ପାଳିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ଯୁବରେଡକ୍ରସ ଉପଦେଷ୍ଟା ଇଂରାଜୀ ଅଧ୍ୟାପକ ନିରଞ୍ଜନ ସ୍ୱାଇଁଙ୍କ ପ୍ରଥକ୍ଷ ଦାୟିତ୍ୱରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକ ରାଲିରେ ବାହାରି କଣାସ ବାଲିଘାଇ ଛକ, କଣାସ ଥାନା, କଣାସ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏଡସର ଭାୟାବହତା ଓ ତାର ସଚେତନତା ସମ୍ପର୍କରେ ସ୍ଲୋ୍ ଗାନ ଦେଇ ପୁନଶ୍ଚ ଉଚ୍ଚ ବିଦ୍ୟାଳୟ ପରିସରକୁ ଫେରିଆସିଥିଲେ।

# ଗୋହତ୍ୟାକୁ ନେଇ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଜଗନ୍ନାଥ ସଡକ ଅବରୋଧ



କଣାସ,୧୦।୧୨(ସଂଚାର ବ୍ୟୁରୋ): କଣାସ ବ୍ଲକ ନୂଆ ଜଗନ୍ନାଥ ସଡକର ଚୁପୁରିଙ୍ଗି ନିକଟରେ କୌଣସି ବ୍ୟକ୍ତି ଗତକାଲି ରାତ୍ରରେ ଗୋଟିଏ ଗାଈ ଓ ବାଛୁରୀକୁ କାଟି ଦେଇ ରାସ୍ତା ଉପରେ ପକାଇଦେଇଥିବାରୁ ଆଜି ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ଚୁପୁରିଙ୍ଗି ନିକଟ ମେଗା ପାନୀୟ ଜଳ ପ୍ରକଳ୍ପ ନିକଟରେ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ରାସ୍ତା ଅବରୋଧ କରି ଦୀର୍ଘ ସମୟ ବସିବା ପରେ କଣାସ ଅତିରିକ୍ତ ତହସିଲିଦାର ଉପେନ୍ଦ୍ର କୁମାର ସେଠୀ ଏବଂ ଗଡ଼ିଶାଗୋଦା ଆଇଆଇସି ସୁଧିର କୁମାର ଦାସ ଘଟଣା ସ୍ଥଳରେ ପହଁଚି ଅବରୋଧକାରୀମାନଙ୍କ ସହିତ ଆଲୋଚନା କରିବା ସହ ଶୀଘ୍ର ତଦନ୍ତ କରି ଦୋଶୀକୁ ୧୦ ଦିନ ମଧ୍ୟରେ ଗିରଫ କରି କାର୍ଯ୍ୟାଅନୁଷ୍ଠାନଜ ଗ୍ରହଣ କରାଯିବା ସହ କଣାସଠାରେ ଏକ ଗୋଶାଳା କରିବା ନିମନ୍ତେ ପ୍ରତିସୃତି ଦେବାରୁ ରାସ୍ତା ଅବରୋଧ କାରୀମାନେ ଅବରୋଧରୁ ଉଠିଯାଇଥିଲେ।

# 'ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ବାର୍ଷିକୋତ୍ସବ ପାଳିତ'



### ଡ଼. ନାରାୟଣୀ ପଣ୍ଡା ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

ସୁବର୍ଣ୍ଣପୁର,୧୦।୧୨(ସଂଚାର ବ୍ୟୁରୋ): ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ର ବାର୍ଷିକ ଉତ୍ସବ ମହାସମାରୋହ ରେ ଅନୁଷ୍ଠିତ ହେବା ସହ ଡ଼ : ନାରାୟଣୀ ପଣ୍ଡା ସମ୍ମିଳନୀ କକ୍ଷ ର ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବ ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ସୁବର୍ଣ୍ଣା ' ର ସମର୍ପିତ ସେବା ପାଇଁ ଉଚ୍ଚ ପ୍ରଶଂସା କରିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଡ଼ : ନାରାୟଣୀ ପଣ୍ଡା ତାଙ୍କ ଦୀର୍ଘ ଜୀବନ କାଳ ର ବିଚିତ୍ର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରି ସୁବର୍ଣ୍ଣା ର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ଆଶୀର୍ବାଦ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ, ପୂର୍ବତନ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା ନିବେଦିତା ନାୟକ ତଥା ଡ଼ : ଶାନ୍ତି ମଞ୍ଜରୀ ମିଶ୍ର' ସୁବର୍ଣ୍ଣା'ର କାର୍ଯ୍ୟକ୍ରମ ର ଭୂୟସୀ ପ୍ରଶଂସା କରିଥିଲେ। ନିର୍ଯାତିତା ନାରୀ ଓ ପରିତ୍ୟକ୍ତ ଶିଶୁମାନଙ୍କ ସେବାରେ 'ସୁବର୍ଣ୍ଣା ' କିପରି ଦକ୍ଷତା ଓ ସାହସ ର ସହିତ କାମ କରୁଛି ସେ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଓ ଶେଷରେ ଅନୁଷ୍ଠାନ ର ସଦସ୍ୟା ମାନଙ୍କ ଦ୍ୱାରା ସମୂହ ସଂଗୀତ ଗାନ କରାଯାଇଥିଲା। ଅଭିପ୍ସା ମେହେର ଏକକ ନୃତ୍ୟ ପରିବେଷଣ କରି ଉପସ୍ଥିତ ଭଦ୍ର ମଣ୍ଡଳୀ କୁ ମନ୍ତ୍ରମୁଗ୍ଧ କରିଥିଲା ।

# ଦ୍ୱିତୀୟ ଦିବସରେ କୁଚ ବେହାର ଟ୍ରଫି, ଓଡ଼ିଶା ବନାମ କର୍ଣ୍ଣାଟକ



ବଲାଙ୍ଗିର,୧୦।୧୨ (ସଂଚାର ବ୍ୟୁରୋ): ଓଡ଼ିଶା କ୍ରିକେଟ ଏସୋସିଏସନ ଓ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମ ଠାରେ ଓଡ଼ିଶା ବନାମ କର୍ଣ୍ଣାଟକ ୪ ଦିବସିୟ କୁଚ ବେହାର ଟ୍ରଫି କ୍ରିକେଟର ଦ୍ୱିତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆଜି କର୍ଣ୍ଣାଟକ ଦଳ ଗତ କାଲିର ପ୍ରଥମ ଦିନ ଖେଳରୁ ସଂଗୃହିତ ୫୦ ରନ୍ ୧ ୱିକେଟରୁ ଖେଳ ଆରମ୍ଭ କରି ଆଜି ଦ୍ୱିତୀୟ ଦିବସର ଖେଳ ଶେଷ ସୁଦ୍ଧା ୩ ୱିକେଟ ହରାଇ ୪୧୨ ରନ୍ ସଂଗ୍ରହ କରିଛି। ଫଳରେ କର୍ଣ୍ଣାଟକ ଦଳ ୨୪୨ ରନ୍ ରେ ଆଗୁଆ ଅଛି। କର୍ଣ୍ଣାଟକ ତରଫରୁ ମଣିକାନ୍ତ ଶିବାନନ୍ଦ ୨୨୭ ରନ୍, ଧ୍ରୁବ କ୍ରିଷ୍ଣନ ୧୦୫ ରନ୍ ଓ ଅନଭେ ଦ୍ରାବିଡ୍ ୬୨ ରନ୍ କରି ଅପରାଜିତ ଅଛନ୍ତି। ଓଡ଼ିଶା ଦଳରୁ ସଫଳ ବୋଲର ଭାବେ ପୀୟୁଷ ମହାନ୍ତି ୨ ଗୋଟି ୱିକେଟ ହାସଲ କରିଛନ୍ତି। ଆସନ୍ତା କାଲି ଖେଳ ଜାରି ରହିବ ବୋଲି ସଂଘ ସୁତ୍ର ରୁ ପ୍ରକାଶ। ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ହେମନ୍ତ ବେହେରା, କ୍ରୀଡା ସମ୍ପାଦକ ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ପୁରୋହିତ, ରମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା, ପ୍ରଭାତ କୁମାର ମିଶ୍ର, ଓଡ଼ିଶା ଟିମ୍ ମ୍ୟାନେଜର ପୃଥ୍ୱୀରାଜ ମିଶ୍ର, ଅରୁଣ କୁମାର ନାୟକ, ସୂର୍ଯ୍ୟ କୁମାର ମିଶ୍ର, ଫୁଟବଲ ସମ୍ପାଦକ ଶରତ ନନ୍ଦ, ଭଲିବଲ ସମ୍ପାଦକ ସଂଗ୍ରାମ ବହିଦାର, ସ୍ୱାଗତ ଶୁଭଙ୍କର ତ୍ରିପାଠି, ରବୀନ୍ଦ୍ର କୁମାର ମିଶ୍ର, ଗୌର ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# କାତପଡ଼ା ଗ୍ରାମ ନିକଟରେ ହାଇୱା ମାଡ଼ିଯିବାରୁ ମହିଳାଙ୍କ ମୃତ୍ୟୁ



କଣାସ,୧୦।୧୨ (ସଂଚାର ବ୍ୟୁରୋ): ଆଜି କଣାସ ଥାନା ତ୍ରିଲୋଚନପୁର ପଞ୍ଚାୟତର କାତପଡ଼ା ଛକ ନିକଟରେ ଏକ ହାଇଓା ନମ୍ବର ହେଲା ଓଡି ୦୯ କେ ୯୭୫୦ ଏକ ସ୍କୁଟିକୁ ଧକା ଦେବାରୁ ସ୍କୁଟିରେ ଯାଉଥିବା ସ୍ୱାମୀ ଓ ସ୍ତ୍ରୀ ଛିଟିକି ପଡ଼ିଥିଲେ ସ୍ତ୍ରୀ ଉପରେ ହାଇଓା ମାଡିଯାଇଥିଲା। ପୁଲିସଠାରୁ ପ୍ରକାଶ ଘୋରଡିଆ ଗ୍ରାମର ରବୀନ୍ଦ୍ର କୁମାର ନାୟକ ତାଙ୍କ ପତ୍ନୀ ମିନତୀ ନାୟକ ଏକ ସ୍କୁଟିରେ ଘୋରଡିଆରୁ ବାହାରି କେନାଲ ବନ୍ଧରେ ନିରାକାରପୁର ଝିଅ ଘରକୁ ଯାଉଥିବାବେଳେ କାତପଡ଼ା ଛକ ନିକଟରେ ହାଇଓା କଣାସ ରୁ ଘୋରଡିଆ ଯାଉଥିବା ହାଇଓା ସ୍କୁଟିକୁ ଧକା ଦେଇଥିଲା। ସ୍ୱାମୀ ସ୍ତ୍ରୀ ସ୍କୁଟିରୁ ଛିଟକ ପଡ଼ିଥିଲେ। ପତ୍ନୀ ମିନତୀଙ୍କ ଉପରେ ହାଇଓାଟି ଚଢି ଯାଇଥିଲା। ଚିକିତ୍ସା ପାଇଁ ଡେଲାଙ୍ଗ ଡାକ୍ତରଖାନାକୁ ମିନତୀଙ୍କୁ ନିଆଯାଇଥିଲା ସେଠାରେ ଡାକ୍ତର ମିନତୀଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। କଣାସ ଥାନା କେସ ନମ୍ବର ୨୮୮/୨୫ରେ ଏକ ମକଦମା ରୁଜ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ପୁଲିସ ହାଇଓା ଓ ସ୍କୁଟି ଗାଡିକୁ ଜବତ କରିଛି।

# ବିଶ୍ୱବିଦ୍ୟାଳୟରେ ଉତ୍ତର ଆଞ୍ଚଳିକ ଏଆଇ ହ୍ୟାକାଥନ୍ ଆୟୋଜିତ




ବାରିପଦା,୧୦।୧୨ (ସଂଚାର ବ୍ୟୁରୋ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଉତ୍ତର ଆଞ୍ଚଳିକ ଏଆଇ ହ୍ୟାକାଥନ୍ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଓ.ଏସ୍.ଏ (ଦ ଓଡ଼ିଆ ସୋସାଇଟି ଅଫ୍ ଦ ଆମେରିକାସ୍), ଓଡ଼ିଶା ଏଆଇ, ଆଇ.ଇ.ଇ.ଇ ୫ଜି/୬ଜି ଇନୋଭେସନ ଟେଷ୍ଟବେଡ୍ ଓ ଆଇ.ଇ.ଇ.ଇ କମ୍ୟୁନିକେସନ ସୋସାଇଟିର ପୃଷ୍ଠପୋଷକତାରେ ହେଉଥିବା ଏହି ହାକାଥନର ପୁରସ୍କାର ବିତରଣ ସମାରୋହରେ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ବିଜେତା ଦଳ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ନିଜ ବକ୍ତବ୍ୟରେ ପ୍ରଫେସର ଶତପଥୀ ଉତ୍ତର ଓଡ଼ିଶାର ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଏହି ଗୌରବମୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିବାରୁ ସାଧୁବାଦ ଜ୍ଞାପନ କରିଥିଲେ ଏବଂ ଓଡ଼ିଶାକୁ ବିଶ୍ୱର ବୌଦ୍ଧିକ ଏଆଇ ରାଜଧାନୀ ଭାବେ ସ୍ଥାପନ କରିବାର ବୃହତ୍ ଉଦ୍ୟମର ଅଂଶ ହିସାବରେ ଓଡ଼ିଶା ଏଆଇ ନୀତି, ଓଡ଼ିଶା ଭିଜନ, ଭାରତ ଏଆଇ ମିଶନ ଓ ବିଶ୍ୱବ୍ୟାପୀ ଏଆଇ ଧାରା ସହ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ପାଇଁ ଏହି ହାକାଥନ ନିଶ୍ଚୟ ସହାୟକ ହେବ ବୋଲି କହିଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ହାକାଥନର ଚେୟାର ତଥା ନିଷ୍ଟ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ସୁକାନ୍ତ କୁମାର ମହାପାତ୍ର, ସିମ୍ପୋଜିୟମ୍ କୋ-ଚେୟାର ତଥା ଆମେରିକାସ୍ଥିତ ସାଉଥ୍ ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟ ର ପ୍ରଫେସର ପ୍ରଶାନ୍ତ ମହାପାତ୍ର, ସିମ୍ପୋଜିୟମ୍ କୋ-ଚେୟାର ତଥା ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଅଶ୍ୱିନୀ କୁମାର ନନ୍ଦ ଓ ଅପେରେସନାଲ୍ ଚେୟାର ତଥା ଆମେରିକାସ୍ଥିତ ଜନ୍ସ୍ ହପ୍‌କିନ୍ସ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଆଶୁତୋଷ ଦତ୍ତାଙ୍କ ଦିଗ୍‌ଦର୍ଶନ ପାଇଁ ଏବଂ ସର୍ବୋପରି କାର୍ଯ୍ୟକ୍ରମ ଓ ପୁରସ୍କାର ରାଶିକୁ ଆଇ.ଇ.ଇ.ଇ ୫ଜି/୬ଜି ଇନୋଭେସନ ଟେଷ୍ଟବେଡ୍ ଓ ଆଇ.ଇ.ଇ.ଇ କମ୍ୟୁନିକେସନ ସୋସାଇଟି ପ୍ରାୟୋଜକତା କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ, ୨୨୫ ବିଦ୍ୟାର୍ଥୀ ଭାଗନେଲେ



କଣାସ,୧୦।୧୨ (ସଂଚାର ବ୍ୟୁରୋ): କଣାସ ବ୍ଲକ ଅନ୍ତର୍ଗତ କୁଳମଣୀ ସଂଯୁକ୍ତ ଉଚ୍ଚ ବିଦ୍ୟାପୀଠ ପରିସରରେ ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ଆବିସ୍କାର ଅଭିଯାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ କଣାସ ବ୍ଲକ ଶିକ୍ଷାଅଧିକାରୀ ରାମଚନ୍ଦ୍ର ବେହେରା ଏହି ପ୍ରତି ଯୋଗିତାର ଶୁଭ ଉଦଘାଟନ କରିଥିଲେ। କଣାସ ବ୍ଲକ ଅନ୍ତର୍ଗତ ୧୭ ଆଞ୍ଚଳିକ ସାଧନ କେନ୍ଦ୍ରର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ ଚବିଦ୍ୟାଳୟମାନଙ୍କରୁ ୨୨୫ ଜଣ ବିଦ୍ୟାର୍ଥୀ ଏହି କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସବ ଜୁନିୟର, ଜୁନିୟର ଓ ଶିନ୍ୟୟର ବିଭାଗରେ ଅନୁଷ୍ଠିତ, ତିନି ବିଭାଗ ଶ୍ରେଷ୍ଠ ତିନି ଜଣ ଛାତ୍ରଛାତ୍ରୀ ତଥା ସବ ଜୁନିୟରରେ ବାରଦାବାଦଲପୁର ସଂଯୁକ୍ତ ଉପ୍ରା ବିଦ୍ୟାଳୟର ଛାତ୍ର ସୌଭାଗ୍ୟ ରଞ୍ଜନ ଦାସ, ଜୁନିୟର ଓ ଶିନିୟର ବିଭାଗରେ କୁଳମଣି ସଂଯୁକ୍ତ ବିଦ୍ୟାପୀଟର ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା ଓ ଚିନ୍ମୟୀ ସାହୁ ଜିଲ୍ଲା ସ୍ତରୀୟ କୁଇଜ ପ୍ରତି ଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ।

# ଦିଗପହଣ୍ଡିରେ ଏଡିଜେ କୋର୍ଟ ପ୍ରତିଷ୍ଠା ଦାବି

ଦିଗପହଣ୍ଡି,୧୦।୧୨(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲାର ଦିଗପହଣ୍ଡି ଠାରେ ଏଡିଜେ କୋର୍ଟ ସହ ଜିଲା ସବଡିଭିଜନ କାର୍ଯ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସ୍ଥାନୀୟ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି। ବୁଧବାର ଓକିଲ ସଂଘର ସାଧାରଣ ପରିଷଦ ବୈଠକ ସଂଘର ଉପସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଦଓ୍ୱୋନି ବିଚାରପତିମାନଙ୍କଠାରେ ପୂର୍ବରୁ ରହିଥିବା ଫୌଜଦାରୀ ମାମଲା ପରିଚାଳନା କ୍ଷମତାକୁ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ଅପସାରଣ କରି ଦିଆଯାଇଥିବା ସମ୍ପର୍କରେ ଅନୁଷ୍ଠିତ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା। ଦିଗପହଣ୍ଡିଠାରେ ନୂତନ ଭାବେ ଖୋଲିଥିବା ସବଜଜ୍ କୋର୍ଟଙ୍କ ଠାରେ ଏଡିଜେ କ୍ଷମତା ନ ଥିବା ଯୋଗୁ ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏଠାରେ ଅତିରିକ୍ତ ଜିଲା ଜଜ୍ କୋର୍ଟ ସ୍ଥାପନ କରିବା ପାଇଁ ବୈଠକରେ ସର୍ବସମ୍ମତି ନିଷ୍ପତ୍ତି ଗୃହୀତ ହୋଇଥିଲା। ଏ ସମ୍ପର୍କରେ ଓକିଲ ସଂଘର ଏକ ପ୍ରତିନିଧି ଦଳ ଖୁବ୍‌ଶୀଘ୍ର ଗଞ୍ଜାମ ଜିଲା ଜଜ୍, ରାଜ୍ୟ ଆଇନ ମନ୍ତ୍ରୀ ଏବଂ ହାଇକୋର୍ଟ ବିଚାରପତିଙ୍କ ସହ ସାକ୍ଷାତ ଆଲୋଚନା କରିବ ବୋଲି ଜଣାପଡ଼ିଥିବା ବେଳେ ଦିଗପହଣ୍ଡିକୁ ଜିଲା ସବ୍‌ଡିଭିଜନର ମାନ୍ୟତା ଦିଆଯିବାକୁ ମଧ୍ୟ ସଂଘ ପକ୍ଷରୁ ସରକାରଙ୍କଠାରେ ଦାବି କରାଯାଇଛି।

# ସମସ୍ତେ ଆତ୍ମସମ୍ମାନର ସହ ବଞ୍ଚିବା ଜରୁରୀ

ପୁରୁଷୋତ୍ତମପୁର,୧୦।୧୨ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବିଚାର ବିଭାଗୀୟ ଅଦାଲତର ତାଲୁକା ଆଇନସେବା ପ୍ରାଧିକରଣ କମିଟି ପକ୍ଷରୁ ତାରାତାରିଣୀ କଲେଜ ପରିସରରେ ବୁଧବାର ମାନବ ଅଧିକାର ଦିବସ ଆଇନସେବା କମିଟିର ଅଧ୍ୟକ୍ଷ ସିନିୟର ସିଭିଲ ଜଜ ତଥା ଆସିଷ୍ଟାଣ୍ଟ ସେସନଜଜ ଶରତକୁମାର ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେଏମଏଫସିର ବିଚାରପତି ଅନନ୍ୟା ଅପର୍ମିତା, କଲେଜର ଅଧ୍ୟକ୍ଷ ଡଃ ପ୍ରଦୀପକୁମାର ସାହୁ, ଓକିଲସଂଘ ସଭାପତି କୃଷ୍ଣଚନ୍ଦ୍ର ଗୌଡ,ଅଧ୍ୟାପକ ସୁଶାନ୍ତ କୁମାର ସାହୁ ଯୋଗଦେଇ ଥିଲେ। ଏହି ଅବସରରେ ବିଚାରପତି ଶରତ କୁମାର ସାହୁ ସମାଜରେ ଯେପରି କୌଣସି ବ୍ୟକ୍ତିଙ୍କ ସମ୍ମାନ କ୍ଷୁର୍ଣ୍ଣ ହେବନାହିଁ, କାହାରିକୁ ବି ନିର୍ଯାତନା ଦିଆଯାଇପାରିବ ନାହିଁ, ସମ୍ମାନ କ୍ଷୁର୍ଣ୍ଣ ହେବାଭଳି ବ୍ୟବହାର ସହ ଦଣ୍ଡବିଧାନ ନ କରିବା ଲାଗି ବିଭିନ୍ନ ପରାମର୍ଶମାନ ଦେଇ ସମସ୍ତେ କିପରି ସମାଜରେ ଆତ୍ମସମ୍ମାନର ସହ ସୁରକ୍ଷିତ ଭାବେ ବଞ୍ଚିପାରିବେ ସେଥିନେଇ ଗୁରୁତ୍ୱାରୋପ କରି ମାନବାଅଧିକାର ଆଇନମାନ ସମ୍ପର୍କରେ ବୁଝାଇଥିବା ବେଳେ ପ୍ରଥମ ଶ୍ରେଣୀ ବିଚାରପତି ଅନନ୍ୟା ଅପର୍ମିତା ମାନବ ଅଧିକାର ଆଇନ କଣ ଓ ଏହାକୁ ଉଲଂଘନ କଲେ କ'ଣ ହୁଏ ସେଥିନେଇ ଗୁରୁତ୍ୱାରୋପ କରିଥିଲେ।



# ନାରୀ

## ନାରାୟଣ ଚନ୍ଦ୍ର ସେନାପତି

ନାରୀ ସତେ ଏକ ଜୀବନ୍ତ ପ୍ରତିମା
ଲାଗଇ ବଡ ବିଚିତ୍ର
ଜନନୀ ଭଗିନୀ ଜାୟା ହୋଇ ରଖେ
ସଂସାର ମାନ ମହତ।

ନୀତି ଆଦର୍ଶର ପାଠଶାଳା ସିଏ
ଶିଖାଏ ଧର୍ମ ଦର୍ଶନ
ତା ପ୍ରତି ଶବଦ ଇଙ୍ଗୀତ ମୋ ପାଇଁ
ସ୍ୱର୍ଗର ବାସ ଚନ୍ଦନ।

ରାତି ଦିନ ତାର କର୍ମ ଧର୍ମ ପାଠ
ଶିଖେ ଶିଖାଏ ଖୁସିରେ
ବଞ୍ଚିବା ବଢିବା କଳା ଶିଖାଇ ସେ
ଚାଲେ ମହୀରେ ସଧୀରେ।

କେବେ ସେ ଚପଳା କେବେ ସେ ଚଞ୍ଚଳା
କେବେ ଧିର ବସୁନ୍ଧରା
କେବେ ପ୍ରୀତି ରାଣୀ ଶ୍ରଦ୍ଧା ସ୍ନେହମୟୀ
କେବେ ସିଦ୍ଧ ଦିବ୍ୟା ବୀରା।

ସଂସ୍କାର ଘାଟର ନାଉରୀ ଟେ ସିଏ
ଶୃଙ୍ଖଳା ଉଦ୍ୟାନ ମାଳୀ
ଜୀବନ ଯୁଦ୍ଧରେ କେବେ ଯାଜ୍ଞସେନୀ
ଗୃହ ପାଇଁ ବାହୁବଳୀ।

ବାପଘର ଅଲିଅଳି ରାଜଜେମା
ଶାଶୁଘର ଶିକ୍ଷୟିତ୍ରୀ
ନିଜ ପାଇଁ ସାଜେ ଅବହେଳିତା ସେ
ଅନ୍ୟର ସୁରକ୍ଷା ଧାତ୍ରୀ।

ଇତିହାସ ପାଠ ତା ପାଖେ ଅଳିଆ
ସ୍ୱଚ୍ଛ ଇତିହାସ ସିଏ
ତା ମନ ଭିତର ଭୂଗୋଳ ପଢ଼ିଲେ
ମଥା ଆମ ନଇଁଯାଏ।

ହୀରକ ହାରର ଜ୍ୟୋତିଟିଏ ନାରୀ
ସୁବର୍ଣ୍ଣ ଥାଳିର ଜହ୍ନ
ତାକୁ ପଢ଼ିଦେଲେ ହୃଦ ମନ ଆତ୍ମା
ପାଏ ବିଦ୍ୟା ବୃନ୍ଦାବନ।

ସ୍ନେହ ମମତାର ପୂଜା ଥାଳି ନାରୀ
ପ୍ରୀତିର ରଜନୀଗନ୍ଧା
ଆଶା ଭରସାର ମହୁଫେଣା ସିଏ
କଳ୍ପନାର ନିଶିଗନ୍ଧା।

ଗୀତ ହୋଇ କେବେ ଦୁଃଖ ଦୂର କରେ
ଭଙ୍ଗା କୁ ଯୋଡେ ନିଷ୍ଠାରେ
ଯଦି କେବେ କ୍ରୋଧେ ସାଜେ ନଦୀ ବନ୍ୟା
ବୁଡ଼ାଇ ମାରେ ଜ୍ୱାଳାରେ।

ଜମ୍ବିରା,କେନ୍ଦୁଝର




# ସେମାନେ

## ଡ ଚନ୍ଦ୍ରକଳା ନାୟକ

ଆଖି ଫେଡି ଦେଖିଲା ବେଳକୁ
ସଞ୍ଜ ରତ ରତ
ମୋ ଯାତ୍ରା ଆରମ୍ଭ ହୋଇନି
ଆଉ ସେମାନେ ବି ନାହାନ୍ତି ସାଙ୍ଗରେ
ଅଛି କେବଳ ସାମ୍ନାରେ
କାହାର ବେରଙ୍ଗ ଚିହ୍ନ ।
ଏବେ ମୋର ଫେରିବା ବେଳ
ହେଲେ ସବୁବେଳେ ଫେରିବା କଣ ସମ୍ଭବ ?
ଆଶା ଅଭିଳାଶର ମାପଦଣ୍ଡରେ
ଭୁଲ ଆଉ ଠିକର ପରିଧି ଭିତରେ
ଭଲ ପାଇବାର ନିଦାପଣଟା ସ୍ଥିର ହୁଏନା
ଲାଭ ଓ କ୍ଷତିର ତରାଜୁରେ
ଅବିଶ୍ୱାସର ଘନ କୁହୁଡି ଭିତରେ
କେତେବେଳେ ରାସ୍ତା ଖୋଜିବାରେ
ମୁଁ ହିଁ ଶେଷରେ ପହଂଚେ ।
କାହିଁକି କେଜାଣି ଥରକୁ ଥର
ଯୋଡିହୁଏ ସ୍ୱପ୍ନର ଅତିରିକ୍ତ ଶବ୍ଦ
କଳ୍ପନାର ମଂଜି ବୁଣେ ହାତମୁଠାଟାରେ
ବେଗବାନ ଇଛା ସବୁକୁ ଆଉଁସି ଦେଇ
ମୁଁ ହିଁ ତ ଅପେକ୍ଷା କରେ ଗତକାଲିକୁ ।
କି ଆଶ୍ଚର୍ଯ୍ୟ ଏ ଯାତ୍ରା
ସବୁବେଳେ ସେମାନେ ମୋଠୁ
ଦୁଇପାଦ ଅଗରେ ଥାନ୍ତି
ମନକୁ ବଜ୍ର କରି ପୁଣି
ଭଲ ମନ୍ଦର ତର୍ଜମା କରି
ମୁଁ ମାୟାଜାଲକୁ ଛିଣ୍ଡେଇ ଧରେ ।
ମୁଁ ହିଁ ତ ମାୟା ବୁଣିପାରେ ନାହିଁ ବୋଲି
ଝୁଂଟୁଥାଏ ବାରମ୍ବାର ପ୍ରତିଥର
ମିଛ ସ୍ନେହକୁ ପ୍ରେମ ଭାବେ
ଆଉ ଡେଇଁପଡେ ଦରିଆକୁ
ପାରିଜାତ ପାଇବା ଆଶାରେ
ମନ ମୋର ମରି ମରି ଯାଉଥାଏ
ସକାଳର କଅଁଳିଆ ପତ୍ର ଧାରେ ଧାରେ।
ପତ୍ରଗୁଡା ବି ସ୍ୱପ୍ନ ଭଙ୍ଗ ଦିଅନ୍ତି
ସୁଖି ସବୁ ଖରା ଧାସରେ ଲାଲ ପଡେ
ସେମାନେ ତ ଚାଲିଗଲେଣି ଅନେକ ବେଲୁ
ଏବେ ଖାଲି ବାକି ଅଛି ଶୁନଶାନ ରାସ୍ତା
ଯାହାକୁ ନେଇ ମୁଁ ଚାଲିଛି ଅନବରତ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଚଡିଆ ଯାଜପୁର, ମୋ-୯୪୩୭୯୫୭୬୧୭**



# ଶ୍ରୀ ମନ୍ଦିର

## ପୁଷ୍ପଲତା ମିଶ୍ର

ଶିରୀ ମନ୍ଦିରରେ ଚତୁର୍ଦ୍ଧା ମୂରତି
ରତ୍ନ ସିଂହାସନେ ଉଭା,
ଭାଇ ବଳଭଦ୍ର ସୁଭଦ୍ରା ଭଉଣୀ
ଦିଶୁଅଛି କେବେ ଶୋଭା ।।
ଶୋଭା ଦିଶୁଅଛି କାଳିଆ ଓ୍ୱଳିଆ
ସୁଭଦ୍ରା ହଳଦୀ ମୁଖି,
ମୁଖ ଟି ସୁନ୍ଦର ନାମ ଚକ୍ରଧର
ମନ ଯାଏ ସେଠି ଲାଖି।।
ପତିତପାବନ ଉଡେ ଫର ଫର
ସୁନ୍ଦରତା ନୀଳ ଚକ୍ର,
ପତିତ ଜନ ଙ୍କୁ ଉଦ୍ଧାରିବା ପାଇଁ
ପଲକ ପଡେନା ନେତ୍ର ।।
ଚକା ଚକା ଆଖି ମନ ଯାଏ ଲାଖି
ତୋର ଶିରୀ ମନ୍ଦିରରେ,
ତୋ ଅଭଡ଼ା ମିଠା ମିଠା ତ ବେଶର
ଆନନ୍ଦ ବଜାର ଠାରେ ।।
ପାପୀ ତପି ଯେତେ ଆସନ୍ତି ସମସ୍ତେ
ତୁମ ଦରଶନ ପାଇଁ,
ସମସ୍ତ ଙ୍କ ପାଇଁ ଶ୍ରୀ ମନ୍ଦିରେ ରହି
ମହା ବହୁ କୁ ମେଲାଇ ।।
ସମର୍ପିତ ନାଥ ପ୍ରଭୁ ଜଗନ୍ନାଥ
ହୋଇଲି ମୁଁ ସମର୍ପିତା,
ତୋ ଶିରୀ ମନ୍ଦିରରେ ଶରଣ ମୁଁ ଗଲି
ଡାକୁଅଛି ପୁଷ୍ପଲତା ।।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭



# ସୁନ୍ଦର ବାସନା ତା'ର

## ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ

ଗୋଲାପ ଫୁଲଟି ସଭିଙ୍କର ପ୍ରିୟ
ସୁନ୍ଦର ବାସନା ତା'ର,
କଣ୍ଟା ସିନା ଭରା ଅଛି ତା' ଦେହରେ
କ୍ଷତି କରେ ନାହିଁ କା'ର ।
ଫୁଲଙ୍କ ମଧ୍ୟରେ ରାଜା ଅଟେ ସିଏ
ରୂପ ତା ଅମୁଲ ମୂଲ,
ସ୍ନେହ ଓ ପ୍ରେମର ପ୍ରତୀକ ଅଟଇ
କିଏ ହେବ ତା'ର ତୁଲ ?
ପୂଜା ହେଉ ଅବା ସାଜସଜା ବେଳେ
ଆଗ ହୁଏ ସିଏ ଲୋଡ଼ା,
ତେଣୁ ବଜାର ରେ ତା' ମୂଲ୍ୟ ଅଧିକ
ଗୋଟିଏ ହେଉ ବା ଯୋଡ଼ା।
ସାଇବାବା ଚା ଚା ନେହେରୁଙ୍କ ପୂଜା
ପାଇଁ ଆମେ ତାକୁ ନେଉ
ନିର୍ମଳ ଚିତ୍ତରେ ତାଙ୍କ ନିକଟରେ
ଭକ୍ତିରେ ସମର୍ପି ଦେଉ।
ପ୍ରଗତିର ଦେଶ ଆମେରିକାର ର
ଜାତୀୟ ଫୁଲଟି ସିଏ,
ତେଣୁ ସେଠାରେ ତା ଚାହିଦା ଅନେକ
ଭାରି ଭାଗ୍ୟବାନ ଟିଏ ।
ନାନାଦି ରଙ୍ଗର ଗୋଲାପ ଫୁଲ ଯେ
ବଜାରେ ମିଳୁଛି ଏବେ,
ସବୁରଙ୍ଗ ଫୁଲ ପାଇବାରେ ଭଲ
ବାଛିବା ନାହିଁଟି କେବେ।
ଫେବୃଆରୀ ମାସ ସାତ ତାରିଖ କୁ
ଗୋଲାପ ଦିବସ ପାଳି,
ଶ୍ରଦ୍ଧାରେ ସଭିଙ୍କୁ ଦେବା ଫୁଲଟିଏ
ରାଗ,ହିଂସା ମନୁ ଜାଳି।।

**ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର**
**ମୋବାଇଲ୍: ୭୯୦୪୩୯୨୬୮୬**



# ମାଆର ପଣତ ଶ୍ରୀମନ୍ଦିର ନେତ

## ଡଃ ତାନଶ୍ରୀ ପାଣିଗ୍ରାହୀ

ମାଆ ଡାକ ଏକ କୁହୁକ ଶବଦ
ସେ ଥିଲେ ଆସେନି ଦୁଃଖ
ସେ ନାମରେ ଅଛି ଅମାପ ଅମୃତ
ମିଳିଯାଏ ସ୍ୱର୍ଗ ସୁଖ...

ନାନା ବାୟା ଗୀତ ଶୁଣାଏ ସରାଗେ
ନୀତିକଥା ସେ ଶିଖାଏ
ସେନେହ ପଣତେ ସନ୍ତାନେ ତାର
ଲହୁ ଲୁହ ପୋଛି ଦିଏ...

ମାଆ ବୁଝିପାରେ ଅଝଟ ଶିଶୁର
ତା ମନର ସବୁ ବ୍ୟଥା
ଖାଇବାକୁ ଦିଏ ଦୁଧ ଛେନା ଲଡୁ
ବୁଝେ ସେ ପେଟର କଥା...

ଫୁଲଠୁ ସୁନ୍ଦର ମୁହଁଟି ତାହାର
ଜହ୍ନଠୁ ଉଜ୍ୱଳତର
ତା କୋଳଟି ସଦା କୋମଳ ଝୁଲଣା
ନ ଥାଏ କାହାକୁ ଡର...

ମାଆ ହୃଦୟର ଶରଧା ମାପିବା
କେବେ ବି ନୁହେଁ ସମ୍ଭବ
ସୁଖ ପ୍ରଦାୟିନୀ ମମତାମୟୀ ସେ
ମାଆ ପରି କିଏ ହେବ...

ମାଆଠାରୁ ବଳି ଏ ତିନି ଭୁବନେ
ଅଛି କି ଅମର ଜ୍ୟୋତି
ମାଆର ପଣତ ଶ୍ରୀମନ୍ଦିର ନେତ
ଥାଏ ସୁଖ ଶାନ୍ତି ପ୍ରୀତି ॥

**ବାଲେଶ୍ୱର**



# ପଥର

## ଡ. ଶୁଭେନ୍ଦୁ ମେହେର

ପ୍ରକୃତି କୋଳରେ ପ୍ରାକୃତିକ ଭାବେ
ନଦୀ ଗର୍ଭରେ ମୁଁ ପଡ଼ିଛି ।
ଝରଣା ଜଳ ତ ମୋ' ଦେହରେ ବାଜି
ମଧୁର ସଙ୍ଗୀତ ଗାଉଛି ।।

ମୋ' ଦେହରେ ଥିବା ଖୋଦିତ ଅକ୍ଷରୁ
ଇତିହାସ କଥା ଜାଣୁଛ ।
ମୋତେ ନେଇ କେତେ କାରୁକାର୍ଯ୍ୟ କରି
ନୂଆ କୀର୍ତ୍ତିରାଜି ଗଢୁଛ ।।

ଖଣ୍ଡ ବିଖଣ୍ଡିତ ହୃଦୟକୁ ମୋ'ର
ଯୋଡିବାର ସ୍ଥିର ନୋହୁଛି ।
ମୂଳ ସ୍ଥାନୁ ମୋତେ ନେଲେ କେ ଦୂରକୁ
ସୌନ୍ଦର୍ଯ୍ୟ ମୋ' କ୍ଷୟ ହେଉଛି ।।

ଶିଳ୍ପୀର ନିହାଣ ବାଜିଲେ ମୋ' ଦେହେ
ଦିବ୍ୟ ରୂପକାନ୍ତି ଝଟକେ ।
ମୋ କଳା କିରତୀ ପାଇଁ ଯଶ ଖ୍ୟାତି
ମଧୁରୁ ମଧୁର ମହକେ ।।

ସିନ୍ଦୁର ଟିକିଏ ବାଜିଲେ ମୋ' ଦେହେ
ଠାକୁର ମୁହଁ ହେଉଅଛି ।
ଏ କଳି ମାନବ ମୋତେ ଖଣ୍ଡକରି
ପାଚେରୀ ମହଲ କରୁଛି ।।

ଶ୍ରୀରାମ ଚରଣ ବାଜିଲା ଯେମିତି
ଅହଲ୍ୟା ସୁନ୍ଦରୀ ହୋଇଲି ।
ନଳ ନିଳ ହାତେ ଧରାଦେଲି ବୋଲି
ସମୁଦ୍ର ଜଳରେ ଭାସିଲି ।।

କାହାର ମଝିରେ ନାହିଁ ମୋ'ର ସ୍ଥାନ
ପାଦରେ ଆଡେଇ ଦେଉଛି ।
ତୁଠକୁ ଯାଇ ମୁଁ ବସିଦିଏ ଯେବେ
ପାହାର କେତେ ମୁଁ ଖାଉଛି ।।

ସିନ୍ଦୁର ପିନ୍ଧିଲେ ନୂଆ ନାମେ ମୁହିଁ
କେତେ ଭାବେ ପୂଜା ପାଉଛି ।
ଶତ ଝଡ଼ ଝଞ୍ଜା ସହିପାରେ ବୋଲି
ପଥର ନାମଟି ବହିଛି ।।

**ଯାଲୋଏ, ସୁବର୍ଣ୍ଣପୁର**



# ଅମୃତ

## କବି ଭାରତୀ ବାସନ୍ତୀ ଲତା ଜେନା

ଭଲ ଚିଜ ଯେତେ ସଂସାରେ ଅମୃତ
ମନ୍ଦ ହୁଏ ବିଷ ତୁଲ
ମଧୁର ବଚନେ ପ୍ରାଣୀ ମନ ତୋଷ
ସଭିଏଁ ପାଇବେ ଭଲ ।୧।

ସତ୍ୟ ଧର୍ମ ନ୍ୟାୟ ଅମୃତର ସୁଧା
ଭୂଷଣ ତାକୁ କରିବ
ରାଗ ହିଂସା କ୍ରୋଧ ପରଶ୍ରୀକାତର
ସ୍ୱାର୍ଥନ୍ୱେଷି ନ ହୋଇବ ।୨।

ନମ୍ରତା ସୁଶୀଳ ଶିଷ୍ଟତା ଗୁଣରେ
ଜନ ମନକୁ ହରିବ
ମିଠା କଥା କହି ସାନ୍ତ୍ୱନା ଦେଲେ ତ
ଆପଣାର ହୋଇ ଯିବ ।୩।

କପଟ ଛଳନା ଦୂର କରି ଦେବ
ନିଃସ୍ୱାର୍ଥପର ହୋଇବ
ମାନବ ହିତରେ ନିଜକୁ ସମର୍ପି
ଯଶ କିର୍ତ୍ତି ରଖୁ ଥିବ ।୪।

ଶୁଭ ବେଳା ହୁଏ ଅମୃତ ସଦୃଶ୍ୟ
ସବୁ ଶୁଭ କାର୍ଯ୍ୟ ହୁଏ
ଅଶୁଭ ବେଳାରେ କାର୍ଯ୍ୟ ଆରମ୍ଭିଲେ
ମନେ ଶଙ୍କା ଆସୁ ଥାଏ ।୫।

ଲୋଭ ମୋହ ଅହଂ ଦୂର କରି ଦେବ
ନିଃସ୍ୱାର୍ଥପର ହୋଇବ
ମାନବ ହିତରେ ନିଜକୁ ସମର୍ପି
ଯଶ କିର୍ତ୍ତି ରଖି ଯିବ ।୬।

**ଗାନ୍ଧୀନଗର , ପୋଷ୍ଟ / ଜିଲ୍ଲା: ନବରଙ୍ଗପୁର**



# ଆମ ସମ୍ବିଧାନ ଆମରି ବଳ

## ଅନୁପମା ବିଶ୍ୱାଳ

ଆମରି ଦେଶର ସର୍ବୋଚ୍ଚ ବିଧି
ପ୍ରଶାସନ, ନୀତିନିୟମ, ଅଧିକାର ନିଧି।
ନୁହେଁ କେବଳ ଭାରତର
ଆମ ସମ୍ବିଧାନ ଦୀର୍ଘତମ ଲିଖିତ ସମ୍ବିଧାନ ବିଶ୍ୱର।

ନ୍ୟାୟ,ସମାନତା,ସ୍ୱତନ୍ତ୍ରତାରେ ରହିଛି ମାନ୍ୟତା
ପ୍ରଚାରେ ଓ୍ୱସୁଧୈବ କୁଟୁମ୍ବକମ୍ ର ବାର୍ତ୍ତା
ସାମିଲ କରିଛି ବିଭିନ୍ନତାରେ ଏକତା।
ଗଣତନ୍ତ୍ରରେ ରଖି ଅଖଣ୍ଡତା ବଜାୟ
ଦେଶ ମର୍ଯ୍ୟାଦା ପହଂଚାଇଛି ହୋଇ ନିର୍ଭୟ।


ଘରେ ଘରେ ପ୍ରାପ୍ତ ମୌଳିକ ସୁବିଧା
ଅଧିକାର ପାଇବାରେ ନାହିଁ କିଛି ବାଧା
ପ୍ରତ୍ୟକ୍ଷ ନିର୍ବାଚିତ ପ୍ରତିନିଧି କରେ
ଦେଶ ସଂସଦ ପରିଚାଳନା
ରାଜ୍ୟପାଇଁ ବିଧାନସଭାକୁ ହୋଇ ଉଚ୍ଚମନା।

ରହିଛି ଶାସନ ବ୍ୟବସ୍ଥାରେ
ପ୍ରଶାସନ ଓ ରାଜନୈତିକ ଦାୟିତ୍ୱ,
ଆଇନ କାନୁନର ଏକ୍ତୁଡ଼ିଶାଳ
ସଂସଦ,ବିଧାନସଭାରେ ମହତ୍ତ୍ୱ ତଥା
ବଳ ବୋଲି ଦାବିକରୁଥିବା ଜନତାର କର୍ତ୍ତବ୍ୟ।

ଦେଇଛି ସମ୍ବିଧାନ ନୈତିକ ଶିକ୍ଷା ଓ
ସହ ବୌଦ୍ଧିକ ଜ୍ଞାନ
କରିଛି ସର୍ବଦା ଅଧିକାର ପ୍ରତି ସଚେତନ
ଜାଗ୍ରତ କରିଛି ସୁପ୍ତ ଚେତନ
ପ୍ରତିକ୍ଷଣେ କୁହେ ,"ତୁମେ ନୁହଁ ପରାଧୀନ,
ତୁମେ ସ୍ୱାଧୀନ ଦେଶର ସନ୍ତାନ।

ସୁରକ୍ଷା, ସାର୍ବଭୌମତ୍ୱ,ଆର୍ଥିକ
ସବୁଥିରେ ସାଜିଛି ପ୍ରତୀକ
ତଥାପି,ଉଗ୍ର ଆଧୁନିକ କବଳିତ ସାମାଜିକ ସ୍ଥିତି
ତହିଁରେ ମିଶାମିଶି ଲୋକଙ୍କ ପ୍ରବୃତ୍ତି
ଦେଉଛି ସୁଯୋଗ ଆତ୍ମସମୀକ୍ଷା କରିବାରେ
ଆମରି ଆଚରଣ,ବ୍ୟବହାର ଓ ଦାୟିତ୍ୱ ଜ୍ଞାନରେ।
**********

ସମ୍ବଲପୁର



# ଅନେକ କଥା ଲେଖେନି ଖବରକାଗଜ

## ଭାରତୀ ହୋତା

କଢ଼ଟିଏ ଫୁଲ ହୋଇ ଫୁଟିମହକିବା
ଚଢ଼େଇ ଛୁଆଟେ ତା ବସାରୁ ଖସି ପଡ଼ିବା
ହଡ଼ା ବଳଦର ଆତ୍ମଗ୍ଲାନି
ଭିଟା ମାଟି ଛାଡ଼ି ଗାଁର ବୁଢ଼ାଟିଏ
ମାନସିକ ଭାରସାମ୍ୟ ହରାଇବା ।

କିଛି କଥା ରହିଯାଏ ଆଢୁଆଳରେ
ବାଜି ହାରିଥିବା ମଣିଷ
ପୋଡିଯାଇଥିବା ମୁଁହର ନକ୍ସା
ଅବହେଳିତ ବୃଦ୍ଧ ବୟସର ନିଃସଙ୍ଗତା
ବିଧବାର ଉଦାସ ଅପରାହ୍ନ
ପୁଣି କେଉଁଠି ହୃଦୟଟିଏ ନିଃଶବ୍ଦରେ
ଖଣ୍ଡ ଖଣ୍ଡ ହୋଇଯିବା କଥା।

ସେଠି ଲେଖା ହୁଏ ନି
ଉଜୁଡ଼ି ଯାଉଥିବା ଗାଁ କଥା
ସମ୍ପର୍କ ଦିନୁଦିନ ବସ୍ତୁବାଦୀ ହେବା
ବେଦୀରୁ ଫେରି ଯାଉଥିବା ବରଯାତ୍ରୀ ପାଖେ
ପଣତ ପାତି କନ୍ୟା ପିତାମାତାର ଆତୁର ନିବେଦନ କଥା।

ସେଠି ଲେଖା ହୁଏ ନି
ଅଦିନରେ କୋଇଲିର କୁଜନ
ଆମ୍ବ ଗଛରେ ବଉଳ
ପୁଣି କେଉଁଠି କଅଁ ଳ ସ୍ୱପ୍ନର ନୂଆ ଚାରା ଗଛକଥା
ଆଉ ସେଥିପାଇଁ ଲେଖା ହୁଏ କବିତା ।

**ଖରିଆର ରୋଡ଼**
**ନୂଆପଡ଼ା**

# ଶୀତ ସକାଳ

## ଶୋଭାମୟୀ ପାତ୍ରୀ

ଭାରି ମଜା ଲାଗେ ଶୀତ ସକାଳରେ
ମୁଢ଼ି ସଙ୍ଗେ ନାଲିଚାହା,
ସାଙ୍ଗ ସାଥି ମେଳେ ଧୂନି ଜଳା ପୁଣି
କଅଁଳିଆ ଖରା ପୁହା ।
କମଳ ଚାଦର ଶ୍ୱେଟେର ମଫ୍ଲର
ଓଢ଼ି ବସିବାର ମଜା,
ବିଲ ପଡିଆରେ ଗୁଡ଼ି ଉଡ଼ା ଖେଳ
ହେଉଅଛି ପୁଣି ତାଜା ।
ପତର କୁଟାକୁ ଏକାଠି କରିକି
ଧୂନି ଜାଳି ଟାଣୁ ତାପ,
ଚାଙ୍ଗରା ପାରିକି ଅଜା ଚାରିପାଖେ
ଘେରି ବସି ଶୁଣୁ ଗପ ।
ଭିନ୍ନ ଭିନ୍ନ ପନିପରିବା ସାଥିରେ
ବନଭୋଜି ଆୟୋଜନ,
ଧୂସର କ୍ଷେତରେ ସୁନେଲି ଫସଲ
ଉଚ୍ଛନ୍ନ କଲାଣି ମନ ।
ଶୀତଳ ଜଳକୁ ନିଆଁ ପରି ଡର
ଲାଗୁଥାଏ ଶୀତଦିନେ,
ଅଳସକୁ ତେଜି ହୁଅ ହେ କର୍ମଠ
ଶୀତ କହେ କାନେକାନେ ।
ମୁକ୍ତାର ଓଢ଼ଣୀ ଘୋଡ଼ି ଶୀତ ରାଣୀ
ଥିରି ପାଦେ ଛୁଏଁ ଧରା,
ମାଘେ ବାଘ ପରି ମାଡ଼ିବସେ ପୁଣି
ପ୍ରସାରିଣ ତାର ଘେରା ।
ଖଗ ଶାବକଙ୍କ କିଚିରି ମିଚିରି
କେଳିକୁସୁମର ଖେଳା,
ଶୀତ ସକାଳର ମନୋରମ ଶୋଭା
ସତେକି ପିୟୁଷ ବୋଳା ।
କାହିଁ କେତେ ଦୂରୁ ଆସନ୍ତି ବିହଙ୍ଗେ
ଶୀତ ଅନୁଭବ ନେଇ,
ଶୀତରୁ ପ୍ରୀତିର ଉଷ୍ମତା ଲଭନ୍ତି
ମିଳନର ଋତୁ ଏଇ ।
କୁଆଁର ପୁନିୟ ଡାଙ୍ଗୁଡ଼ିରେ ବସି
ଓଳି ଡେଇଁ ପଶେ ଶୀତ,
ପୁଣ୍ୟ ମଗୁଶୁରେ ମାତୃ ଆବାହନେ
ମନମୁନ କରେ ପୂତ ।
କାର୍ତ୍ତିକରେ ପୁଣି ବନ୍ଦାଏ ବୋଇତ
ସାଧବାଣୀ ସାଥେ ସେହି,
ଅନୁକୂଳ ଯୋଗ ନିରିମଳ ପାଗ
ଗୌରବର ଗାଥା ଗାଇ ।
ଶୀତ ସହ ମିତ ବସିଛି ବୋଲିକି
ଦୁନିଆ ଲାଗୁଛି ନୂଆ,
ପ୍ରକୃତି ରାଣୀର ଅନୁପମ ଶୋଭା
ଶିରି ଆହା ମନଛୁଆଁ ।
ଥରି ଥରି ଓଠ ଥିରି ଥିରି ଗାଏ
ଶୀତ ରାଣୀ ଗୀତ ପରା,
କୋମଳ ପରସ ଖେଳାଏ ହରସ
ମିତ ତା ଜଗତ ସାରା ।

**କେନ୍ଦ୍ରାପଡ଼ା**

